R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୫୭
ତିଥି : ଦଶମୀ
୧୩ ମାର୍ଚ୍ଚ ୨୦୨୬, ଶୁକ୍ରବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 157
13 March 2026, Friday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ରାଜ୍ୟରେ ୪୦° ଛୁଇଁଲା ପାରଦ

### ଆଉ ଦୁଇଦିନ ତାତି ବଢ଼ିବ / ୧୫ ରୁ କାଳବୈଶାଖୀ ବର୍ଷା

ଭୁବନେଶ୍ୱର, ୧୨ ।୩ (ସବ୍ୟୁ) : ରାଜ୍ୟରେ ପ୍ରଥମ ଥର ପାଇଁ ୪୦° ଛୁଇଁଛି ଦିନର ତାପମାତ୍ରା । ଏହାସହ ଆଭ୍ୟନ୍ତରୀଣ ଓ ଉପକୂଳର କେତେକ ଅଞ୍ଚଳରେ ପାରଦ ୪୦° ପାଖାପାଖି ରହିଛି । ଗୁରୁବାର ଝାରସୁଗୁଡାରେ ସର୍ବାଧିକ ତାପମାତ୍ରା ୪୦.୮° ରେକର୍ଡ କରାଯାଇଛି । ଆଉ ଦୁଇଦିନ ସର୍ବୋଚ୍ଚ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ଅଛି । ତେବେ ୧୫ ତାରିଖରୁ କାଳବୈଶାଖୀ ପ୍ରଭାବରେ ତାପମାତ୍ରା କ୍ରମଶଃ ହ୍ରାସ ପାଇବ ।

ପାଣିପାଗ ବିଶେଷଜ୍ଞଙ୍କ କହିବାନୁସାରେ, ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ଦିନର ତାପମାତ୍ରା ୨ ରୁ ୩° ପର୍ଯ୍ୟନ୍ତ ବୃଦ୍ଧି ପାଇବ । ଗୁରୁବାର ଝାରସୁଗୁଡା ସବୁଠୁ ଉତ୍ତପ୍ତ ସହର ଥିବା ବେଳେ ଭୁବନେଶ୍ୱରରେ ଝାଞ୍ଜି ପବନ ପ୍ରବାହ ହୋଇଥିଲା । ଅପରାହ୍ନ ୪.୩୦ ଟା ପର୍ଯ୍ୟନ୍ତ ଗରମ ଅନୁଭୂତ ହୋଇଥିଲା । ଭୁବନେଶ୍ୱରରେ ସର୍ବୋଚ୍ଚ (୯ ପୃଷ୍ଠାରେ)

## ସିଇସିଙ୍କ ଅପସାରଣ ଲାଗି ବିରୋଧୀ ଦେବେ ନୋଟିସ୍

ନୂଆଦିଲ୍ଲୀ, ୧୨ ।୩ : ମୁଖ୍ୟ ନିର୍ବାଚନ କମିଶନ (ସିଇସି) ଜ୍ଞାନେଶ କୁମାରଙ୍କ ଅପସାରଣ ଲାଗି ବିରୋଧୀ ସାଂସଦଙ୍କ ପକ୍ଷରୁ ସ୍ୱାକ୍ଷର ସଂଗ୍ରହ କରାଯାଉଛି । ଖୁବ୍‌ଶୀଘ୍ର ସଂସଦରେ ଏହାକୁ ଉପସ୍ଥାପନ କରାଯିବ । ମୁଖ୍ୟ ନିର୍ବାଚନ କମିଶନଙ୍କ ବିରୋଧରେ ପକ୍ଷପାତିତା ଓ ଭେଦଭାବମୂଳକ ବ୍ୟବହାର କରୁଛନ୍ତି ବୋଲି ଅଭିଯୋଗ କରାଯାଇଛି । ଉଭୟେ ଲୋକସଭା ଓ ରାଜ୍ୟସଭାରେ ଦିନେ ଓ ଦୁଇଦିନ ମଧ୍ୟରେ ଏହି ନୋଟିସ୍ ଦିଆଯିବ । ପ୍ରାୟ ୧୮୦ ସାଂସଦ ଏଥିରେ ସ୍ୱାକ୍ଷର କରିଥିବା ସୂଚନା ମିଳିଛି ।

ଜଣେ ବରିଷ୍ଠ ସାଂସଦ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଗୁରୁବାର ସୁଦ୍ଧା ସ୍ୱାକ୍ଷର ସଂଗ୍ରହ କାର୍ଯ୍ୟକ୍ରମ ଶେଷ ହେବ ଓ ଏହାକୁ ସଂସଦରେ ନୋଟିସ ଲାଗି ପ୍ରଦାନ କରାଯିବ । ଲୋକସଭାର ପ୍ରାୟ ୧୨୦ ଓ ରାଜ୍ୟସଭାର ୬୦ ସାଂସଦ ସ୍ୱାକ୍ଷର କରିଛନ୍ତି । ନିୟମ ଅନୁଯାୟୀ ୧୦୦ ସାଂସଦ ସ୍ୱାକ୍ଷର କଲେ ଲୋକସଭାରେ ସିଇସିଙ୍କ ଅପସାରଣ ପାଇଁ ନୋଟିସ୍ ଆସିପାରିବ । ରାଜ୍ୟସଭାରେ ୫୦ ସାଂସଦଙ୍କ ସ୍ୱାକ୍ଷର ଦରକାର । ଜ୍ଞାନେଶ କୁମାରଙ୍କ ବିରୋଧରେ ୭ ଅଭିଯୋଗ ରହିଛି । ଭେଦଭାବ ଓ ପକ୍ଷପାତିତାମୂଳକ କାର୍ଯ୍ୟ ସହ ନିର୍ବାଚନରେ ହୋଇଥିବା ଜାଲିଆତିର ତଦନ୍ତ ପାଇଁ (୯ ପୃଷ୍ଠାରେ)

# ଗ୍ୟାସ ସଙ୍କଟ ନେଇ ହଟ୍ଟଗୋଳ

- ଚାଲିପାରିଲାନି ପ୍ରଥମାର୍ଦ୍ଧ ଅଧିବେଶନ
- କଂଗ୍ରେସ ସଭ୍ୟଙ୍କ ପ୍ଲାକାର୍ଡ ପ୍ରଦର୍ଶନ
- ନିଜ ଆସନରେ ଛିଡ଼ା ହୋଇ ବିଜେଡି ସଭ୍ୟଙ୍କ ପ୍ରତିବାଦ

ଭୁବନେଶ୍ୱର, ୧୨ ।୩ (ସବ୍ୟୁ) : ସାରା ଦେଶରେ ଏଲପିଜି ଗ୍ୟାସ ସିଲିଣ୍ଡର ଯୋଗାଣ ସଙ୍କଟ ଥିବାବେଳେ ରାଜ୍ୟରେ ବି ଗ୍ୟାସ ବିତରଣରେ ପ୍ରଭାବ ପକାଇଛି । ଗୁରୁବାର ବିଧାନସଭାରେ ଗ୍ୟସ ସିଲିଣ୍ଡର ତାତି ଦେଖିବାକୁ ମିଳିଛି । ଉଭୟ ବିରୋଧୀ କଂଗ୍ରେସ ଓ ବିଜେଡି ସଭ୍ୟମାନେ ଗୃହରେ ପ୍ରତିବାଦ କରିଛନ୍ତି । ଫଳରେ ପ୍ରଶ୍ନକାଳ, ଶୂନ୍ୟକାଳ ଓ ମୁଲତବୀ ପ୍ରସ୍ତାବ ଆଲୋଚନା ହୋଇପାରିନଥିଲା ।

ଗୁରୁବାର ପ୍ରଶ୍ନକାଳ ଆରମ୍ଭରୁ କଂଗ୍ରେସ ସଭ୍ୟମାନେ ହାତରେ ପ୍ଲାକାର୍ଡ ଧରି ଗୃହ ମଧ୍ୟକୁ ଚାଲିଆସିଲେ । ଗ୍ୟାସ ମିଳୁନି, ଜନତା ହନ୍ତସନ୍ତ...ଡବଲ ଇଞ୍ଜିନରେ ଡବଲ ଧୋକା ଚଳିବ ନାହିଁ...ସ୍ଲୋଗାନରେ କମ୍ପି ଉଠିଥିଲା ଗୃହ । କଂଗ୍ରେସ ସଭ୍ୟମାନେ ବାଚସ୍ପତିଙ୍କ ପୋଡିୟମ ତଳେ ପ୍ରବଳ ହଟ୍ଟଗୋଳ କରିଥିଲେ । ଏହାରି ଭିତରେ ପ୍ରଶ୍ନର ଉତ୍ତର ରଖିଥିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ । ତେବେ ବିଜେଡି ସଭ୍ୟମାନେ ଗୃହ ମଧ୍ୟଭାଗକୁ ନଆସିଲେ ମଧ୍ୟ ନିଜ ଆସନରେ ଛିଡା ହୋଇ ପ୍ରତିବାଦ ଜଣାଇଥିଲେ । ଗୃହରେ ଅସ୍ୱାଭାବିକ ପରିସ୍ଥିତି (୯ ପୃଷ୍ଠାରେ)



### ଲୋକସଭାରେ ବିରୋଧୀ ଉଠାଇଲେ ପ୍ରସଙ୍ଗ

ନୂଆଦିଲ୍ଲୀ, ୧୨ ।୩ : ଦେଶବ୍ୟାପୀ ଦେଖାଦେଇଥିବା ଗ୍ୟାସ ସଙ୍କଟକୁ ନେଇ ଆଜି ବିରୋଧୀ ସଦସ୍ୟମାନେ ଲୋକସଭାରେ ହଙ୍ଗାମା କରିଛନ୍ତି । ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଲୋକସଭା ଆରମ୍ଭ ହେବାର ଦୁଇମିନିଟ୍ ପରେ ମୁଲତବୀ ହୋଇଯାଇଥିଲା । ବିରୋଧୀ ସାଂସଦମାନେ ସଂସଦଭବନ ପରିସରରେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଦେଶରେ କୌଣସି ଗ୍ୟାସ ସମସ୍ୟା ନାହିଁ ବୋଲି ସରକାର କହୁଥିବାବେଳେ ପ୍ରକୃତ ପକ୍ଷେ ହାହାକାର ସ୍ଥିତି ସୃଷ୍ଟି ହୋଇଛି । ପ୍ରଧାନମନ୍ତ୍ରୀଙ୍କୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି କଟାକ୍ଷ କରିଛନ୍ତି । ବିରୋଧୀ ସଦସ୍ୟମାନେ ହାତରେ ପ୍ଲାକାର୍ଡ ଧରି ସଂସଦ ପରିସରରେ ହଟ୍ଟଗୋଳ କରିଛନ୍ତି ।






ନିକଟରେ ବେଜିଂ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲରେ ଚୀନର ଅଭିନେତ୍ରୀ ଝାଙ୍ଗ ଜିଙ୍ଗୟୀଙ୍କୁ ଏକ ଭିନ୍ନ ଧରଣର ହ୍ୟାଣ୍ଡବ୍ୟାଗ ଧରିଥିବାର ଦେଖିବାକୁ ମିଳିଥିଲା । ସେ ଏଥିରେ ଏକ ପଲିଥିନ ଜରିକୁ ବ୍ୟାଗ କରି ଧରିଥିଲେ ବୋଲି ସୋସିଆଲ ମିଡିଆରେ ଆଲୋଚନା ହେଉଛି । କାରଣ ସୋସିଆଲ ମିଡିଆରେ ତାଙ୍କର ଏକ ଫଟୋ ଭାଇରାଲ ହୋଇଛି ଯେଉଁଥିରେ ସେ ଏହି ପଲିଥିନ ଧରିଥିବାର ଦେଖିବାକୁ ମିଳୁଛି । ସୋସିଆଲ ମିଡିଆରେ ହେଉଥିବା ଆଲୋଚନା ଅନୁସାରେ ଏହି ବ୍ୟାଗଟିକୁ ଲଗଜୁରୀ ବ୍ରାଣ୍ଡ ବେଲୋଂସିୟାଗା ପ୍ରସ୍ତୁତ କରିଛି, ଏହି କଲେକସନର ନାଁ ରହିଛି ଟ୍ରାସ ବ୍ୟାଗ । ବ୍ରାଣ୍ଡର ଏହି ପ୍ରୋଜେକ୍ଟ ପ୍ରଥମଥର ପାଇଁ ୨୦୨୨ରେ ଆରମ୍ଭ କରାଯାଇଥିଲା । ବର୍ତ୍ତମାନ ଫିଲ୍ମ ଫେଷ୍ଟିଭାଲରେ ଏହାକୁ ଅଭିନେତ୍ରୀ ଝାଙ୍ଗ ଧରି ଆସିବାପରେ ଏହା ପୁଣି ଚର୍ଚ୍ଚାକୁ ଆସିଛି ।

## ଫିଲ୍ମଫେଷ୍ଟିଭାଲରେ ପଲିଥିନ ବ୍ୟାଗ୍




## ସୋସିଆଲ କୋଟ୍ସ



ଶାହରୁଖଙ୍କ ସହିତ କାମ କରିବା ମୋର ଡ୍ରିମ୍ । ଇଣ୍ଡଷ୍ଟ୍ରୀରେ ଏଭଳି କେହି ନିର୍ଦ୍ଦେଶକ ନାହାନ୍ତି, ଯିଏ ଶାହରୁଖଙ୍କ ସହିତ କାମ କରିବାକୁ ନଚାହିଁବ । ହେଲେ ତାଙ୍କ ପାଇଁ ଏକ ଦମଦାର ଷ୍ଟୋରୀ ସହିତ ଚରିତ୍ର ଦରକାର ।

**ଜୋୟା ଅଖତର, ଫିଲ୍ମ ମେକର**



ମୁଁ କେବେ ବି "କଫି ଉଇଥ୍ କରଣ ଶୋ'କୁ ଏଡିଟ୍ କରେ ନାହିଁ । ସେଥିରେ ସବୁ କଥା ରିଅଲ ହିଁ ଟେଲିକାଷ୍ଟ ହୋଇଥାଏ ।

**କରଣ ଜୋହର, ଫିଲ୍ମମେକର**



ଦୀପିକାଙ୍କ ଭଳି ସ୍ତ୍ରୀ ପାଇ ମୁଁ ଖୁବ ଲକି । ସେ ମୋତେ ଅନେକ କଥା ଶିକ୍ଷା ଦେଇ ଥାଆନ୍ତି । ସେ ମୋର ଟିଚର ।

**ରଣବୀର ସିଂ, ଅଭିନେତା**

## ବଢ଼ାନ୍ତୁ ଆଖିର ଶକ୍ତି



ବୟସ ବଢ଼ିବା ସହିତ ଖରାପ ଜୀବନଶୈଳୀ ମଧ୍ୟ ଆଖିର ଦୃଷ୍ଟିଶକ୍ତିକୁ ପ୍ରଭାବିତ କରିଥାଏ, ଯେଉଁଥିରେ ପୋଷଣର ଅଭାବ, ବିଶେଷକରି ( ଭିଟାମିନ୍ ଏ, ସି ଏବଂ ଓମେଗା - ୩ ), ଦୀର୍ଘ ସମୟ ଧରି ମୋବାଇଲ୍ ବା କମ୍ପ୍ୟୁଟର ସ୍କ୍ରିନ୍ ଦେଖିବା ଦ୍ୱାରା ଆଖି ଉପରେ ଚାପ ବଢିଥାଏ । ଅନିଦ୍ରା, ଧୂମପାନ, ଧୂଳି-ଧୂଆଁ ଏବଂ ଅନ୍ଧାରରେ ଉଜ୍ଜ୍ୱଳ ସ୍କ୍ରିନ୍ ଦେଖିବା ଭଳି ଅଭ୍ୟାସ ଆଖିର ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥାଏ । ଯଦିଓ ଆଖିର ଦୃଷ୍ଟିଶକ୍ତିକୁ ସମ୍ପୂର୍ଣ୍ଣ ଭାବେ ବଢ଼ାଇବା ସମ୍ଭବ ନୁହେଁ, କିନ୍ତୁ ଏକ ସନ୍ତୁଳିତ ଖାଦ୍ୟ ଏବଂ ସଠିକ୍ ଜୀବନଶୈଳୀ ମାଧ୍ୟମରେ ଏହାକୁ ଉନ୍ନତ କରାଯାଇପାରିବ । ଏହାସହ ଦୃଷ୍ଟିଶକ୍ତିକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସୁସ୍ଥ ରଖାଯାଇପାରିବ । ଦୃଷ୍ଟିଶକ୍ତି ବଜାୟ ରଖିବା ପାଇଁ ଖାଦ୍ୟରେ ଗାଜର, ପାଳଙ୍ଗ, ବ୍ରୋକୋଲି ଓ ଖଟାଫଳ ସାମିଲ କରିବା, ସ୍କ୍ରିନ୍ ଦେଖିବା ସମୟରେ ମଝିରେ ମଝିରେ ବିରତି ନେବା, ଖରାରେ ବାହାରକୁ ଯିବା ବେଳେ ୟୁଭି ପ୍ରୋଟେକ୍ସନ ଚଷମା ପିନ୍ଧିବା, ନିୟମିତ ବ୍ୟାୟାମ କରିବା, ମଧୁମେହ ନିୟନ୍ତ୍ରଣରେ ରଖିବା ଏବଂ ସମୟ ସମୟରେ ଆଖି ପରୀକ୍ଷା କରାଇବା ଜରୁରୀ ଅଟେ । ଏହା ସହିତ ଆଖିର ମାଂସପେଶୀକୁ ଆରାମ ଦେବା ପାଇଁ ବିଭିନ୍ନ ପ୍ରକାରର ବ୍ୟାୟାମ ରହିଛି ଯାହାକୁ କରିବା ଦ୍ୱାରା ଆଖିକୁ ଆରାମ ମିଳିଥାଏ । ଉନ୍ନତ ଦୃଷ୍ଟିଶକ୍ତି ପାଇଁ ଭିଟାମିନ୍ ଏ, ସି, ଇ, ଜିଙ୍କ୍ ଏବଂ ଓମେଗା-୩ ଫ୍ୟାଟି ଏସିଡ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ଦୈନିକ ଖାଦ୍ୟରେ ସବୁଜ ପନିପରିବା, ରଙ୍ଗବେରଙ୍ଗର ଫଳ ଓ ନଟ୍ସ ସାମିଲ କରିବା ଦ୍ୱାରା ଆଖିର ସ୍ୱାସ୍ଥ୍ୟ ଦୀର୍ଘକାଳୀନ ଭାବେ ଭଲ ରହିଥାଏ ।

## ଚୋର ଧରୁଛି ରୋବଟ

ଆଜିକାଲି ରୋବଟକୁ ବିଭିନ୍ନ ସ୍ଥାନରେ ନିୟୋଜିତ କରାଯାଉଛି । ସେହିଭଳି ଏକ ରୋବଟ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ସୂଚନା ଅନୁସାରେ ଭାରତୀୟ ରେଳବିଭାଗ ପକ୍ଷରୁ ବିଶାଖାପଟନମ୍ ରେଲୱେ ଷ୍ଟେସନରେ ଏକ ରୋବୋଟିକ ସିକ୍ୟୁରିଟି ଅଫିସର ନିୟୋଜିତ କରାଯାଇଛି । ଏହା ଦେଶର ପ୍ରଥମ ରୋବଟ ଅଫିସର ଯାହାକୁ ନିଯୁକ୍ତ କରାଯାଇଛି । ଏହାର ନାମ ଏଏସ୍ସି ଅର୍ଜୁନ ରଖାଯାଇଛି । ଏହା ଲୋକଙ୍କୁ ନମସ୍କାର ଓ ସାଲୁଟ୍ ମାରୁଥିବାର ଦେଖିବାକୁ ମିଳୁଛି । ଏହାସହ ଏହି ରୋବଟରେ ଥିବା ଜ୍ଞାନକୌଶଳକୁ ବ୍ୟବହାର କରି ସେ ଅପରାଧୀମାନଙ୍କୁ ଚିହ୍ନଟ କରୁଛି । ଯଦି ଷ୍ଟେସନରେ କୌଣସି ଅପରାଧୀର ଚେହେରା ଦେଖିବାକୁ ମିଳେ ତେବେ ରୋବଟଟି ତୁରନ୍ତ କଣ୍ଟ୍ରୋଲ ରୁମକୁ ଆଲର୍ଟ କରିଥାଏ । ଷ୍ଟେସନର ୮ ଟି ପ୍ଲାଟଫର୍ମରେ ଏହାକୁ ବ୍ୟବହାର କରି ଅପରାଧୀ ଚିହ୍ନଟ ଓ ଭିଡ ନିୟନ୍ତ୍ରଣ ଉଭୟ କାମ କରାଯାଉଛି । ଏହାସହ ରୋବଟଟି ଟ୍ରେନର ସମୟ ସହିତ ନମ୍ବର ମଧ୍ୟ ଯାତ୍ରୀଙ୍କୁ କହୁଛି । ବର୍ତ୍ତମାନ ଏହା ହିନ୍ଦୀ, ଇଂରାଜୀ ଓ ତାମିଲ ଭାଷାରେ କଥା ହେଉଛି । ସେହିଭଳି ରୋବଟର ନିୟନ୍ତ୍ରଣ କଣ୍ଟ୍ରୋଲରୁମରୁ ହେଉଛି । ଯଦି ଏହି ପାଇଲଟ ପ୍ରୋଜେକ୍ଟଟି ସଫଳ ହେଲା ତେବେ ଏହାକୁ ଆଗକୁ ବିଭିନ୍ନ ବଡ ପ୍ଲାଟଫର୍ମରେ ଇନଷ୍ଟଲ କରାଯିବ ।




## ସେଲିବ୍ରିଟିଙ୍କର ସାଦାସିଧା ବିବାହ

ଲୋକପ୍ରିୟ ଅଭିନେତ୍ରୀ କୃତିକା କାମ୍ରା ଏବଂ ପରିଚିତ ହୋଷ୍ଟ ଗୌରବ କପୁର ମାର୍ଚ୍ଚ ୧୧ ସନ୍ଧ୍ୟାରେ ମୁମ୍ବାଇର ବାନ୍ଦ୍ରାସ୍ଥିତ ନିଜ ବାସଭବନରେ ଏକ ନିଜସ୍ୱ ସମାରୋହରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । କୌଣସି ବଡ଼ ଧରଣର ଆଡ଼ମ୍ବର ପରିବର୍ତ୍ତେ ଉଭୟେ ଘରୋଇ ପରିବେଶରେ ରେଜିଷ୍ଟ୍ରି ମ୍ୟାରେଜ୍ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହି ଅବସରରେ କେବଳ ପରିବାର ସଦସ୍ୟ ଏବଂ କିଛି ଅତି ନିକଟତର ବନ୍ଧୁ ଉପସ୍ଥିତ ଥିଲେ । ବିବାହ ସମୟରେ କୃତିକା ତାଙ୍କ ମା'ଙ୍କ ଦ୍ୱାରା ଉପହାର ସ୍ୱରୂପ ମିଳିଥିବା ଏକ ସୁନ୍ଦର ନାଲି ରଙ୍ଗର ଚାନ୍ଦେରୀ ଶାଢ଼ୀ ପିନ୍ଧିଥିଲେ । ସେହିପରି ଗୌରବ ଡିଜାଇନର୍ ରାଘବେନ୍ଦ୍ର ରାଠୋରଙ୍କ ଦ୍ୱାରା ପ୍ରସ୍ତୁତ ଆଇଭରି ଓ ଗୋଲ୍ଡ ରଙ୍ଗର ପାରମ୍ପରିକ ପୋଷାକରେ ବେଶ୍ ଆକର୍ଷଣୀୟ ଦେଖାଯାଉଥିଲେ । ବିବାହ ପରେ ଆୟୋଜିତ ଆଫ୍ଟର-ପାର୍ଟିରେ କ୍ରିକେଟ୍ ଜଗତରୁ ବୀରେନ୍ଦ୍ର ସେହୱାଗ, ଜାହିର ଖାନ ଓ ଯୁବରାଜ ସିଂହଙ୍କ ସମେତ ବଲିଉଡର ନେହା ଧୂପିଆ, ଅଙ୍ଗଦ ବେଦୀ, ସୋହା ଅଲୀ ଖାନ ଏବଂ ମଲାଇକା ଆରୋରାଙ୍କ ଭଳି ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ସାମିଲ ହୋଇଥିଲେ । ଜୀବନର ଏହି ନୂତନ ଅଧ୍ୟାୟକୁ ନିଜ ପ୍ରିୟଜନଙ୍କ ଗହଣରେ ଆରମ୍ଭ କରିଥିବାରୁ ଉଭୟ ଦମ୍ପତି ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି । ସେହିଭଳି ଉଭୟଙ୍କ ଫ୍ୟାନମଧ୍ୟ ଏହାକୁ ନେଇ ଖୁବ ଖୁସି ଅଛନ୍ତି । ସୋସିଆଲ ମିଡିଆରେ ସମସ୍ତେ ଉଭୟଙ୍କୁ ଶୁଭେଚ୍ଛା ଜଣାଉଥିବା ଦେଖିବାକୁ ମିଳିଛି ।

## ଫୁଲକୋବି ପାୟସ



**ସାମଗ୍ରୀ-** ଫୁଲକୋବି ୧ଟା, କ୍ଷୀର ୧ ଲିଟର, ଚିନି ଅଧାକପ, ଘିଅ, କାଜୁ, ଗୁଜୁରାତି, କିସମିସ ।

**ପ୍ରଣାଳୀ-** ଫୁଲକୋବିକୁ କୋରି ତାକୁ ଘିଅରେ ଭାଜି ନିଅନ୍ତୁ । କାଜୁ କିସମିସକୁ ମଧ୍ୟ ଘିଅରେ ଭାଜିନିଅନ୍ତୁ । ଗୁଜୁରାତିକୁ ଗୁଣ୍ଡ କରି ରଖନ୍ତୁ । ବର୍ତ୍ତମାନ ଏକ ପାତ୍ରରେ କ୍ଷୀର ଓ ଚିନିକୁ ମିଶାଇ ଆଞ୍ଚରେ ବସାନ୍ତୁ । ଏହି କ୍ଷୀର ଲାଲ ପଡି ଆସିଲେ ସେଥିରେ ଫୁଲକୋବି କୋରା ପକାଇ ଫୁଟାନ୍ତୁ । ଏହି ମିଶ୍ରଣ ବହଳିଆ ହୋଇ ଆସିଲେ ସେଥିରେ କୋବି କୋରା ପକାଇ ଫୁଟାନ୍ତୁ । ଏହି ମିଶ୍ରଣ ବହଳିଆ ହୋଇଆସିଲେ ସେଥିରେ ଭଜା କାଜୁ, କିସମିସ ଓ ଗୁଜୁରାତି ଗୁଣ୍ଡ ମିଶାଇ ନିଅନ୍ତୁ । ବର୍ତ୍ତମାନ ଆଞ୍ଚ ବନ୍ଦ କରିନିଅନ୍ତୁ ପ୍ରସ୍ତୁତ ହୋଇଗଲା ଫୁଲକୋବି ପାୟସ ।



## ଇତିହାସ

୧୭୮୧-ଖଗୋଳଶାସ୍ତ୍ରୀ ୱିଲିୟମ ହର୍ସଲ୍ୟୁରେନ୍ସ ଗ୍ରହର ଆବିଷ୍କାର କରିଥିଲେ ।

୧୮୦୦- ମରାଠା ସାମ୍ରାଜ୍ୟର ପ୍ରସିଦ୍ଧ ରାଜନେତା ନାନା ଫଡନାବିସ୍ଙ୍କ ନିଧନ ।

୧୮୮୧- ରୁଷ୍ର ଶାସକ ଆଲେକ୍ସଜାଣ୍ଡାର ଦ୍ୱିତୀୟଙ୍କୁ ହତ୍ୟା କରାଯାଇଥିଲା ।

୧୯୩୮- ଅଷ୍ଟ୍ରିଆ ଓ ଜର୍ମାନୀ ଭିତରେ ଏକ ରାଜନୈତି କ୍ୟୁନିୟନ୍ର ଘୋଷଣା କରାଯାଇଥିଲା ।

୧୯୫୬- ନ୍ୟୁଜିଲାଣ୍ଡକୁ ଟେଷ୍ଟ କ୍ରିକେଟ୍ ଖେଳିବାପାଇଁ ମାନ୍ୟତା ମିଳିବାର ୨୬ ବର୍ଷ ପରେ ପ୍ରଥମ ବିଜୟ ହାସଲ କରିଥିଲା ।

୧୯୯୨- ତୁର୍କୀରେ ଆସିଥିବା ଭୂକମ୍ପରେ ପାଖାପାଖି ୫୦୦ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ନିଜର ବାସ ହରାଇଥିଲେ ।

୨୦୦୪- ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ପ୍ରସିଦ୍ଧ ସିତାରବାଦକ ଉସ୍ତାଦ ବିଲାୟତ ଖାନ୍ଙ୍କର ନିଧନ ।

୨୦୨୧- ଆମେରିକାନ୍ ବକ୍ସର ମାର୍ଭିନ୍ ହଗ୍ଲେର୍ଙ୍କର ୬୬ ବର୍ଷରେ ନିଧନ ।

## ମଣିଷ ବଞ୍ଚିବ ୨୦୦ ବର୍ଷ !

ନିକଟରେ ୟୁନିଭରସିଟି ଅଫ୍ ରୋଚେଷ୍ଟରର ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ ବୋହେଡ୍ ତିମି ମାନଙ୍କ ଦୀର୍ଘାୟୁର ରହସ୍ୟ ବ୍ୟବହାର କରି ମଣିଷର ଆୟୁଷ ୨୦୦ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ । 'ନେଚର' ପତ୍ରିକାରେ ପ୍ରକାଶିତ ଏହି ଅଧ୍ୟୟନ ଅନୁଯାୟୀ, ପ୍ରାୟ ଦୁଇ ଶତାବ୍ଦୀ ଧରି ଜୀବିତ ରହୁଥିବା ଏହି ତିମିମାନଙ୍କ ଶରୀରରେ 'ସିଆଇଆରବିପି' ନାମକ ଏକ ବିଶେଷ ଡିଏନଏ-ରିପେୟାର୍ ପ୍ରୋଟିନ୍ ପ୍ରଚୁର ପରିମାଣରେ ଥାଏ, ଯାହା ଅନ୍ୟ ସ୍ତନ୍ୟପାୟୀ ପ୍ରାଣୀଙ୍କ ତୁଳନାରେ ପ୍ରାୟ ୧୦୦ ଗୁଣ ଅଧିକ । ବୈଜ୍ଞାନିକଙ୍କ ସୂଚନା ଅନୁସାରେ ଏହି ପ୍ରୋଟିନ୍ କର୍କଟ ଏବଂ ବାର୍ଦ୍ଧକ୍ୟ ପାଇଁ ଦାୟୀ ଜେନେଟିକ୍ କ୍ଷତିକୁ ସୁଧାରିବାରେ ସାହାଯ୍ୟ କରିଥାଏ, ଯାହା ଦ୍ୱାରା 'ପେଟୋସ୍ ପାରାଡକ୍ସ' ଭଳି ଜଟିଳ ପ୍ରଶ୍ନର ସମାଧାନ ମିଳିପାରିଛି । ଗବେଷକମାନେ ଯେତେବେଳେ ଏହି ତିମିର ପ୍ରୋଟିନକୁ ମଣିଷର କୋଷ ଏବଂ ଫ୍ରୁଟଫ୍ଲାଇସ ଶରୀରରେ ପ୍ରବେଶ କରାଇଲେ, ସେତେବେଳେ ଡିଏନଏ ମରାମତି ପ୍ରକ୍ରିୟାରେ ଉନ୍ନତି ପରିଲକ୍ଷିତ ହେବା ସହ ମାଛିମାନଙ୍କ ଆୟୁଷ ମଧ୍ୟ ବୃଦ୍ଧି ପାଇଥିଲା । ଏହା ବ୍ୟତୀତ କମ୍ ତାପମାତ୍ରା ଏହି ପ୍ରୋଟିନ୍ର ମାତ୍ରା ବଢ଼ାଇବାରେ ସହାୟକ ହେଉଥିବା ଜଣାପଡ଼ିଛି । ଯଦିଓ ଏହି ଗବେଷଣା ଏବେ ପ୍ରାଥମିକ ପର୍ଯ୍ୟାୟରେ ଅଛି, ତଥାପି ଏହା ଭବିଷ୍ୟତରେ ମଣିଷର ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ମନ୍ଥର କରିବା ଏବଂ କର୍କଟ ଭଳି ରୋଗରୁ ମୁକ୍ତି ଦେଇ ଆୟୁଷ ବଢ଼ାଇବା ଦିଗରେ ଏକ ନୂଆ ଆଶା ସଞ୍ଚାର କରିଛି ।



**ମେଷ**-ଯାତ୍ରାରେ ସତର୍କ, କାର୍ଯ୍ୟ ସଫଳ, ସମ୍ମାନଲାଭ, ଶତ୍ରୁ ସମସ୍ୟା, ଦୂରଯାତ୍ରା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଜମିଜମା ଗଣ୍ଡଗୋଳ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ଗଜଲକ୍ଷ୍ମୀ ।

**ବୃଷ-** କାର୍ଯ୍ୟ ବିଫଳ, ନୂତନ କାର୍ଯ୍ୟ ଆରମ୍ଭ, ଶରୀର ସୁସ୍ଥ, ଶତ୍ରୁ ପରାଜିତ, ଲୋକସମ୍ପର୍କ ବୃଦ୍ଧି, ଯାନବାହନରେ ସମସ୍ୟା, ଅନୁଷ୍ଠାନରୁ ଲାଭ, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା- ପ୍ରଭୁ ସ୍କନ୍ଦ ।

**ମିଥୁନ-** ସ୍ୱାସ୍ଥ୍ୟରେ ଉନ୍ନତି, ବାଣିଜ୍ୟରେ ଲାଭ, ଜମିଜମା ଗଣ୍ଡଗୋଳ, ମୋକଦ୍ଦମାରେ ପଡ଼ିପାରନ୍ତି, ଦେବକାର୍ଯ୍ୟରେ ଆସକ୍ତ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୭, ଆରାଧନା- ମା ଭଗବତୀ ।

**କର୍କଟ-** ସାହାଯ୍ୟ ପ୍ରାପ୍ତି, ଅଭିଳାଷ ପୂର୍ଣ୍ଣ, ଗୃହେ ଅଶାନ୍ତି, ବ୍ୟବସାୟରେ ସନ୍ତୁଷ୍ଟ, ଶତ୍ରୁ ସମସ୍ୟା, ଶାରୀରିକ ସମସ୍ୟା, ସମ୍ପତ୍ତିଲାଭ, ଉତ୍ସବ ପ୍ରତି ଆଗ୍ରହ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଫି, ସଂଖ୍ୟା-୫, ଆରାଧନା- ଲକ୍ଷ୍ମୀନାରାୟଣ ।

**ସିଂହ-** ଯାତ୍ରାରେ ସତର୍କ, ବନ୍ଧୁ ସହଯୋଗ, ଅନୁଷ୍ଠାନରୁ ଲାଭ, ଶତ୍ରୁ ସମସ୍ୟା, ସୁସମ୍ବାଦ, ବାଣିଜ୍ୟେ ଶତ୍ରୁତା, ସନ୍ତାନ ଲାଭ, ନୂତନ ନିଯୁକ୍ତି, ସ୍ୱାଦିଷ୍ଟ ଭୋଜନ ପ୍ରାପ୍ତି, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ମାଣିକେଶ୍ୱରୀ ।

**କନ୍ୟା-** ଅର୍ଥଲାଭ, ସୁସମ୍ବାଦ ପ୍ରାପ୍ତି, ଉଚ୍ଚଆଶାରେ ବିଳମ୍ବ, ଦ୍ରବ୍ୟ ପ୍ରାପ୍ତି, ସମସ୍ୟା ସମାଧାନ, ତୀର୍ଥାଟନ, ମାନସିକ ଶାନ୍ତି, ବିଦ୍ୟାରେ ସଫଳତା, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୪, ଆରାଧନା- ପ୍ରଭୁ ସୂର୍ଯ୍ୟନାରାୟଣ ।

**ତୁଳା-** ଅର୍ଥ ସମସ୍ୟା, ଦୂରଯାତ୍ରା, ନୂତନ କାର୍ଯ୍ୟାରମ୍ଭ, ଗୃହେ ଅଶାନ୍ତି, ଲୋକସମ୍ପର୍କ ବୃଦ୍ଧି, ଜମି ଗଣ୍ଡଗୋଳ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ଜଗନ୍ନାଥ ।

**ବିଛା-** ମାନସିକ କଷ୍ଟ, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ନୂତନ ସମସ୍ୟା, ଦ୍ରବ୍ୟଲାଭ, ଭୂସମ୍ପତ୍ତିଲାଭ, ବ୍ୟବସାୟରେ ଶତ୍ରୁତା, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା-ଭଗବାନ ବିଷ୍ଣୁ ।

**ଧନୁ-** ଦୂରଯାତ୍ରା, ଅର୍ଥ ସମସ୍ୟା, ମାନସିକ ଶାନ୍ତି, ଦେବକାର୍ଯ୍ୟରେ ସନ୍ତୁଷ୍ଟ,କର୍ମକ୍ଷେତ୍ରେରେ ଲାଭ, ଦ୍ରବ୍ୟପ୍ରାପ୍ତି, ପିଲାଙ୍କ ସମସ୍ୟା, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ପିତାମାତାଙ୍କ ସେବା ।

**ମକର-** ଅର୍ଥପ୍ରାପ୍ତି, ସମସ୍ୟା ସମାଧାନ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗାଡ଼ିମୋଟର ଚାଳନାରେ ସତର୍କ, ବନ୍ଧୁ ବିରୋଧ, ଗୃହେ ଅଶାନ୍ତି, ଶାରୀରିକ ସମସ୍ୟା, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣୀ, ସଂଖ୍ୟା-୮, ଆରାଧନା-ମା ଭଗବତୀ ।

**କୁମ୍ଭ-** ଦୂରଯାତ୍ରା, ବନ୍ଧୁଦର୍ଶନ, ଯାତ୍ରାରେ ବିଳମ୍ବ, ମାମଲା ସମାଧାନ, ଶୁଭଖବର, ପାରିବାରିକ ସମସ୍ୟା, ଆଶା ସଫଳ, ଶରୀର ଅସୁସ୍ଥ, ଅର୍ଥକଷ୍ଟ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୭, ପ୍ରତିକାର-ମହାଲକ୍ଷ୍ମୀ ।

**ମୀନ-** ଅର୍ଥଲାଭ, ଦୂରଯାତ୍ରା, ଯାନ୍ତ୍ରିକ ସମସ୍ୟା, ଉତ୍ସବ ପ୍ରତି ଆଗ୍ରହ, ପାରିବାରିକ ସହଯୋଗ, ସୁସମ୍ବାଦ ପ୍ରାପ୍ତି, ବ୍ୟବସାୟରେ ଉନ୍ନତି, ଶତ୍ରୁ ପରାଜିତ, ଉତ୍ତରାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୬, ଆରାଧନା-ପ୍ରଭୁଜଗନ୍ନାଥ ।

**ଚୈତ୍ର କୃଷ୍ଣପକ୍ଷ, ଦଶମୀ**
**୧୩.୩.୨୦୨୬ ଶୁକ୍ରବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ସ୍ଥାୟୀ ବିକାଶ ପାଇଁ ଶିଳ୍ପ-ସରକାର ସହଭାଗୀତା ଗୁରୁତ୍ୱପୂର୍ଣ୍ଣ : ଶିଳ୍ପ ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ସିଆଇଆଇ ଓଡ଼ିଶା ପକ୍ଷରୁ ବାର୍ଷିକ ବୈଠକ ଅବସରରେ "ଓଡ଼ିଶା ଲିଡିଙ୍ଗ: ସ୍ଥାୟୀ ଏବଂ ସମାବେଶୀ ବିକାଶ ପାଇଁ ସହଭାଗୀତା' ଶୀର୍ଷକ ଏକ ଅଧିବେଶନ ଆୟୋଜନ କରାଯାଇଛି । ଏହି ଅଧିବେଶନରେ ରାଜ୍ୟରେ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା, ନବସୃଜନ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ସମାବେଶୀ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଏବଂ ଶିଳ୍ପ ମଧ୍ୟରେ ଦୃଢ଼ ସହଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଛି । ଅଧିବେଶନଟି ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଅନିଲ କୁମାର ସିଂହ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଉଦଘାଟନୀ ଅଭିଭାଷଣରେ, ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି ଯେ, ସ୍ଥାୟୀ ଆର୍ଥିକ ଅଭିବୃଦ୍ଧି ପାଇଁ ସରକାର ଏବଂ ଶିଳ୍ପ ମଧ୍ୟରେ ଦୃଢ଼ ସହଭାଗୀତା ଆବଶ୍ୟକ । ସେ ବୃହତ ଉଦ୍ୟୋଗ ଏବଂ ଏମଏସଏମଇ ମଧ୍ୟରେ ସହଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଛନ୍ତି । ସମାବେଶୀ ବିକାଶ ସୁନିଶ୍ଚିତ କରିବା ପାଇଁ ସାମାଜିକ ଦାୟିତ୍ୱ ସହିତ ଆର୍ଥିକ ମହତ୍ୱାକାଂକ୍ଷାକୁ ସନ୍ତୁଳିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟ ସରକାର ସ୍ୱତନ୍ତ୍ର ଶିଳ୍ପ ଇକୋସିଷ୍ଟମ ନିର୍ମାଣ ଏବଂ ନିବେଶକୁ ଆକର୍ଷିତ କରିବା ପାଇଁ ବୟନ ଏବଂ ପୋଷାକ, ଔଷଧ ଏବଂ ଚିକିତ୍ସା ଉପକରଣ, ଲଜିଷ୍ଟିକ୍ସ ଏବଂ ଉନ୍ନତ ଉତ୍ପାଦନ ଭଳି କ୍ଷେତ୍ରର ଅଂଶୀଦାରମାନଙ୍କ ସହିତ ସକ୍ରିୟ ଭାବରେ ଜଡିତ ଅଛନ୍ତି । ମନ୍ତ୍ରୀ ଶିଳ୍ପ ସମ୍ପ୍ରସାରଣର ପରବର୍ତ୍ତୀ ପର୍ଯ୍ୟାୟକୁ ସମର୍ଥନ କରିବା ପାଇଁ ସମଗ୍ର ଓଡ଼ିଶାରେ ଶିଳ୍ପ ପାର୍କ ମଡେଲକୁ ପ୍ରୋତ୍ସାହିତ କରିବା ଏବଂ ଆଂଚଳିକ ଶିଳ୍ପ କରିଡର ବିକାଶ କରିବା ଉପରେ ସରକାରଙ୍କ ଧ୍ୟାନ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟ ଭବିଷ୍ୟତ ପାଇଁ ପ୍ରସ୍ତୁତ ପ୍ରତିଭାଗୁଡ଼ିକୁ ସୃଷ୍ଟି କରିବା ପାଇଁ ଦକ୍ଷତା ବିକାଶ ପଦକ୍ଷେପଗୁଡ଼ିକୁ ପ୍ରାଥମିକତା ଦେବା ସହିତ ଶିଳ୍ପ କର୍ମଶକ୍ତିରେ ମହିଳାମାନଙ୍କର ଅଧିକ ଅଂଶଗ୍ରହଣକୁ ଉତ୍ସାହିତ କରୁଛି । ମୁଖ୍ୟ ସଚିବ ଶ୍ରୀମତୀ ଅନୁ ଗର୍ଗ, ରାଜ୍ୟର ଅର୍ଥନୈତିକ ପରିବର୍ତ୍ତନକୁ ସମର୍ଥନ କରିବା ପାଇଁ ଭିତିଭୂମି ଏବଂ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଛନ୍ତି । ଗୃହ, ଶିଳ୍ପ ଏବଂ ସୂଚନା ଏବଂ ଜନସଂପର୍କ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ହେମନ୍ତ ଶର୍ମା, ଭିଜନ ୨୦୩୬ ଏବଂ ଭିଜନ ୨୦୪୭ ସହିତ ସମନ୍ୱିତ ରାଜ୍ୟର ଶିଳ୍ପ ରୋଡମ୍ୟାପ୍ ଉପରେ ଆଲୋକପାତ କରି କହିଛନ୍ତି ଯେ ଓଡ଼ିଶାର ଜିଏସଡିପିରେ ଉତ୍ପାଦନ ପ୍ରାୟ ୪୭% ଅବଦାନ ରଖେ ଏବଂ କୃଷି ପ୍ରାୟ ୨୦% ଅବଦାନ ରଖେ । ସେ ଖଣିଜ ଏବଂ ଖଣି କ୍ଷେତ୍ରରେ ଓଡ଼ିଶାର ଶକ୍ତି ଉପରେ ଆଲୋକପାତ କରିଛନ୍ତି, କାରଣ ଏହା ଲୁହାପଥର, କୋଇଲା, ଇସ୍ପାତ ଏବଂ ବକ୍ସାଇଟ୍‌ର ଏକ ଅଗ୍ରଣୀ ଉତ୍ପାଦକ, ଏବଂ ଖାଦ୍ୟ ପ୍ରକ୍ରିୟାକରଣ, ବୟନ ଏବଂ ପ୍ୟାକେଜିଂରେ ଅଭିବୃଦ୍ଧି ସୁଯୋଗ ଉପରେ ଇଙ୍ଗିତ କରିଛନ୍ତି । ସିଆଇଆଇ ପୂର୍ବାଂଚଳର ଉପାଧ୍ୟକ୍ଷ ମେହୁଲ ମୋହନକା ମଧ୍ୟ ସମାବେଶକୁ ସମ୍ବୋଧିତ କରିଥିଲେ । ଏହି କାର୍ଯ୍ୟକ୍ରମ ସମୟରେ, ରାଜ୍ୟବ୍ୟାପୀ ଶିଳ୍ପଗୁଡ଼ିକ ଦ୍ୱାରା ଉଲ୍ଲେଖନୀୟ ସଫଳତା ଏବଂ ନବସୃଜନକୁ ସ୍ୱୀକୃତି ଦେବା ପାଇଁ ସିଆଇଆଇ ଶିଳ୍ପ କାର୍ନିଭାଲ ୨୦୨୫ ପୁରସ୍କାର ପ୍ରଦାନ କରାଯାଇଛି ।




## ରନ୍ଧନ ଗ୍ୟାସ୍‌ର ଉପଲବ୍ଧତା ନେଇ ତୈଳ କମ୍ପାନୀ ସହ ମନ୍ତ୍ରୀଙ୍କ ଆଲୋଚନା

# ସରକାରଙ୍କୁ ଦୈନନ୍ଦିନ ରିପୋର୍ଟ ଦେବେ ଜିଲ୍ଲାପାଳ

ଭୁବନେଶ୍ୱର, (ସବ୍ୟୁ): ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟରେ ରନ୍ଧନ ଗ୍ୟାସ୍ (ଏଲ୍ ପିଜି) ଏବଂ ପେଟ୍ରୋଲ ଓ ଡିଜେଲର ଉପଲବ୍ଧତା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଲୋକସଭା ଭବନସ୍ଥିତ ଅନ୍ନପୂର୍ଣ୍ଣା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ , ଓଡ଼ିଶା ରାଜ୍ୟ ଖାଦ୍ୟ ନିଗମର ପରିଚାଳନା ନିର୍ଦ୍ଦେଶକ କେ .ସୁଦର୍ଶନ ଚକ୍ରବର୍ତ୍ତୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀବୃନ୍ଦଙ୍କ ସମେତ ରନ୍ଧନଗ୍ୟାସ୍ (ଏଲ.ପି.ଜି) ଓ ଇନ୍ଧନ ତୈଳ ମାର୍କେଟିଂ କରୁଥିବା ଆଇଓସିଏଲ, ବିପିସିଏଲ, ଏଚପିସିଏଲ, ରିଲାଏନ୍ସ, ଗେଲ୍ ଆଦି କମ୍ପାନୀର କର୍ତ୍ତୃପକ୍ଷମାନେ ଉପସ୍ଥିତ ଥିଲେ ।

ରାଜ୍ୟରେ ଯଥେଷ୍ଟ ପରିମାଣର ରନ୍ଧନଗ୍ୟାସ୍(ଏଲ୍. ପି. ଜି) ଉପଲବ୍ଧ ରହିଛି ଏବଂ ଜନସାଧାରଣଙ୍କୁ ଏଥି ନେଇ ଚିନ୍ତିତ ନ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ବୈଠକରେ ଏଲ୍. ପି.ଜି ବିତରକ ଓ ରିଟେଲ୍ ଆଉଟ୍ ଲେଟକୁ ବିତରଣ ପ୍ରକ୍ରିୟା ଓ ଯୋଗାଣ ଶୃଙ୍ଖଳ ବ୍ୟବସ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଖାଉଟିମାନେ ଯେପରି ରନ୍ଧନ ଗ୍ୟାସ , ପେଟ୍ରୋଲ, ଡିଜେଲ ଯୋଗାଣ ନେଇ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥି ପ୍ରତି ସଜାଗ ରହିବାକୁ ମାନ୍ୟବର ମନ୍ତ୍ରୀ ଶ୍ରୀ ପାତ୍ର ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଓ ଖାଉଟିମାନଙ୍କ ସୁବିଧା ନିମନ୍ତେ ପଦକ୍ଷେପ ନେବା ସହ ଜିଲ୍ଲାପାଳମାନେ ପ୍ରତିଦିନ ରିପୋର୍ଟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମଧ୍ୟ ପ୍ରାଚ୍ୟର ସ୍ଥିତିକୁ ନେଇ ରାଜ୍ୟବାସୀ ଆତଙ୍କିତ ନ ହୋଇ ସତର୍କ ଓ ସଜାଗ ରହିବାକୁ ମାନ୍ୟବର ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେବା ସହ ବଜାରରେ ଏଲ୍ ପି ଜି କଳାବଜାରୀ ରୋକିବାକୁ ଚଢ଼ଉ ପାଇଁ ବିଭାଗୀୟ ଅଧିକାରୀ ନିୟୋଜିତ ଅଛନ୍ତି ଏବଂ କଳାବଜାରୀର ଖବର ମିଳିଲେ ଦୃଢ଼ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସିଂ କହିଛନ୍ତି ଯେ ରାଜ୍ୟରେ ଦୈନିକ ଆବଶ୍ୟକ ପଡୁଥିବା ରନ୍ଧନ ଗ୍ୟାସ୍ ଏବଂ ଏହାର ଉପଲବ୍ଧତା ନେଇ ଆଶ୍ୟକୀୟ ତଥ୍ୟ ରହିବ । ଏ ନେଇ ପ୍ରତି ଜିଲ୍ଲାର ଜିଲ୍ଲାପାଳ ଦୈନିକ ତଥ୍ୟ ଦେବେ । କଟକ ବଡ ମେଡିକାଲ ପରି ସମ୍ବେଦନଶୀଳ ସରକାରୀ ଅନୁଷ୍ଠାନ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକରେ ମାର୍କେଟିଙ୍ଗ ଅଫିସରମାନେ ସ୍ଥିତି ଅନୁଧ୍ୟାନ କରିବେ । ରାଜ୍ୟର ଘରୋଇ ଉପଭୋକ୍ତା ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେ ନେଇ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି ।



### ଜନସାଧାରଣଙ୍କୁ ଆତଙ୍କିତ ନ ହେବାକୁ ମନ୍ତ୍ରୀଙ୍କ ପରାମର୍ଶ

# ସୂଚନା ଅଧିକାର ଆଇନ ଏକ ଯୁଗାନ୍ତକାରୀ ପଦକ୍ଷେପ

ପୁରୀ, (ସବ୍ୟୁ) : ସୂଚନା ଅଧିକାର ଆଇନ ଏକ ଯୁଗାନ୍ତକାରୀ ପଦକ୍ଷେପ ।ଏହାଦ୍ୱାରା ସାଧାରଣ ଲୋକ ଅନେକ ସୁଫଳ ପାଉଥିବା ବେଳେ ଅଧିକାରୀ ବା କର୍ମଚାରୀ ମାନଙ୍କୁ କର୍ମତତ୍ପର କରାଇ ପାରିଛି ବୋଲି କହିଛନ୍ତି ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ.ଚିତ୍ତରଞ୍ଜନ ଦ୍ୱିବେଦୀ । ଗୁରୁବାର ଅପରାହ୍ନରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସୂଚନା ଅଧିକାର ଆଇନ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅଧ୍ୟକ୍ଷ ଡ. ଦ୍ୱିବେଦୀ ୨୦୦୫ ମସିହାରେ ସୂଚନା ଅଧିକାର ଆଇନ ପ୍ରଣୟନ ହେବା ପରେ ସମାଜ ରେ ବ୍ୟାପକ ପରିବର୍ତ୍ତନ ଆସିଛି ।ସାଧାରଣ ଭାବେ ସମସ୍ତ କାର୍ଯ୍ୟାଳୟ ମାନଙ୍କ ରେ କର୍ମ ପ୍ରବଣତା ବୃଦ୍ଧି ପାଇଛି ।ପୂର୍ବାପେକ୍ଷା ଆଇନ ରେ ଆବଶ୍ୟକତା ଅନୁସାରେ ସଂଶୋଧନ ଏହାକୁ ଅଧିକ ଦକ୍ଷ କରିଛି ବୋଲି ସେ କହିବା ସହ ସମସ୍ତ ନାଗରିକ ଏହାର ଉପଯୋଗ କରି ସୁଫଳ ନେବାକୁ ପରାମର୍ଶ ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ର ଜନ ସୂଚନା ଅଧିକାରୀ ସୂର୍ଯ୍ୟକାନ୍ତ ସ୍ୱାଇଁ, ସହକାରୀ ଜନ ସୂଚନା ଅଧିକାରୀ ଡ. ସ୍ନିଗ୍ଧା ସୁହାଗିନୀ ପ୍ରମୁଖ ଯୋଗ ଦେଇ ସୂଚନା ଅଧିକାର ର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଅନୁପାଳନ ସମ୍ପର୍କରେ ଆଲୋକପାତ କରିଥିଲେ ।

## ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ

# ନିର୍ବାଚନ ଅଧିକାରୀଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣର ତୃତୀୟ ଦିନ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ହେବାକୁ ଥିବା ଆଗାମୀ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମକୁ ସୁଚାରୁ ଭାବେ କାର୍ଯ୍ୟନ୍ୱୟ କରିବା ଉଦ୍ଦେଶ୍ୟରେ ନିର୍ବାଚନ ଅଧିକାରୀମାନଙ୍କ ପାଇଁ ଚାରିଦିନିଆ ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି । ଏହି ପ୍ରଶିକ୍ଷଣ ୧୦ ମାର୍ଚ୍ଚ ଠାରୁ ୧୩ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଭୁବନେଶ୍ୱରର ଗୋଠପାଟଣା ସ୍ଥିତ ରେଭେନ୍ୟୁ ଅଫିସର୍ସ ଟ୍ରେନିଙ୍ଗ ଇନଷ୍ଟିଚ୍ୟୁଟ (ଆର.ଓ.ଟି.ଆଇ) ରେ ଆୟୋଜିତ ହେଉଛି । ପ୍ରଶିକ୍ଷଣ ପ୍ରତିଦିନ ଦୁଇଟି ସେସନ୍‌ରେ ଚାଲିବ। ତୃତୀୟ ଦିନ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ. ଗୋପଲନ ଯୋଗଦେଇ ସ୍ୱତନ୍ତ୍ର ସଘନ ସଂଶୋଧନ ବିଷୟ ଉପରେ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ ।

ତୃତୀୟ ଦିନର ପ୍ରଶିକ୍ଷଣରେ କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, କଟକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ ଜିଲ୍ଲାର ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇଆରଓ), ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଏଇଆରଓ) ଓ ଡେପୁଟି କଲେକ୍ଟର (ନିର୍ବାଚନ) ମାନେ ଯୋଗଦେଇଥିଲେ । ପ୍ରଶିକ୍ଷଣ ସମୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା, ଭୋଟର ତାଲିକା ସଂଶୋଧନ ପଦ୍ଧତି, ପୁରୁଣା ଭୋଟର ତାଲିକା ସହିତ ମତଦାତାଙ୍କ ମ୍ୟାପିଂ, ତଥ୍ୟ ସଂଗ୍ରହ ଏବଂ କ୍ଷେତ୍ରସ୍ତରରେ କାର୍ଯ୍ୟନ୍ୱୟ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା । ଏହି ଶିବିରଗୁଡ଼ିକର ତାରିଖ, ସମୟ ଓ ସ୍ଥାନ ସମ୍ବନ୍ଧରେ ଭୋଟର ଓ ସମ୍ପୃକ୍ତ ହିତାଧିକାରୀ ମାନଙ୍କୁ ପୂର୍ବରୁ ସୂଚନା ଯୋଗାଇଦିଆଯିବ ବୋଲି ଆଲୋଚନା ହୋଇଥିଲା । ତଦୁପରି, ତଥ୍ୟ ପରିଚାଳନା ଓ ନିରୀକ୍ଷଣ ପାଇଁ ନିର୍ବାଚନ ପଞ୍ଜିକରଣ ଅଧିକାରୀ(ଇଆରଓ/ ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ(ଏଇଆରଓ) ଙ୍କ ସ୍ତରରେ ଆବଶ୍ୟକ ମାନବ ସମ୍ବଳ ସହିତ ଆଇଟି ସେଲ୍ ସ୍ଥାପନ କରିବା ସହିତ ସଂଶୋଧନ ପ୍ରକ୍ରିୟା ସମୟରେ ମତଦାତା, ବିଏଲଓ ଓ କ୍ଷେତ୍ରସ୍ତରର କର୍ମଚାରୀଙ୍କୁ ସହଯୋଗ ପାଇଁ ଡିଇଓ /ଏଇଆରଓ କାର୍ଯ୍ୟାଳୟରେ ହେଲ୍ପ ଡେସ୍କ ସ୍ଥାପନ କରାଯିବ ବୋଲି ଜଣାପଡ଼ିଛି । ଏହି ପ୍ରଶିକ୍ଷଣ ମାଧ୍ୟମରେ ଅଧିକାରୀମାନେ ଆଗାମୀ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ପାଇଁ ପ୍ରାୟୋଗିକ ଓ ପ୍ରଶାସନିକ ଦିଗରେ ପ୍ରସ୍ତୁତ ରହିବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପଲନ ନିର୍ଦ୍ଦେଶ ଦେଇଥିଲେ ।



## ମୁଖ୍ୟମନ୍ତ୍ରୀଙ୍କୁ ରେଳମନ୍ତ୍ରୀଙ୍କ ଚିଠି

# ଓଡିଶା ସହିତ ଆସାମ ଓ ତେଲେଙ୍ଗାନାକୁ ସଂଯୋଗ କରିବ ନୂଆ ଅମୃତ ଭାରତ ଟ୍ରେନ

ଭୁବନେଶ୍ୱର, (ସବ୍ୟୁ): ଓଡିଶାରେ ରେଳ ସଂଯୋଗୀକରଣକୁ ଅଧିକରୁ ଅଧିକ ଗୁରୁତ୍ୱ ଦେଇ କେନ୍ଦ୍ର ସରକାର ଓଡିଶା ସହିତ ଆସାମ ଓ ତେଲେଙ୍ଗାନାକୁ ସଂଯୋଗ କରିବା ପାଇଁ ଏକ ନୂଆ ଅମୃତ ଭାରତ ଟ୍ରେନ ସେବା ଆରମ୍ଭ କରିବାକୁ ଅନୁମୋଦନ ଦେଇଛନ୍ତି । ଏହା ସହିତ ଦୁଇଟି ସ୍ୱତନ୍ତ୍ର ରେଳସେବାକୁ ନିୟମିତ ରେଳସେବାରେ ପରିଣତ କରିବା ପାଇଁ ମଧ୍ୟ ଅନୁମୋଦନ ଦିଆଯାଇଛି । ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କରେ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରି ଓଡିଶାର ଜନସାଧାରଣଙ୍କ ପାଇଁ ଅଧିକ ରେଳସେବା ଯୋଗାଇଦେବା ପାଇଁ ଅନୁରୋଧ କରିଥିଲେ । ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଏକ ନୂତନ ଅମୃତ ଭାରତ ଟ୍ରେନ୍ ଆସାମର କାମାକ୍ଷା ଏବଂ ତେଲେଙ୍ଗାନାର ଚାରଲାପାଲି (ସିକନ୍ଦରାବାଦ) ମଧ୍ୟରେ ଚାଲିବ । ଏହା ଓଡିଶାର ବାଲେଶ୍ୱର, ଭଦ୍ରକ, ଯାଜପୁର କେଉଁଝର ରୋଡ୍, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବାଲୁଗାଁ ଏବଂ ବ୍ରହ୍ମପୁର ଦେଇ ଯିବ । ୧୮୪୦୩/୧୮୪୦୪ ଭୁବନେଶ୍ୱର - ଧାନବାଦ୍ ସ୍ପେଶାଲ୍ ଟ୍ରେନ୍ ଧାନବାଦ୍ ପହଞ୍ଚିବା ପୂର୍ବରୁ କଟକ, ଢେଙ୍କାନାଳ, ତାଳଚେର ରୋଡ୍, ଅନୁଗୋଳ, ରେଢାଖୋଲ, ସମ୍ବଲପୁର ସହର, ଝାରସୁଗୁଡା ଏବଂ ରାଉରକେଲା ଷ୍ଟେସନ ଦେଇ ଯିବ । ଏହିଟ୍ରେନକୁ ଏବେ ନିୟମିତ କରାଯାଇଛି । ସେହିପରି ୦୮୪୩୯/୦୮୪୪୦ ପୁରୀ-ପାଟନା ସ୍ପେଶାଲ୍ ଟ୍ରେନ ପାଟନା ପହଞ୍ଚିବା ପୂର୍ବରୁ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯାଜପୁର କେନ୍ଦୁଝର ରୋଡ୍, ଭଦ୍ରକ ଏବଂ ବାଲେଶ୍ୱର ଷ୍ଟେସନ୍ ଦେଇ ଯିବ । ଏହାକୁ ମଧ୍ୟ ନିୟମିତ କରାଯାଇଛି । ରାଜ୍ୟରେ ରେଳ ସଂଯୋଗକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା ପାଇଁ ଏହି ଟ୍ରେନ ସେବା ଅନୁମୋଦନ କରିବା ପାଇଁ ଓଡିଶା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ସିସୋର ଚିଟ୍‌ଫଣ୍ଡ ମାମଲା

# ରବୀନ୍ଦ୍ର ଜେନାଙ୍କ ଅନ୍ତରୀଣ ସୁରକ୍ଷା ବଳବତ୍ତର

କଟକ, (ସବ୍ୟୁ ) : ସିସୋର ଚିଟ୍‌ଫଣ୍ଡ ମାମଲାରେ ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ଅନ୍ତରୀଣ ସୁରକ୍ଷା ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବଳବତ୍ତର ରହିଛି । ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ୧୭ଟି ଦସ୍ତାବିଜ ସମ୍ପର୍କରେ ରିପୋର୍ଟ ଦାଖଲ କରିବାକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କୁ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ ବି.ପି ରାଉତରାୟ ମାମଲାର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୩କୁ ଧାର୍ଯ୍ୟ କରାଯାଇଛି । ଶୁଣାଣି ବେଳେ ଆବେଦନକାରୀ ରବୀନ୍ଦ୍ର କୁମାର ଜେନାଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ତାଙ୍କ ଆବେଦନର ୫୮ ନମ୍ବର ଅନୁଚ୍ଛେଦରେ ଉଲ୍ଲେଖ ଥିବା ୧୭ଟି ଗୁରୁତ୍ୱପୂର୍ଣ୍ଣ ଦଲିଲ ତାଙ୍କୁ ପ୍ରଦାନ କରାଯାଇନାହିଁ । ଏପରିକି ତଦନ୍ତ ସମୟରେ ଏହି ଦଲିଲଗୁଡିକ ସଂଗ୍ରହ କରାଯାଇଛି କି ନାହିଁ, ସେ ସମ୍ପର୍କରେ ମଧ୍ୟ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନ ଥିବା ସେ ଅଭିଯୋଗ କରିଥିଲେ । ଅନ୍ୟପଟେ ସିବିଆଇ ପକ୍ଷରୁ ଆଇନଜୀବୀ ଏହି ଅଭିଯୋଗକୁ ଖଣ୍ଡନ କରିଥିଲେ । ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଅଦାଲତ ସିବିଆଇକୁ ପିଟିସନର ପାରା-୫୮ରେ ଦର୍ଶାଯାଇଥିବା ସମସ୍ତ ୧୭ଟି ଦଲିଲ ସମ୍ପର୍କରେ ଏକ ତାଲିକାବଦ୍ଧ ଉତ୍ତର ରଖିବାକୁ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଚିଟ୍‌ଫଣ୍ଡ ସଂସ୍ଥା ସିସୋର ଗ୍ରୁପ ସହ ଶ୍ରୀ ଜେନାଙ୍କ ଆର୍ଥିକ କାରବାର ନେଇ ଅଭିଯୋଗ ହୋଇଥିଲା । ୨୦୧୧-୧୨ରେ ସିସୋରଠାରୁ ସେ ୧ କୋଟି ୭୫ ଲକ୍ଷ ଟଙ୍କା ଋଣ ନେଇଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ସିବିଆଇ ଘଣ୍ଟାଚକଟା କରିଥିଲା । ସିବିଆଇ ଏକାଧିକ ଥର ନୋଟିସ୍ କରିଥିଲା ।

## ବ୍ୟାଙ୍କ ଆକାଉଣ୍ଟରେ ସାଇବର ଠକେଇ

# ଟଙ୍କା କାରବାର କରାଉଥିବା ୩ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ସାଧାରଣ ଲୋକଙ୍କୁ ଲୋନ୍ କରାଇ ଦେବାକୁ କହି କାଗଜପତ୍ର ନେବା ପରେ ତାଙ୍କ ନାଁରେ ବ୍ୟାଙ୍କ ଆକାଉଣ୍ଟ ଖୋଲିଥିଲେ ଗିରଫ ୩ ଦଲାଲ । ଯେଉଁମାନଙ୍କ ନାଁରେ ଆକାଉଣ୍ଟ ଖୋଲିଥିଲେ ସେମାନଙ୍କୁ ଲୋନ କରାଇଦେବା ପରିବର୍ତ୍ତେ ତାଙ୍କ ଆକାଉଣ୍ଟରେ ସାଇବର ଠକେଇ ଟଙ୍କା କାରବାର କରାଉଥିଲେ ଗିରଫ ଅଭିଯୁକ୍ତ । ପୋଲିସ ଗିରଫ କରିଥିବା ୩ ଅଭିଯୁକ୍ତ ହେଲେ କ୍ରିଷ୍ଣା ନାୟକ (୨୫), ମହେନ୍ଦ୍ର ନାୟକ (୨୧) ଓ ଟୁକୁନା ନାୟକ (୩୭) । ୩ ଅଭିଯୁକ୍ତ ଭଗବତୀ ବସ୍ତିର ସନ୍ତୋଷ ଘଡେଇ ନାମରେ ଆକାଉଣ୍ଟ ଖୋଲି ସେଥିରେ ୧ଲକ୍ଷ ୪୮ ହଜାର ୨୦୩ ଟଙ୍କା ସାଇବର ଠକେଇ ଟଙ୍କା କାରବାର କରିଥିବା କ୍ୟାପିଟାଲ ଥାନା ପୋଲିସ ଖବର ପାଇଥିଲା । ପରବର୍ତ୍ତୀ ସମୟରେ ସନ୍ତୋଷ ଘଡେଇଙ୍କୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟ କିଏ ଏବଂ କିପରି ଖୋଲିଥିଲା ବୋଲି ପଚାରିବାରୁ ସେ କହିଥିଲା ଯେ, ତାଙ୍କ ଅଞ୍ଚଳର କ୍ରିଷ୍ଣା, ମହେନ୍ଦ୍ର ଓ ଟୁକୁନା ଆକାଉଣ୍ଟ ଖୋଲିବା କାର୍ଯ୍ୟ କରାଇଥିଲେ । ସେହି ଆକାଉଣ୍ଟରେ ଯେଉଁ ଟଙ୍କା କାରବାର ହେବ ତାଙ୍କୁ କମିଶନ ମିଳିବ ବୋଲି ତିନିଜଣ ଯାକ କହିଥିଲେ । ପରବର୍ତ୍ତୀ ସମୟରେ ସନ୍ତୋଷ ଘଡେଇ ଜାଣିବାକୁ ପାଇଥିଲେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ସାଇବର ଠକେଇ ଟଙ୍କା କାରବାର ହେଉଛି । ଆହୁରି ସେ ମଧ୍ୟ କହିଥିଲେ ଯେ, ତାଙ୍କ ଅଞ୍ଚଳର ଅନ୍ୟ କେତେକ ଲୋକଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ୩ ଅଭିଯୁକ୍ତ ଖୋଲିଛନ୍ତି । ଆକାଉଣ୍ଟ ଗୁଡିକରେ ବ୍ୟାଙ୍କିଂ କାରବାର ହେବା ପରିବର୍ତ୍ତେ ସାଇବର ଠକେଇ ଟଙ୍କା ଆସୁଥିଲା ବୋଲି ସେ କହିଛନ୍ତି ।

**ରାଜ୍ୟସଭା କସରତ**

# ନବୀନଙ୍କୁ ଭେଟିଲେ ସୁବାସିନୀ

ଭୁବନେଶ୍ୱର, (ସବ୍ୟୁ) : ଆସନ୍ତା ୧୬ରେ ହେବାକୁ ଥିବା ରାଜ୍ୟସଭା ନିର୍ବାଚନ ଲାଗି ଏବେ ଛକାପଞ୍ଝା ଜୋରଦାର ଆରମ୍ଭ ହୋଇଛି । ଗତକାଲି ବିଜେଡି ପକ୍ଷରୁ ହ୍ୱିପ୍ ଜାରି କରାଯାଇ ୧୪, ୧୫, ୧୬ ତିନିଦିନ ଲାଗି ସବୁ ବିଧାୟକ ଭୁବନେଶ୍ୱରରେ ରହିବା ପାଇଁ କୁହାଯାଇଛି । ଆଜି ଏ ଧାରାରେ କଂଗ୍ରେସ ମଧ୍ୟ ଅନୁରୂପ ହ୍ୱିପ୍ ଜାରି କରିଛି । କଂଗ୍ରେସ ପକ୍ଷରୁ ତିନି ଧାଡ଼ିଆ ହ୍ୱିପ୍ ଜାରି କରାଯାଇ ସବୁ ବିଧାୟକଙ୍କୁ ୧୪ ଠାରୁ ୧୬ ଯାଏ ଭୁବନେଶ୍ୱରରେ ରହିବାକୁ କୁହାଯାଇଛି ।

ରାଜ୍ୟସଭା ନିର୍ବାଚନ ଏବେ ବିରୋଧୀ ଓ ଶାସକ ଦଳ ଲାଗି ଏକ ସମ୍ମାନର ପ୍ରଶ୍ନ ହେବାରେ ଲାଗିଛି । ବିଜେଡି ଓ କଂଗ୍ରେସ ଏକାଠି ହୋଇ ଦୁଇଜଣ ପ୍ରାର୍ଥୀ ଦେଇଛନ୍ତି । ସଂଖ୍ୟା ଦୃଷ୍ଟିକୋଣରୁ ବିରୋଧୀଙ୍କ ଦୁଇ ପ୍ରାର୍ଥୀ ଯିବା ନିଶ୍ଚିତ । ହେଲେ ଘୋଡା ବେପାରକୁ ନେଇ ଏବେ ବିରୋଧୀ ଶିବିର ଆତଙ୍କିତ ଅଛନ୍ତି । ବିଜେପି ମଧ୍ୟ ଦୁଇଜଣ ପ୍ରାର୍ଥୀ ଦେଇଥିବାବେଳେ ଦିଲ୍ଲୀପ ରାୟଙ୍କୁ ସ୍ୱାଧୀନ ପ୍ରାର୍ଥୀ କରିଛି । ଦିଲ୍ଲୀପଙ୍କର ବିଜୟ ଲାଗି ଆଉ ୮ଟି ପ୍ରଥମ ପସନ୍ଦ ଭୋଟ୍ ଆବଶ୍ୟକ ପଡ଼ିଛି । ଇତିମଧ୍ୟରେ ବିଜେଡି ବିଧାୟକଙ୍କୁ ଏକାଠି ରଖିବା ପାଇଁ ନବୀନ ନିବାସରେ କସରତ ଆରମ୍ଭ ହୋଇଛି । ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ ନିଜେ ବିଧାୟକମାନଙ୍କ ସହ ସିଧାସଳଖ କଥା ହେଉଛନ୍ତି । ପ୍ରତ୍ୟେକ ବିଧାୟକଙ୍କ ସହ ଏକୁଟିଆ କଥା ହୋଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଦେବାଲାଗି ସେମାନଙ୍କ ପ୍ରତିଶ୍ରୁତି ଲୋଡ଼ୁଛନ୍ତି । ଗତକାଲି ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ବିଜେପିରେ ଯୋଗ ଦେଇଥିଲେ । ତାଙ୍କ ପତ୍ନୀ ସୁବାସିନୀ ଜେନା ବସ୍ତାରୁ ବିଜେଡି ବିଧାୟିକା ଭାବେ ନିର୍ବାଚିତ ହୋଇଛନ୍ତି । ତାଙ୍କ ଭୋଟ୍ କୁଆଡେ ଯିବ ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଆଜି ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ସହ ସୁବାସିନୀ ନବୀନ ନିବାସ ଯାଇ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି । ପୂର୍ବରୁ ବିଧାନସଭା ପରିସରରେ ସୁବାସିନୀ ଗଣମାଧ୍ୟମକୁ କହିଥିଲେ ଯେ ସିଏ ବିଜେଡିରେ ଅଛନ୍ତି । ଦଳ ଯାହା ନିଷ୍ପତ୍ତି ନେବ ତଦନୁଯାୟୀ କାର୍ଯ୍ୟ କରିବେ । ନବୀନ ବାବୁ ତାଙ୍କ ନେତା, ସେ ଯାହା ଚାହିଁବେ ସେ ତାହା କରିବେ । ତେବେ ସୁବାସିନୀଙ୍କ ଏହି ବକ୍ତବ୍ୟ ଆଗାମୀ ଦିନରେ କେତେ ସତ ପ୍ରମାଣିତ ହେଉଛି ତାହା ୧୬ ତାରିଖ ଭୋଟିଂ ପରେ ଜଣାପଡ଼ିବ । ବିରୋଧୀ ପକ୍ଷ ନିଜ ବିଧାୟକଙ୍କୁ ଏକାଠି ରଖିବା ପାଇଁ ଜତ୍‌ପରନାସ୍ତି ଉଦ୍ୟମ କରୁଛନ୍ତି । ଶାସକଦଳ ପକ୍ଷରୁ ଘୋଡ଼ା ବେପାର କରାଯାଉଛି ବୋଲି ନବୀନ ପଟ୍ଟନାୟକ ଅଭିଯୋଗ କାଢ଼ିଛନ୍ତି ।

- ବିଧାୟକଙ୍କ ସହ ୱାନ୍ ଟୁ ୱାନ୍ କଥା ହେଉଛନ୍ତି ନବୀନ
- କଂଗ୍ରେସ ଜାରିକଲା ୩ ଧାଡ଼ିଆ ହ୍ୱିପ୍

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଶୁଭାରମ୍ଭ

# ଇଣ୍ଡୋର୍ ଷ୍ଟାଡିୟମରେ ୫୫ ଯୋଡା ବରକନ୍ୟା ବାନ୍ଧିହେଲେ ବିବାହ ବନ୍ଧନରେ

କଟକ,(ସବ୍ୟୁ): ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଏକ ସରକାରୀ ସହାୟତା ନୁହେଁ, ଏହା ବାଲ୍ୟବିବାହ ବିରୋଧରେ ଏକ ସଙ୍କଳ୍ପ, ଯୌତୁକ ପ୍ରଥା ବିରୋଧରେ ଏକ ସାମାଜିକ ସନ୍ଦେଶ ଓ କନ୍ୟାମାନଙ୍କ ସମ୍ମାନକୁ ସୁନିଶ୍ଚିତ କରିବାର ଏକ ଦୃଢ ପଦକ୍ଷେପ । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧିନରେ ଆଜି କଟକ ଇଣ୍ଡୋର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସାମୂହିକ ବିବାହ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହା କହିଛନ୍ତି । ଏହି ଯୋଜନା ଅଧିନରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ଯୋଗ୍ୟା କନ୍ୟାମାନଙ୍କୁ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଯେଉଁଥିରୁ ୪୫ ହଜାର ଟଙ୍କା ସିଧାସଳଖ ନଗଦ ହସ୍ତାନ୍ତର ମାଧ୍ୟମରେ କନ୍ୟାମାନଙ୍କ ବ୍ୟାଙ୍କ ଖାତାକୁ ପଠାଇ ଦିଆଯାଉଛି । ଅବଶିଷ୍ଟ ୧୫ ହଜାର ଟଙ୍କା ବିବାହ ଆୟୋଜନ ଓ ପରିଚାଳନା ନିମନ୍ତେ ଖର୍ଚ୍ଚ କରାଯାଉଛି । ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଜିଲ୍ଲା ଓ ବ୍ଲକ୍ ସ୍ତରରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପାଦିତ ହେଉଛି । ଏହି ଯୋଜନା ମାଧ୍ୟମରେ ଆମ ରାଜ୍ୟର ଅନେକ କନ୍ୟା ଲାଭ ପାଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଆର୍ଥିକ ସହାୟତା କନ୍ୟାମାନଙ୍କ ଜୀବନରେ ସୁରକ୍ଷା, ସମ୍ମାନ ଓ ସ୍ୱାବଲମ୍ବନର ମଜବୁତ୍ ଭିତ୍ତି ପ୍ରସ୍ତୁତ କରିବ । ଆଜି କଟକ ଜିଲ୍ଲାର ବିଭିନ୍ନ ବ୍ଲକରୁ ୫୫ଯୋଡା ବର ବଧୂ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ସାଧାରଣ ବର୍ଗର ବର କନ୍ୟା ରହିଥିଲେ । ବିବାହ ଅନୁଷ୍ଠିତ ହେଉଥିବା ସମୟରେ ଉପ ମୁଖ୍ୟମନ୍ତ୍ରୀ ବିବାହ ମଣ୍ଡପକୁ ଯାଇ ନବଦମ୍ପତିଙ୍କୁ ଶୁଭାଶୀର୍ବାଦ ପ୍ରଦାନ କରିବା ସହ ଏକ ସୁସ୍ଥ ପାରିବାରିକ ଜୀବନ ଅତିବାହିତ କରିବାକୁ ପରାମର୍ଶ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇଥିଲେ । କମିଶନର ତଥା ଶାସନ ସଚିବ ମହିଳା ଓ ଶିଶୁ ବିକାଶ ବିଭାଗ ଡ. ମୃଣାଳିନୀ ଦର୍ଶାଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଧନ୍ୟବାଦ ଅର୍ପଣ କରି କଟକ ଜିଲ୍ଲାର ସମସ୍ତ ଯୋଗ୍ୟ କନ୍ୟା ଏହି ଯୋଜନା ଅଧୀନରେ ସେମାନଙ୍କର ନ୍ୟାଯ୍ୟ ପ୍ରାପ୍ୟ ପାଇବା ଦିଗରେ ଜିଲ୍ଲା ପ୍ରଶାସନ ଯତ୍ନବାନ ହେବା ସହ ପ୍ରଶାସନିକ ସ୍ତରରେ ତତ୍ପରତାର ସହିତ ଆଗାମୀ ଦିନରେ ଏହି ସରକାରୀ ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ସମୂହ ପ୍ରୟାସ କରାଯିବ ବୋଲି କହିଥିଲେ । ନିର୍ଦ୍ଦେଶିକା ସମନ୍ୱିତ ଶିଶୁ ବିକାଶ ଓ ସମାଜ ମଙ୍ଗଳ ମୋନିଷା ବାନାର୍ଜୀ, କଟକ ମହାନଗର ନିଗମ କମିଶନର ସୁଶ୍ରୀ କିରନଦୀପ କୌର ସହୋତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର କାର୍ଯ୍ୟକ୍ରମ ସୁପରିଚାଳନା କରିଥିଲେ ।



# ମଞ୍ଚେଶ୍ୱର ରେଳଡବା କାରଖାନାରେ ନିଆଁ

ଭୁବନେଶ୍ୱର, (ସବ୍ୟୁ) : ମଞ୍ଚେଶ୍ୱର ରେଳଡବା କାରଖାନାରେ ନିଆଁ ଲାଗି ହୁ ହୁ ହୋଇ ଜଳିବା ସାଙ୍ଗକୁ ସମଗ୍ର ଅଞ୍ଚଳ ଧୂଆଁମୟ ହୋଇଯାଇଛି । ଏପରିକି ମଞ୍ଚେଶ୍ୱର ଷ୍ଟେସନ୍ ଆଡକୁ ଧୂଆଁ ମାଡିଆସୁଥିବା ଯାତ୍ରୀମାନେ ସୂଚନା ଦେଇଛନ୍ତି ।

କାରଖାନାକୁ ମରାମତି ପାଇଁ ଆସିଥିବା କୋଚ୍‌ରେ ନିଆଁ ଲାଗିବାରୁ ଏଭଳି ଭୟାବହ ପରିସ୍ଥିତି ସୃଷ୍ଟି ହୋଇଛି । କୋଚ୍ ଓଲିଂ କରୁଥିବା କର୍ମଚାରୀମାନଙ୍କ ଅସାବଧାନତାରୁ ଏପରି ଅଗ୍ନିକାଣ୍ଡ ଘଟିଛି । ପବନ ହେଉଥିବାରୁ ନିଆଁ ରଙ୍ଗମାଟିଆ ପାଖର୍ ଦିୱାଲ ପାଖକୁ ପଡିଥିବା ସ୍କ୍ରାପରେ ନିଆଁ ଲାଗିବାରୁ ଅଧିକ ଧୂଆଁ ହେଉଛି । ଓଲିଂ ସେକ୍ସସନରେ ମରାମତି ପାଇଁ ଠିଆ ହୋଇଥିବା ତିନୋଟି କୋଚ୍‌ରେ ନିଆଁ ଲାଗିବାରୁ ପରିସ୍ଥିତି ଅଣାୟତ୍ତ ହୋଇଥିଲା । ରେଲୱେ ଫାୟାର ଗାଡି ସାଙ୍ଗକୁ ରାଜ୍ୟସରକାରଙ୍କ ବିଭିନ୍ନ ଅଗ୍ନିଶମ କେନ୍ଦ୍ରରୁ ଗାଡି ପହଞ୍ଚିବା ପରେ ପରିସ୍ଥିତି ଆୟତ୍ତକୁ ଆସିଥିବା ଖବର ମିଳିଛି । ପ୍ରାୟ ୮ ଟି ଗାଡି ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲା । ପ୍ରାୟ ୩ ଘଣ୍ଟା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା କୁହାଯାଉଛି । ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ସ୍କ୍ରାପ ଠିକା ନେଇଥିବା କମ୍ପାନୀ ବଗି କାଟୁଥିବା ବେଳେ ଅଗ୍ନିକାଣ୍ଡ ଘଟିବାରୁ ତାହା ଅନ୍ୟଆଡକୁ ବ୍ୟାପିଯାଇଥିଲା ।



# ନେତାଜୀ ସ୍କୁଲ ଆଣ୍ଡ କଲେଜ ଅଫ୍ ନର୍ସିଂର ଏରୋଫେଷ୍ଟ୍-୧୪

ଭୁବନେଶ୍ୱର, (ସବ୍ୟୁ) : ନେତାଜୀ ସ୍କୁଲ୍ ଆଣ୍ଡ କଲେଜ ଅଫ୍ ନର୍ସିଂ ଓ ଶ୍ରୀରାମ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସର ଏରୋଫେଷ୍ଟ-୧୪ ଓଡ଼ିଶୀ ରିସର୍ଚ୍ଚ




ସେଣ୍ଟର ଅଡିଟୋରିୟମ୍‌ରେ ବୁଧବାର ଅନୁଷ୍ଠିତ ହୋଇଥିଲା । ଏହି ବାର୍ଷିକ ଉତ୍ସବରେ ବିଧାନସଭା ସ୍ପିକର ସୁରମା ପାଢୀ ଓ ଆଇନ, ଅବକାରୀ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅତିଥି ଭାବେ ଯୋଗ ଦେଇଥିଲେ । ସେ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ନର୍ସିଂ ଛାତ୍ରଛାତ୍ରୀମାନଙ୍କୁ ନିଷ୍ଠା, ସେବା, ତ୍ୟାଗ ବିଷୟରେ କହିଥିଲେ । ପିଲାମାନେ କିପରି ସଠିକ୍ ମାର୍ଗରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ସେଥିପାଇଁ ମାର୍ଗଦର୍ଶନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ପ୍ରଫେସର ଅଶୋକ କୁମାର ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସମୟାନୁବର୍ତ୍ତିତା ଓ ଶୃଙ୍ଖଳା ବିଷୟରେ ବୁଝାଇ କହିଥିଲେ । ନେତାଜୀ ସ୍କୁଲ ଆଣ୍ଡ କଲେଜ ଅଫ୍ ନର୍ସିଂର ୧୨୦୦ରୁ ୧୩୦୦ ଛାତ୍ରଛାତ୍ରୀ ଏରୋଫେଷ୍ଟ୍‌ରେ ଯୋଗ ଦେଇଥିଲେ । ଅଧ୍ୟକ୍ଷ ବିଜନ କୁମାର ଜେନା, ସିଇଓ ରଶ୍ମିତା ଜେନା, ଭାଇସ୍ ପ୍ରିନ୍ସିପାଲ ସୁଶ୍ରୀ ଶୁଭଶ୍ରୀ ନାୟକ, ପ୍ରଫେସର ପ୍ରାଚୀ ପଲ୍ଲିଶ୍ରୀ ଏରୋଫେଷ୍ଟରେ ଯୋଗଦେଇ ତାଙ୍କ ମତ ରଖିଥିଲେ । ଅଧ୍ୟକ୍ଷ ବିଜନ କୁମାର ଜେନା ତାଙ୍କ ଅନୁଷ୍ଠାନ ସମ୍ପର୍କରେ ସର୍ବିଶେଷ ତଥ୍ୟ ପ୍ରଦାନ କରି କହିଥିଲେ ଯେ, ଏଏନ୍ଏମ୍, ଜିଏନ୍ଏମ୍, ବିଏସ୍‌ସି ନର୍ସିଂ, ପିବି ବିଏସ୍‌ସି ନର୍ସିଂ, ଏମ୍‌ଏସି ନର୍ସିଂ ଓ ପିଏଚ୍‌ଡି ପର୍ଯ୍ୟନ୍ତ ପାଠ୍ୟକ୍ରମରେ ପିଲାମାନେ ଅଧ୍ୟୟନ କରୁଛନ୍ତି । ଭୁବନେଶ୍ୱର ଓ କେନ୍ଦ୍ରାପଡାରେ ଏହାର ଶାଖା ଥିବାବେଳେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ଥିବା ସିଇଓ ରଶ୍ମିତା ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଶ୍ୱେତପୁଷ୍ପା ଓ ଅଭିପ୍ସା ମଞ୍ଚ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ଅନ୍ୟାନ୍ୟ କର୍ମଚାରୀ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ୟୁକୋ ବ୍ୟାଙ୍କ ଶାଖା ମୁଖ୍ୟ ସନ୍ତୋଷ ସାହାଣୀଙ୍କୁ ବାଚସ୍ପତି ପୁରସ୍କୃତ କରିଥିଲେ । ପରିଶେଷରେ ଛାତ୍ରଛାତ୍ରୀମାନେ ଚିତାକର୍ଷକ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ୨୦ ଟ୍ରାଫିକ୍ ପୋଷ୍ଟରେ ଲାଗିଲା "ବୋଲାଡ୍ସ'

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱରର ୨୦ ଟ୍ରାଫିକ୍ ପୋଷ୍ଟରେ ବୋଲାଡ୍ସ ଲାଗିଛି । ଗୁରୁବାର ଏହା ଲଗାଯାଇଥିବା ବେଳେ ୨୩ ତାରିଖରୁ ରାଜଧାନୀ ସମେତ ସମଗ୍ର ରାଜ୍ୟରେ ଗାଡି ମୋଟର ଯାଞ୍ଚ କଡାକଡି ହେବ । ବୋଲାଡ୍ସ ଲାଗିବାର କାରଣ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଥିବା ଚାଳକଙ୍କୁ ସହଜରେ ଚିହ୍ନଟ କରିହେବ । ପେସାଦାର ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ଲାଇସେନ୍ସ ରଦ୍ଦ କରାଯିବ ବୋଲି ସୂଚନା ମିଳିଛି । ଏହି ବୋଲାଡ୍ସ ଲାଗିବା ସମୟରେ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଟ୍ରାଫିକ୍ ଡିସିପି ତପନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଗାଡିର ପ୍ରଦୂଷଣ ସାର୍ଟିଫିକେଟ୍, ଫିଟ୍‌ନେସ୍, ଇନ୍‌ସ୍ୟୁରାନ୍ସ ପ୍ରଭୃତି ଯାଞ୍ଚ କରାଯିବା ସହ ଚାଳକର ଡ୍ରାଇଭିଂ ଲାଇସେନ୍ସ, ହେଲ୍‌ମେଟ୍ ପ୍ରଭୃତି ମଧ୍ୟ ପରଖା ଯିବ । ଏଥିସହ ଚାଳକ ସମସ୍ତ ଟ୍ରାଫିକ୍ ନିୟମ ମାନୁଛନ୍ତି କି ନାହିଁ ତାହା ମଧ୍ୟ ନିରୀକ୍ଷଣ କରାଯିବ । ଯାଞ୍ଚରେ ଥିବା ଟ୍ରାଫିକ୍ କର୍ମଚାରୀଙ୍କୁ ବୋଲାଡ୍ସ ସହଯୋଗ କରିବ ବୋଲି ସେମାନେ କହିଛନ୍ତି ।

### ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ

# ସୂଚନା ଅଧିକାର ଆଇନ କର୍ମଶାଳା ଅନୁଷ୍ଠିତ

ପୁରୀ, (ସବ୍ୟୁ) : ସୂଚନା ଅଧିକାର ଆଇନ ଦ୍ୱାରା ଅନେକ ଦୁର୍ନୀତିକୁ ରୋକାଯିବା ସହ କାର୍ଯ୍ୟ ରେ ସ୍ୱଚ୍ଛତା ଆସି ପାରିଛି ବୋଲି କହିଛନ୍ତି ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା । ଗୁରୁବାର ପୂର୍ବାହ୍ନରେ ସଦଭାବନା ସଭାଗୃହ ପରିସରରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଅଧିକାର ଆଇନ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହାକୁ ଉଦଘାଟନ କରି ପୌର ନିର୍ବାହୀ ଅଧିକାରୀ ଶ୍ରୀ ବେହେରା ସାଧାରଣ ଲୋକ ମାନଙ୍କୁ ଉପଯୁକ୍ତ ସେବା ଯୋଗାଇବା ଲକ୍ଷ୍ୟ ରେ ଆମେ ସମସ୍ତେ କାର୍ଯ୍ୟରତ । ତେବେ କିଛି ଅଧିକାରୀ ବା କର୍ମଚାରୀ ଯଦି କାର୍ଯ୍ୟ ରେ ଅବହେଳା କରନ୍ତି ବା କାର୍ଯ୍ୟ ସମ୍ପାଦନ ରେ ଅନିୟମିତତା କରନ୍ତି ତାହା ପାଇଁ ପ୍ରତିକାର ସ୍ୱରୂପ ଏହି ଆଇନ ହିଁ ଉପଯୁକ୍ତ ମାଧ୍ୟମ । ଏହି ଆଇନ ଦ୍ୱାରା



ସାଧାରଣ ଲୋକ ଙ୍କୁ ଅନେକ ସୁଫଳ ମିଳୁଛି ଓ ଦୁର୍ନୀତି ବା ଅନିୟମିତତା କୁ କମା ଯାଇ ପାରୁଛି ବୋଲି ସେ କହିଥିଲେ । ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସୂଚନା ଅଧିକାର ଆଇନର କାର୍ଯ୍ୟକାରିତା ପାଇଁ ସମସ୍ତ ବିଭାଗ ଉତ୍ତରଦାୟୀ । କେହି ତଥ୍ୟ ମାଗିଲେ ଆଇନ ମୁତାବକ ତଥ୍ୟ ପାଇବା ଆବେଦନକାରୀ ଙ୍କ ର ଅଧିକାର ଓ ତଥ୍ୟ ପ୍ରଦାନ କରିବା ଆମର ଦାୟିତ୍ୱ । ତେବେ ଠିକ ଭାବରେ ସୂଚନା ଅଧିକାର ଆଇନ କୁ ବୁଝି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ତଥ୍ୟ ପ୍ରଦାନ କରିବାକୁ ସେ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମ ରେ ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ ଓ ଅନନ୍ୟା ଗରାବଡୁ ଯୋଗ ଦେଇଥିଲେ । ପରେ ମାଷ୍ଟର ଟ୍ରେନର ସଂଗ୍ରାମ କେଶରୀ ପୃଷ୍ଟି ଓ ହରିହର ମହାନ୍ତି ପାୱାର ପଏଣ୍ଟ ମାଧ୍ୟମରେ ସମସ୍ତ ଫାଷ୍ଟ ଆପିଲେଟ ଅଥରିଟି, ସୂଚନା ଅଧିକାରୀ ଓ ସହକାରୀ ସୂଚନା ଅଧିକାରୀ ଙ୍କୁ ତାଲିମ ପ୍ରଦାନ କରିଥିଲେ । ସୂଚନା ଅଧିକାର ସମ୍ପର୍କରେ ଅଧିକାରୀ ମାନଙ୍କର ବିଭିନ୍ନ ପ୍ରଶ୍ନ ବା ସଂଶୟ କୁ ମାଷ୍ଟର ଟ୍ରେନର ସମାଧାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାର ସମସ୍ତ ବିଭାଗ ଓ ଲାଇନ ଡିପାର୍ଟମେଣ୍ଟର ସୂଚନା ଅଧିକାରୀ ମାନେ ଯୋଗ ଦେଇ ପ୍ରଶିକ୍ଷଣ ପ୍ରାପ୍ତ ହୋଇଥିଲେ ।

### ଓଡିଶା ପ୍ରସିଦ୍ଧ ପଞ୍ଚୁଦୋଳ ମେଳଣ ଉଦଯାପିତ

## ଅବିରରେ ଭିଜିଲେ ଭକ୍ତ ଓ ଭଗବାନ

ଜଟଣୀ, (ସବ୍ୟୁ): ଓଡିଶା ଦୋଳ ମେଳଣ ଇତିହାସରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ହରିରାଜପୁରର ଶ୍ରୀ ଶ୍ରୀ ପଶ୍ଚିମା ଶମ୍ଭୁ ସୋମନାଥ ଦେବଙ୍କ ପ୍ରସିଦ୍ଧ ପଞ୍ଚୁଦୋଳ ମେଳଣ ଉଦଯାପିତ ହୋଇଯାଇଛି । ସ୍ଥାନାଧିପତି ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ବିଜେ ପ୍ରତିମା ଗତ ୦୮ ତାରିଖ ରବିବାର ମଧ୍ୟରାତ୍ରରେ ସୁଶୋଭିତ ବିମାନରେ ମନ୍ଦିର ପଶ୍ଚିମ ଦ୍ୱାର ଦେଇ ବାହାରି ସାଙ୍ଗରେ ଶ୍ରୀ ଗୋପାଳଜୀ ଓ ଶ୍ରୀ ବାଳମୁକୁନ୍ଦ ଦେବଙ୍କୁ ନେଇ ବାଜାବାଣ ରୋଷଣୀ ସହ ଭକ୍ତଙ୍କ ଗ୍ରହଣରେ ମେଳଣ ପଡିଆ ଅଭିମୁଖେ ଯାତ୍ରା କରିଥିଲେ । ସ୍ଥାନାଧିପତି ସୋମନାଥ ଦେବ ପ୍ରଥମେ ଖୁଣ୍ଟି ଲାଗି ହେବାପରେ ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ହୋଇ ଆସିଥିରାଜ୍ୟ ର ବିଭିନ୍ନ କୋଣ ଅନୁକୋଣରୁ ଭକ୍ତ ଏହି ୫ ଦିନ ଭିଡ ଜମାଇଥାନ୍ତି । ଠାକୁରଙ୍କ ଯଥା ବିଧି ଅନୁଯାଇ ଆଳତି । ଭୋଗ ଲାଗି ହେବାପରେ ଗୋଧୂଳି ଲଗ୍ନରେ ଆରମ୍ଭ ହୁଏ ହରିହର ଭେଟ ତଥା ମେଳଣ ଉତ୍ସବ । ବିଭିନ୍ନ ଗ୍ରାମରୁ ଆସିଥିବା ବିଗ୍ରହ(ରାଧାଗୋବିନ୍ଦ ଓ ହର ପାର୍ବତୀ ମୂର୍ତ୍ତି )ଥାନାପତି ସୋମନାଥ ଦେବଙ୍କ ନିକଟକୁ ଆସି ଭେଟ କରି ନିଜ ନିଜ ସ୍ଥାନକୁ ପ୍ରତ୍ୟାଗମନ କରିଥାନ୍ତି । ଭକ୍ତଙ୍କ ସଂଗେ ଭଗବାନ ଖେଳୁଥାନ୍ତି ଅବିରରେ । ନିଜ ଇଷ୍ଟଙ୍କ ସଙ୍ଗେ ଭକ୍ତ ଭାବରେ ଖେଳି ବିଦାୟ ଦେଇ ପୁଣି ଆରବର୍ଷକୁ ଚାହିଁ ରହିଥାନ୍ତି । ସେହିଭଳି ଗ୍ରାମ ଗ୍ରାମ ମଧ୍ୟରେ ଉତ୍ତମ ସମ୍ପର୍କ ଓ ସୋହାର୍ଦ୍ଦ ରଖିବା ପାଇଁ ମଧ୍ୟ ଏହି ମେଳଣର ପରିକଳ୍ପନା । ଏହି ମେଳଣ ୧୬୬୦ ରୁ ପରିକଳ୍ପନା ହୋଇ ଆଜି ଏକ ଲକ୍ଷ ଲକ୍ଷ ଲୋକଙ୍କ ଆସ୍ଥା ଓ ଭାବାବେଗରେ ପହଁଚିସାରିଛି । ୪୦୦ ବର୍ଷ ପୁରୁଣା ହୋଇଥିବା ବେଳେ ବହୁ ପ୍ରସିଦ୍ଧି ଓ ଲୋକାଦୃତ ହୋଇଛି ।

# ଆଇଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, (ସବ୍ୟୁ) : ପ୍ରଶାସନିକ ସ୍ତରରେ ବଡ ଧରଣର ଅଦଳବଦଳ ହୋଇଛି । ସ୍ୱତନ୍ତ୍ର ରିଲିଫ କମିଶନର ମନୀଷ ଅଗ୍ରୱାଲାଙ୍କୁ ଓଡ଼ିଶା ସମବାୟ ସମିତି ସମୂହର ନିବନ୍ଧକ ଭାବେ ନିଯୁକ୍ତି କରାଯାଇଛି । ସେହିଭଳି ଆଇଏଏସ୍ ଅଫିସର ସ୍ମୃତିରଞ୍ଜନ ପ୍ରଧାନଙ୍କୁ ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ସିଦ୍ଧାର୍ଥ ଦାସଙ୍କୁ ଓଡ଼ିଶା ମତ୍ସ୍ୟ ନିର୍ଦ୍ଦେଶକ ଭାବେ ନିଯୁକ୍ତି କରାଯାଇଛି । ମଧୁସ୍ମିତା ମହାନ୍ତିଙ୍କୁ ଶିକ୍ଷକ ଓ ଶିକ୍ଷା ଏବଂ ରାଜ୍ୟଶିକ୍ଷା ଅନୁସନ୍ଧାନ ଓ ତାଲିମ ପରିଷଦର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି । ଉପମା କାଲେଙ୍କୁ ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ ମଣ୍ଡଳର ଆୟୁକ୍ତ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଲିଲି କୁମାରୀ କୁଲୁଙ୍କୁ ସରକାରୀ ଉଦ୍ୟୋଗ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ବଦଳି କରାଯାଇଥିବାବେଳେ ସୋମେଶ କୁମାର ଉପାଧ୍ୟାୟଙ୍କୁ ବୟନ ଏବଂ ହସ୍ତତନ୍ତ ନିର୍ଦ୍ଦେଶକ ଭାବେ ନିଯୁକ୍ତି କରାଯାଇଛି । ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କୁ ମାଲକାନଗିରି ଜିଲ୍ଲାପାଳ ଭାବେ ବଦଳି କରାଯାଇଛି ।

ଏହାଛଡା ଅକବରମ୍ ସସ୍ୟ ରେଡ୍ଡୀଙ୍କୁ ବ୍ରହ୍ମପୁର ମହାନିଗମର ଆୟୁକ୍ତ ଭାବେ ବଦଳି କରାଯାଇଥିବାବେଳେ ଅକ୍ଷୟ ପିଲ୍ଲେଙ୍କୁ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଭାବେ ନିଯୁକ୍ତି କରାଯାଇଛି । ଅରୁଗୁଲା ସ୍ନେହାଙ୍କୁ ମୟୂରଭଞ୍ଜ ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଥିବାବେଳେ ସମୀର କୁମାର ଜେନାଙ୍କୁ ଗଞ୍ଜାମ ଜିଲ୍ଲାପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି । ସୌମ୍ୟ ରଞ୍ଜନ ପ୍ରଧାନଙ୍କୁ କଳାହାଣ୍ଡି ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି ।

# ଅବସରପ୍ରାପ୍ତ ପ୍ରଶାସକ ଜ୍ୟୋତିଷ ପଟ୍ଟନାୟକଙ୍କ ପରଲୋକ

ଭୁବନେଶ୍ୱର, (ସବ୍ୟୁ): ଅବସରପ୍ରାପ୍ତ ଓଡ଼ିଶା ସଚିବାଳୟ ସେବା (ଓଏସ୍‌ଏସ୍) ଅଧିକାରୀ ଜ୍ୟୋତିଷ ଚନ୍ଦ୍ର ପଟ୍ଟନାୟକ (୮୮) ଙ୍କର ବୁଧବାର ଦିନ ଟଙ୍କପାଣି ରୋଡ଼ସ୍ଥିତ ବାସଭବନଠାରେ ପରଲୋକ ହୋଇଯାଇଛି । ସେ କୃଷି ବିଭାଗର ଡେପୁଟି ସେକ୍ରେଟାରୀ ପଦରୁ ୧୯୯୮ ମସିହାରେ ଅବସର ଗ୍ରହଣ କରିଥିଲେ । ସ୍ୱର୍ଗତ ପଟ୍ଟନାୟକ ଜଣେ ସଚ୍ଚୋଟ ଓ କର୍ମଠ ଅଫିସର୍ ଭାବେ ସୁନାମ ଅର୍ଜନ କରିଥିଲେ । ଚାକିରି ସର୍ତ୍ତାବଳୀ



ଉପରେ ତାଙ୍କର ବିଶେଷ ଦଖଲ ଥିଲା । ମୃତ୍ୟୁଶଯ୍ୟା ନିକଟରେ ତିନିଝିଅ ଓ ଜ୍ୱାଇଁ ଉପସ୍ଥିତ ଥିଲେ । ଆମେରିକାରେ ରହୁଥିବା ଏକମାତ୍ର ପୁତ୍ର ତୁଷାରକାନ୍ତି ପଟ୍ଟନାୟକ ବିମାନ ଚଳାଚଳରେ ଅନିୟମିତତା ଯୋଗୁଁ ଆସିପାରି ନଥିଲେ । ଅନେକ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ପଟ୍ଟନାୟକଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

# ଆଦିବାସୀ, ପଛୁଆ ବର୍ଗ ବିଭାଗର ଖର୍ଚ୍ଚ ଦାବି ପାରିତ

ଭୁବନେଶ୍ୱର, (ସବ୍ୟୁ): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷର ଖର୍ଚ୍ଚଦାବି ବିଧାନସଭାରେ ଉପସ୍ଥାପନା କରିଛନ୍ତି ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ବିଭାଗୀୟ ଖର୍ଚ୍ଚଦାବି ଆଲୋଚନାର ଉତ୍ତର ରଖି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ଯେ ଚଳିତ ବର୍ଷ ବିଭାଗ ପାଇଁ ସର୍ବମୋଟ ୬୬୪୯ କୋଟି ୩୩ ଲକ୍ଷ ୧୨ ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏଥିରେ ୫୪୦୦ କୋଟି ଟଙ୍କା କାର୍ଯ୍ୟକ୍ରମ ବ୍ୟୟ ଓ ୧୨୪୯ କୋଟିରୁ ଅଧିକ ପ୍ରଶାସନିକ ବ୍ୟୟ ଅନ୍ତର୍ଭୁକ୍ତ ରହିଛି । ବଜେଟର କାର୍ଯ୍ୟକ୍ରମ ବ୍ୟୟ ମଧ୍ୟରୁ ୩୬୧୦ କୋଟି ଟଙ୍କା ରାଜ୍ୟସ୍ତରୀୟ ଯୋଜନା, ୧୯୦ କୋଟି ଟଙ୍କା କେନ୍ଦ୍ରସ୍ତରୀୟ ଯୋଜନା ଓ ୧୬୦୦ କୋଟି ଟଙ୍କା କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ବରାଦ କରାଯାଇଛି । ଏହି ଯୋଜନାଗୁଡ଼ିକ ମୁଖ୍ୟତଃ ଶିକ୍ଷା, ଆଦିବାସୀ ଓ ଅନୁସୂଚିତ ଜାତିଙ୍କ କଲ୍ୟାଣ, ସଂଖ୍ୟାଲଘୁ ଓ ପଛୁଆ ବର୍ଗର ସାମାଜିକ ଓ ଆର୍ଥିକ ଉନ୍ନତିକୁ ଲକ୍ଷ୍ୟ କରି ପ୍ରସ୍ତୁତ କରାଯାଇଛି ।

ଶିକ୍ଷା କ୍ଷେତ୍ରରେ ସରକାର ଛାତ୍ରଛାତ୍ରୀଙ୍କୁ ବିଶେଷ ଗୁରୁତ୍ୱ ଦେଇଛନ୍ତି । ପ୍ରାୟ ୨୩ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ ପାଇଁ ୨୦୯୪ କୋଟି ଟଙ୍କାର ବ୍ୟୟ ପ୍ରସ୍ତାବ ରହିଛି । ଛାତ୍ରଛାତ୍ରୀଙ୍କ ଖାଦ୍ୟ, ପାଠ୍ୟ ଉପକରଣ ଓ ଅନ୍ୟାନ୍ୟ ସୁବିଧା ପାଇଁ ବଜେଟରେ ଅତିରିକ୍ତ ଅର୍ଥ ବରାଦ କରାଯାଇଛି । ଡ୍ରପ୍‌ଆଉଟ୍ ହାର କମେଇବା ପାଇଁ ସରକାର ସହିଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା ରେ ନବମ ଶ୍ରେଣୀ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇବା ପରେ ଜନଜାତି ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି । ମନ୍ତ୍ରୀ ଶ୍ରୀ ଗଣ୍ଡ ବିଭାଗୀୟ ବଜେଟ ଉପସ୍ଥାପନ ପରେ ଅପରାହ୍ନରେ ଏହା ଉପରେ ଆଲୋଚନା ହୋଇଥିଲା । ଆଲୋଚନାକୁ ଆରମ୍ଭ କରି ବରିଷ୍ଠ ବିଜେଡ଼ି ବିଧାୟକ ଅରୁଣ କୁମାର ସାହୁ ନିଜ ମତ ରଖିବା ସହ ଏହା ଅନୁସୂଚିତ ଜାତି ଓ ଜନଜାତିଙ୍କ ସ୍ୱାର୍ଥକୁ ଅଣଦେଖା କରିଛି ବୋଲି ମତ ରଖିଥିଲେ । ଆଲୋଚନାରେ ଅଂଶ ଗ୍ରହଣ କରି ବିଧାୟକ ତାରା ପ୍ରସାଦ ବାହିନୀପତି ଆଦିବାସୀ ଛାତ୍ରଛାତ୍ରୀ ମାନେ ବହୁ ପରିମାଣରେ ଡ୍ରପଆଉଟ ହେଉଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ । ଅନ୍ୟ ସଦସ୍ୟଙ୍କ ମଧ୍ୟରେ ଶାସକ ଦଳରୁ ଭାସ୍କର ମଢ଼େଇ, ବିଜେଡ଼ିରୁ ଗଣେଶ୍ୱର ବେହେରା, ଶାସକ ବିଜେପିରୁ ଦୁଷ୍ମନ୍ତ କୁମାର ସ୍ୱାଇଁ, ବିଜେଡ଼ିରୁ ପ୍ରଦୀପ କୁମାର ଦିଶାରୀ ପ୍ରମୁଖ ବଜେଟ ଉପରେ ଆଲୋଚନା କରିଥିଲେ । ଆଦିବାସୀ ଅଞ୍ଚଳର ସମଗ୍ର ଉନ୍ନତି ପାଇଁ ଧରତି ଆବା ଜନଜାତି ଗ୍ରାମ ଉନ୍ନତି ଅଭିଯାନ ମାଧ୍ୟମରେ ରାଜ୍ୟର ୨୭ଟି ଜିଲ୍ଲାର ୨୩୪ଟି ବ୍ଲକ ଓ ୭୬୬୭ଟି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହା ମାଧ୍ୟମରେ ୧୦ ଲକ୍ଷରୁ ଅଧିକ ଜନଜାତି ପରିବାର ଉପକୃତ ହେବେ । ଏହି ଯୋଜନା ପାଇଁ ୩୨୫ କୋଟିରୁ ଅଧିକ ଟଙ୍କା ବରାଦ କରାଯାଇଛି । ସେହିପରି ପିଏମ ଜନମନ କାର୍ଯ୍ୟକ୍ରମ ମାଧ୍ୟମରେ ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ଜୀବିକାରେ ସୁଧାର ଆଣିବାକୁ ଲକ୍ଷ୍ୟ ରହିଛି । ରାଜ୍ୟର ୧୪ଟି ଜିଲ୍ଲାର ୧୭୫୧ଟି ଗ୍ରାମରେ ଏହା କାର୍ଯ୍ୟକାରୀ ହେଉଛି ।

# ରଥିପୁର ମୌଜାରୁ ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ ବନ୍ଦ ଦାବି କଲେ ସ୍ଥାନୀୟ ଲୋକ

ଖୋର୍ଦ୍ଧା, (ସବ୍ୟୁ): ଜଟଣୀ ତହସିଲ ଅନ୍ତର୍ଗତ ରଥପୁର ମୌଜାରୁ ଖଣି ମାଫିଆମାନେ ମାରଣାସ୍ତ୍ର ବନ୍ଧୁକ ମୁନରେ ଧମକ ଦେଇ ଦିନରାତି ମେସିନ୍ ଦ୍ୱାରା ପଥର କାଟି ପଥର, ବାଲି ଓ ମୋରମ୍ ଚୋରାଚାଲାଣ କରୁଛନ୍ତି । ଫଳରେ ସରକାରଙ୍କ ରାଜସ୍ୱ କ୍ଷତି ହେଉଥିବାବେଳେ ପ୍ରଶାସନିକ ଓ ପୁଲିସ ଅଧିକାରୀଙ୍କ ନୀରବତାକୁ ନେଇ ସମସ୍ତେ ଆଶ୍ଚର୍ଯ୍ୟ । ରଥିପୁର ଗ୍ରାମବାସୀ ଏହାର ପ୍ରତିବାଦ କରିବାରେ ମାଫିଆମାନେ ଅଭିଯୋଗକାରୀଙ୍କୁ ଜଟଣୀ ଥାନା ଅଧିକାରୀଙ୍କ ଦ୍ୱାରା ମିଥ୍ୟା କେଶରେ ଫସାଇ ହଇରାଣ କରୁଥିବା ପ୍ରତିବାଦରେ ଆଜି ସ୍ଥାନୀୟ ଲୋକ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ।

ରଥିପୁର ମୌଜାରୁ ଖଣି ମାଫିଆମାନଙ୍କ ସାରା ଦିନରାତି ମେସିନ୍ ଦ୍ୱାରା ପଥର କାଟି ପଥର, ବାଲି ଓ ମୋରମ୍ ଚୋରିକରିବା ନିତିଦିନିଆ ଘଟଣାରେ ପରିଣତ ହୋଇଗଲାଣି । ଚଳିତ ମାସରେ ଖଣି ମାଫିଆମାନେ ଏହିପରି ଟ୍ରକରେ ପଥର ଚୋରିକରୁଥିବା ବେଳେ



ଗ୍ରାମବାସୀମାନେ ଏହାର ପ୍ରତିବାଦ କରିବାରୁ ଖଣି ମାଫିଆମାନେ ଖଣ୍ଡା, ଭୁଜାଲି ଦ୍ୱାରା ହାଣିବାକୁ ଗୋଡ଼ାଇଥିଲେ । ଏପରିକି ଖଣି ମାଫିଆ ପ୍ରସନ୍ନ ମାର୍ଥା ବନ୍ଧୁକରୁ ଗୁଳି ଫାୟରିଂ କରିବାରୁ ଗ୍ରାମବାସୀମାନେ ସେଠାରୁ କୌଶଳ କ୍ରମେ ଖସିଆସି ଥାନାରେ ସେମାନଙ୍କ ବିରୁଦ୍ଧରେ କେଶ୍ କରିବାରୁ ଥାନା ଅଧିକାରୀ ଖଣି ମାଫିଆଙ୍କ ସପକ୍ଷରେ ସେମାନଙ୍କୁ ଡାକି ଓଲଟି ପ୍ରତିବାଦକାରୀଙ୍କ ନାଁ ରେ କାଉଣ୍ଟର କେଶ୍ କଲେ ଯାହାର କେଶ୍ ନଂ ୬୬୨ ଓ ୬୬୩ ତା୦୮.୦୨.୨୦୨୩ ରହିଥିଲା । ଏପରିକି ରଥିପୁରର ଜଣେ ଶିକ୍ଷିତ ଯୁବକ ସୁବ୍ରତ ଜେନା ବେଆଇନ ଖଣି ଖନନ କାର୍ଯ୍ୟକୁ ବିରୋଧ କରିବାରୁ ତାଙ୍କୁ ମଧ୍ୟ ଜଟଣୀ ଥାନା ଅଧିକାରୀଙ୍କ ଦ୍ୱାରା ମିଛ କେଶ୍ କରିଅଛନ୍ତି । ଉକ୍ତ ଘଟଣା ଡି.ସି.ପି. ଭୁବନେଶ୍ୱରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସୁବ୍ରତଙ୍କ ଏତଲାକୁ ଭିତି କରି ଜମି ମାଫିଆମାନଙ୍କ ନାମରେ ଜଟଣୀ ଥାନାରେ କେଶ୍ ହୋଇଛି । ବଡ଼ ଦୁଃଖ ଓ ପରିତାପର ବିଷୟ ଗତ ୯ ତାରିଖ ବିଳମ୍ବିତ ରାତିରେ ଖଣି ମାଫିଆମାନେ ଜଟଣୀ ଥାନାଅଧିକାରୀଙ୍କ ସହିତ ମଧୁଚନ୍ଦ୍ରିକା ସାଜି ପଥର ଚୋରି କରୁଥିବା ବେଳେ ଆମ୍ଭେ ଗ୍ରାମବାସୀ ଜିଲ୍ଲା ଖଣି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଦଳେ ବଦଳେ ଖଣି କର୍ମଚାରୀମାନେ ଘଟଣାସ୍ଥଳରେ ରେଡ଼ କରି ଜେସିବି ସହିତ ପଥର ଚୋରି କରୁଥିବା ସମସ୍ତ ଗାଡ଼ିକୁ ସିଜ୍ କରି ଜଟଣୀ ଥାନାରେ ଜିମା ଦେଇଥିଲେ । ସେହି ଚୋରି କରୁଥିବା ସମୟରେ ଆମ୍ଭେ ଗ୍ରାମବାସୀ ସହିତ ଖଣି ଅଧିକାରୀମାନେ ଉପସ୍ଥିତ ଥିବା ସମୟରେ ଜମି ମାଫିଆମାନେ ଗ୍ରାମବାସୀଙ୍କ ଉପରକୁ ଫାୟରିଂ କରିବା ସହିତ ଖଣ୍ଡା ଓ ଫାର୍ସାରେ ହାଣିବାକୁ ଉଦ୍ୟତ ହେବାରୁ ସେମାନେ କୌଶଳ କ୍ରମେ ଖସିଆସିଥିଲେ । ବାଡ଼ ଖାଉଛି ଫସଲ ନ୍ୟାୟରେ ଜଟଣୀ ଥାନା ଅଧିକାରୀଙ୍କୁ ନ ଜଣାଇ ଗ୍ରାମବାସୀମାନେ ଗତ ୧୦ ତାରିଖରେ କମିଶନର ପୁଲିସ୍ ଓ ଡି.ସି.ପି. ଭୁବନେଶ୍ୱରଙ୍କ ନିକଟରେ ଅଭିଯୋଗ କରିଥିଲେ । ମାତ୍ର ରାତି ରେ ଘରେ ଥିବାବେଳେ ଖଣି ମାଫିଆମାନେ ସଦଳେ ବଦଳେ ୫୦ରୁ ଊର୍ଦ୍ଧ୍ୱ ଲୋକ ରଥିପୁର ଗ୍ରାମକୁ ଚାରିପଟୁ ଓଗାଳି ହାତରେ ବମ୍, ବନ୍ଧୁକ ଧରି ପ୍ରତିବାଦକାରୀଙ୍କୁ ମାରିବାକୁ ଆସିବା ଖବର ପାଇ ସେମାନେ ଘରେ ଲୁଚି ରହିଥିଲେ । ଏସବୁ କାର୍ଯ୍ୟ ଜଟଣୀ ଥାନା ଅଧିକାରୀଙ୍କ ଛତ୍ରଛାୟା ତଳେ ରହି ମାଫିଆମାନେ ଦିନ ରାତି ଖଣିରୁ ପଥର, ବାଲି ଓ ମୋରମ ଚୋରି କରୁଛନ୍ତି । ଯିଏ ଏହାର ପ୍ରତିବାଦ କରୁଅଛି, ଜଟଣୀ ଥାନା ଅଧିକାରୀ ଓଲଟି ଅଭିଯୋଗକାରୀଙ୍କୁ ମିଥ୍ୟା କେଶରେ ଫସାଇ ହଇରାଣ ଓ ଭୟଭୀତ କରାଉଥିବା ଅଭିଯୋଗ କରିଛନ୍ତି ।

# ପୁରୀ ଜିଲ୍ଲା ସିନିୟର ସିଟିଜେନସ ଫୋରମର ବାର୍ଷିକ ଉତ୍ସବ

ପୁରୀ, (ସବ୍ୟୁ): ପୁରୀ ଜିଲ୍ଲା ସିନିୟର ସିଟିଜେନସ ଫୋରମ ର ୭ମ ବାର୍ଷିକ ସାଧାରଣ ସଭା ମଙ୍ଗଳବାର ପୂର୍ବାହ୍ନରେ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ



ଯୋଗ ଦେଇ ବରିଷ୍ଠ ନାଗରିକ ମାନେ ସମାଜର ମୁରବି ଓ ମାର୍ଗଦର୍ଶକ ବୋଲି କହିଥିଲେ । ସେମାନଙ୍କ ଅନୁଭବ ଓ ଅଭିଜ୍ଞତା ଅଧିକ । ସେମାନଙ୍କ ପରାମର୍ଶ ପରିବାର ଓ ସମାଜ କୁ ସମୃଦ୍ଧ କରିବ । ପୂର୍ବର ଯୌଥ ପରିବାର ଭାଙ୍ଗି ଯିବା ଦ୍ୱାରା ବରିଷ୍ଠ ନାଗରିକ ମାନେ ବର୍ତ୍ତମାନ ସମୟରେ ପ୍ରଭାବିତ ହେଉଛନ୍ତି । ସେମାନଙ୍କ ପାଇଁ ଆଇନ ଅନୁଯାୟୀ ବ୍ୟବସ୍ଥା କରାଯିବା ସହ, ପାର୍କ, ସ୍ୱାସ୍ଥ୍ୟ ସହଯୋଗ, ସୁରକ୍ଷା ଇତ୍ୟାଦି ସମ୍ପର୍କରେ ଉଦ୍ୟମ କରାଯିବ ବୋଲି କହିଥିଲେ । ଅନୁଷ୍ଠାନର ସଭାପତି କାର୍ତ୍ତିକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଏସପି ସୌମ୍ୟ ରଞ୍ଜନ ମଲ୍ଲିକ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପଶ୍ଚିମ ଓଡିଶା ବରିଷ୍ଠ ନାଗରିକ ମଞ୍ଚ ର ସଭାପତି ଡ.ଟହଲୁ ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ଯୁଗଳ କିଶୋର ସାହୁ, ଚିକିତ୍ସକ ଡା ଆଦିତ୍ୟ ମହାପାତ୍ର, ଉପ ସଭାପତି ସନ୍ତୋଷ ମହାନ୍ତି ପ୍ରମୁଖ ଯୋଗ ଦେଇ ବରିଷ୍ଠ ନାଗରିକ ମାନଙ୍କ ସମସ୍ୟା, ସୁରକ୍ଷା, ଆବଶ୍ୟକତା, ସାମାଜିକ ସମ୍ମାନ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ଅସ୍ତରାଗ ଓ ବିଭୂତି ଭୂଷଣ ପଟ୍ଟନାୟକଙ୍କ ରଚିତ ପୁସ୍ତକ ମହାନାୟକ ଆସୁଛନ୍ତିକୁ ଅତିଥି ମାନେ ଉନ୍ମୋଚନ କରିଥିଲେ । ବ୍ଲକ ସ୍ତରୀୟ ସଦସ୍ୟଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ପ୍ରାରମ୍ଭରେ ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ଦାଶ ବିବରଣୀ ପଠନ, କୋଷାଧ୍ୟକ୍ଷ ଗୋଲକ ଚନ୍ଦ୍ର ଜେନା ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ । ଶେଷରେ ଉପ ସଭାପତି ଗୁଣ୍ଡିଚା ବରାଳ ଧନ୍ୟବାଦ ଅର୍ପଣ କରିଥିଲେ ।

### ଏନ୍‌ଏମ୍‌ଆର କର୍ମଚାରୀ ପେନସନ ମାମଲା

## ତିନି ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, (ସବ୍ୟୁ) : ଏନଏମଆର/ଡିଏଲଆର କର୍ମଚାରୀଙ୍କ ପେନ୍‌ସନ ଲାଭ ସମ୍ବନ୍ଧୀୟ ମାମଲାରେ ଓଡିଶା ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଆବେଦନକାରୀଙ୍କ ଦାବି ଉପରେ ବିଚାର କରି ସମୟସୀମା ମଧ୍ୟରେ ଆଇନସମ୍ମତ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଅଦାଲତ ଆବେଦନକାରୀମାନଙ୍କୁ ୩ ସପ୍ତାହ ମଧ୍ୟରେ ସରକାରଙ୍କ ନିକଟରେ ଆବେଦନ କରିବାକୁ ଅନୁମତି ଦେଇଛନ୍ତି । ସରକାରୀ କର୍ତ୍ତୃପକ୍ଷ ଆବେଦନ ଗ୍ରହଣ କରିବାର ୩ ମାସ ମଧ୍ୟରେ ଆଇନ ଅନୁସାରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ମାମଲାର ରାୟ ପ୍ରକାଶ କରି ଏହି ଆଦେଶ ଦେଇଛନ୍ତି । ଆବେଦନକାରୀମାନେ ଯୁକ୍ତି ରଖିଥିଲେ ଯେ ସେମାନେ ୧୯୯୩ ଏପ୍ରିଲ ୧୨ର କଟ୍-ଅଫ ତାରିଖ ପୂର୍ବରୁ ଏନଏମଆର/ଡିଏଲଆର ଭାବେ ନିଯୁକ୍ତ ହୋଇ ଦୀର୍ଘ ଦଶନ୍ଧି ଧରି ସେବା ପ୍ରଦାନ କରି ଆସିଥିଲେ । ହେଲେ ସରକାର ସେମାନଙ୍କ ଚାକିରିକୁ ସ୍ଥାୟୀ କରି ନ ଥିଲେ । ଅବସର ଗ୍ରହଣ ପରେ ସରକାର ସେମାନଙ୍କୁ ପେନସନ ଏବଂ ଅନ୍ୟାନ୍ୟ ଅବସରକାଳୀନ ସୁବିଧା ପ୍ରଦାନ କରିବାକୁ ମନା କରିଦେଇଥିଲେ ।

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ "କଣ୍ଟାଡିନୋ-୨୦୨୬' ଉଦ୍‌ଘାଟିତ

କଟକ, (ସ୍ୱପ୍ର): ସ୍ଥାନୀୟ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କୃଷି ବିଭାଗରବାର୍ଷିକଉତ୍ସବ"କଣ୍ଟାଡିନୋ ୨୦୨୬' ଗୁରୁବାର ବିଶ୍ୱବିଦ୍ୟାଳୟର ମଲଫି ପର୍ପୋଜ୍ ହଲ ଠାରେ ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଓଲିଉଡ୍ ଦମ୍ପତି ସବ୍ୟସାଚୀ ମିଶ୍ର ଏବଂ ଅର୍ଚ୍ଚିତା ସାହୁ ଯୋଗ ଦେଇଥିଲେ । ପ୍ରତ୍ୟକ୍ଷ ଇଷ୍ଟେଟ୍ସ ପ୍ରାଇଭେଟ୍ ଲିମିଟେଡର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ପ୍ରଭାତ କୁମାର ପ୍ରଧାନ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ । କୃଷି ବିଭାଗ ପ୍ରାଧ୍ୟାପିକା ଡ. ମୈତ୍ରେୟୀ ତ୍ରିପାଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏହାପରେ ବିଦ୍ୟାର୍ଥୀମାନେ ଅତିଥିମାନଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ଅତିଥିମାନଙ୍କ ଦ୍ୱାରା ବିଭାଗୀୟ ବାର୍ଷିକ ମୁଖପତ୍ର "ବର୍ତ୍ତିକା-୨୦୨୬' ଉନ୍ମୋଚିତ ହୋଇଥିଲା । କୁଳପତି



ପ୍ରଫେସର ଡ. ତେଜପ୍ରତାପ, କୃଷି ବିଭାଗ ଅଧ୍ୟକ୍ଷ ପ୍ରଫେସର ଡ. ଏସ୍. କୁମାରସ୍ୱାମୀ ଏବଂ କ୍ରୀଡ଼ା ଓ ସାଂସ୍କୃତିକ କମିଟି ସଂଯୋଜକ ଡ. ଅଭିନବ ମିଶ୍ର ମଧ୍ୟ ଉପସ୍ଥିତ ରହି ବିଦ୍ୟାର୍ଥୀମାନଙ୍କୁ ପ୍ରେରଣା ଯୋଗାଇଥିଲେ । ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ଫ୍ୟାଶନ୍ ଶୋ', ଏକକ ନୃତ୍ୟ ଓ ସଙ୍ଗୀତ, ସ୍କିଟ୍, ରଙ୍ଗୋଲି ଏବଂ କୁଇଜ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ସମସ୍ତ ପ୍ରତିଯୋଗିତାରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀମାନେ ଉତ୍ସାହର ସହ ଭାଗନେଇ ନିଜନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ ।

# ଏମ୍‌ଏସସିବି ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରାକ୍-ଐତିହାସିକ ଯୁଗୀୟ ୮ ଦିନିଆ କର୍ମଶାଳା



ବାରିପଦା, (ସବ୍ୟୁ) : ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ସହାୟତାରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଜ୍ଞାନ ଓ ଜନଜାତି ଅଧ୍ୟୟନ ବିଭାଗ ତରଫରୁ ଏକ ପ୍ରାଗ ଐତିହାସିକ ଯୁଗୀୟ ଆଠ ଦିନିଆ କର୍ମଶାଳା କୁଳିଅଣା ଠାରେ ଆୟୋଜିତ ହୋଇଯାଇଅଛି। ଏହି କର୍ମଶାଳାକୁ ସହଯୋଗ କରିବେ ରେଭେନ୍ସା ବିଶ୍ୱବିଦ୍ୟାଳୟ, ଶର୍ମା ହେରିଟେଜ ଏଜୁକେସନ ସେଣ୍ଟର, ଭାରତୀୟ ପ୍ରନିତତ୍ତ୍ୱ ସର୍ବେକ୍ଷଣ ପୁରୀ ସର୍କଲ ।

ଏହାର ଶୁଭାରମ୍ଭ ବିଶ୍ୱବିଦ୍ୟାଳୟର ୨୦୦ ଶଯ୍ୟା ବିଶିଷ୍ଟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା ଏଥିରେ ମୁଖ୍ୟଅତିଥି ଭାବେ ଜାତୀୟ ମନୁମେଣ୍ଟ ଓଥିରିଟିର ପୂର୍ବତନ ଚେୟାରମେନ ତଥା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର କିଶୋର କୁମାର ବସା, ମୁଖ୍ୟ ପୃଷ୍ଠପୋଷକ ଭାବରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ, ମୁଖ୍ୟ ବକ୍ତା ଭାବେ ଶର୍ମା ହେରିଟେଜ ଏଜୁକେସନ ସେଣ୍ଟର ନିର୍ଦ୍ଦେଶିକା ପ୍ରଫେସର ଶାନ୍ତି ପାପୁ, ପୃଷ୍ଠପୋଷକ ଭାବରେ ବିଶ୍ୱବିଦ୍ୟାଳୟ ର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କୋମଲ ଲଚନ ବାରିକ, ସହ ପୃଷ୍ଠପୋଷକ ଭାବରେ ବିଶ୍ୱବିଦ୍ୟାଳୟ ପିଏମ୍ ଉଷା ନୋଡାଲ ଅଫିସର ପ୍ରଫେସର ଇନ୍ଦ୍ରଜିତ ନାୟକ, ସଂଯୋଜକ ଭାବେ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ଏବଂ ଜନଜାତି ବିଭାଗର ଆସୋସିଏଟ ପ୍ରଫେସର ଡଃ ବସନ୍ତ କୁମାର ମହାନ୍ତ ଏବଂ ସହ ସଂଯୋଜକ ଭାବେ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ଏବଂ ଜନଜାତି ବିଭାଗର ଡଃ ମୋନାଲି ଗୋସ୍ୱାମୀ, ଡ଼ଃ ପ୍ରିୟଙ୍କା ଦାସ ଓ ଡ଼ଃ ଭୁବନେଶ୍ୱର ଶବର ଯୋଗଦାନ କରି କର୍ମଶାଳାକୁ ଉଦଘାଟନ କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ଏବଂ ଜନଜାତି ବିଭାଗ, ଇତିହାସ ବିଭାଗ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ନୃତତ୍ତ୍ୱ ବିଭାଗ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଗବେଷକ, ଅଧ୍ୟାପକ ଏବଂ ଅଧ୍ୟାପିକା ମାନେ ଅଂଶଗ୍ରହଣ କରିଥିଲେ ।

ଏହି ଆଠଦିନିଆ କର୍ମଶାଳା ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଠାରେ ଲୁଚି ରହିଥିବା ପ୍ରାଗଐତିହାସିକ ଯୁଗର ସାମଗ୍ରୀର ପୁନଃଜୀବିତ କରାଯିବ । କୁଳିଅଣା ଠାରେ ୧୯୪୮ ମସିହାରେ ପ୍ରସ୍ତର ଯୁଗର ପ୍ରଥମେ କୋଲକାତା ବିଶ୍ୱବିଦ୍ୟାଳୟର ନିର୍ମଳ ବୋଷ ଓ ଧରଣୀ ସେନ ଉତଖନନ କରିଥିଲେ, ମୟୂରଭଞ୍ଜ ଓଡ଼ିଶାର ପୁରାତତ୍ତ୍ୱ ଇତିହାସରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଭାବେ ପରିଚିତ । ପୂର୍ବରୁ ଏଠାରେ ସାର୍କ ପୋସିଲ୍ ଇତ୍ୟାଦି ମିଳିଥିବାବେଳେ ପ୍ରସ୍ତର ଯୁଗର ରହସ୍ୟ ଉନ୍ମୋଚିତ ହୋଇଥିଲା ।

ମୟୂରଭଞ୍ଜର ବିଭିନ୍ନ ସ୍ଥାନ ବିଶେଷକରି ଶିମିଳିପାଳ, କୁଳିଅଣା ଓ ବୁଢାବଳଙ୍ଗ ନଦୀ ଅବବାହିକାରୁ ମିଳିଥିବା ପାଷାଣ ହତିଆର ଓ ଅନ୍ୟାନ୍ୟ ଅବଶେଷ ନିମ୍ନ ପ୍ରସ୍ତର ଯୁଗରୁ ଆରମ୍ଭ କରି ମଧ୍ୟପ୍ରସ୍ତର ଯୁଗ ଓ କେତେକ ସ୍ଥଳରେ ଉଚ୍ଚ ପ୍ରସ୍ତର ଯୁଗ ଓ ମେସୋଲିଥିକ୍ ଯୁଗ ସହିତ ନୂତନ ପ୍ରସ୍ତର ଯୁଗ ସମ୍ପର୍କିତ ବୋଲି ପୁରାତତ୍ତ୍ୱବିଦ୍ ମତ ରଖୁଛନ୍ତି। ଏହି ଅବଶେଷର ଆନୁମାନିକ ବୟସ ପ୍ରାୟ ଅଢେଇଲକ୍ଷ ବର୍ଷର ବୋଲି କୁହାଯାଉଛି ।

ଏହା ଏହି ଅଞ୍ଚଳରେ ମାନବ ବାସର ଦୀର୍ଘ ଐତିହାସିକ ପରମ୍ପରାକୁ ସ୍ପଷ୍ଟ ପ୍ରମାଣିତ କରୁଛି। ପ୍ରାଚୀନ କାଳରେ ଶିମିଳିପାଳ, କୁଳିଅଣା ତଥା ବୁଢାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀର ଅବବାହିକା ଓ ମଧ୍ୟଭାଗରେ ପ୍ରାଗ୍-ଐତିହାସିକ ମାନବ ବାସ ପାଇଁ ବିଶେଷ ଭାବେ ଉପଯୁକ୍ତ ଥିଲା । ଏହି ଅଞ୍ଚଳରେ ପର୍ଯ୍ୟାପ୍ତ ଜଳ ସମ୍ପଦ, ଘନ ଜଙ୍ଗଲ, ଶିକାର ଯୋଗ୍ୟ ପଶୁପକ୍ଷୀ ଓ ପାଷାଣ ହତିଆର ତିଆରି ପାଇଁ ଆବଶ୍ୟକ କାର୍ଟଜାଇଟ୍, କାର୍ଟଜ୍ ପରି କଞ୍ଚାମାଲ ସହଜରେ ମିଳିପାରୁଥିଲା ।

# ଆଗକୁ ଗ୍ୟାସ ସଂକଟ : ମଧ୍ୟାହ୍ନଭୋଜନ ପ୍ରଭାବିତ ଆଶଙ୍କା



ଧରାକୋଟ, (ସବ୍ୟୁ): ମଧ୍ୟପ୍ରାଚ୍ୟରେ ଚାଲିଥିବା ମହାସମର ଯୋଗୁଁ ତୈଳ ସହ ଗ୍ୟାସ ସମସ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଛି । ଧରାକୋଟ ବ୍ଲକର ମୋଟ ୧୨୫ ଗୋଟି ବିଦ୍ୟାଳୟରେ ୧୫୧୦୮ ଜଣ ଛାତ୍ରଛାତ୍ରୀ ପ୍ରତିଦିନ ମଧ୍ୟାହ୍ନ ଭୋଜନ ଖାଉଛନ୍ତି । ସରକାରୀ ନିୟମ ପ୍ରକାରେ ଗ୍ୟାସ ସିଲିଣ୍ଡର ସହାୟତାରେ ରୋଷେଇ ପାଇଁ ବିଦ୍ୟାଳୟ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ଅନୁସନ୍ଧାନରୁ ଜଣାଯାଇଛି ବ୍ଲକର ୧୧୮ ବିଦ୍ୟାଳୟରେ ଗ୍ୟାସ ସଂଯୋଗ ରହିଛି । ସଂପ୍ରତି ଆମେରିକା, ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଲାଗି ରହିଥିବାରୁ ଗ୍ୟାସ ସମସ୍ୟା ଧୀରେ ଧୀରେ ଉତ୍କଟ ହେବାର ସମ୍ଭାବନା ଦେଖା ଦେଲାଣି ।

ଅନ୍ୟପକ୍ଷରେ ରାଜ୍ୟ ନୋଡାଲ ଅଧିକାରୀ ବିଇଓ ମାନଙ୍କୁ ତୁରନ୍ତ ପ୍ରତି ମାସରେ କେତୋଟି ସିଲିଣ୍ଡର ସମସ୍ତ ବିଦ୍ୟାଳୟ ଗୁଡ଼ିକ ପାଇଁ ଆବଶ୍ୟକ ଜଣାଇବା ପାଇଁ ଚିଠି ଲେଖିଛନ୍ତି । ଅନ୍ୟ ପକ୍ଷରେ ବିଦ୍ୟାଳୟ ଗୁଡ଼ିକରେ ଗ୍ୟାସର ବିକଳ୍ପ ଭାବରେ କାଠ ବ୍ୟବହାର ଏକ ମାତ୍ର ପନ୍ଥା ହୋଇଥିବା ବେଳେ ଏଥିପାଇଁ ଆଗୁଆ ପଦକ୍ଷେପ ନେବା ଜରୁରୀ ହୋଇଛି ।

ଘଟଣା ସମ୍ପର୍କରେ ବିଇଓ ରମେଶ ଚନ୍ଦ୍ର ସାହୁଙ୍କ ସହ ଯୋଗାଯୋଗ ବେଳେ ଗ୍ୟାସର ଅଭାବ ସମ୍ପର୍କରେ ଆମକୁ କେହି ଅଭିଯୋଗ କରି ନାହାନ୍ତି, କିନ୍ତୁ କୌଣସି ପରିସ୍ଥିତିରେ ମଧ୍ୟାହ୍ନ ଭୋଜନ ବନ୍ଦ ହେବନାହିଁ, ବିଦ୍ୟାଳୟ କର୍ତ୍ତୃପକ୍ଷ ବିକଳ୍ପ ବ୍ୟବସ୍ଥା କରିବେ, ପରିସ୍ଥିତି ପ୍ରତି ଆମେ ନଜର ରଖିଛୁ ବୋଲି ପ୍ରକାଶ କରିଛନ୍ତି । ଏଣୁ ବିଦ୍ୟାଳୟ ଗୁଡ଼ିକର ପ୍ରଧାନ ଶିକ୍ଷକ ମାନେ ଏଥିପ୍ରତି ଆଗୁଆ ସଚେତନ କେତେଦୂର ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

## ଗଞ୍ଜେଇ ବୋଝେଇ କାର ଜବତ, ଜଣେ ଗିରଫ

ଭଞ୍ଜନଗର, (ସବ୍ୟୁ): ବ୍ୟବସାୟିକ ଉଦ୍ଦେଶ୍ୟରେ କନ୍ଧମାଳ ଜିଲ୍ଲାରୁ ବିଭିନ୍ନ ସ୍ଥାନକୁ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଯୁବକ ସହ ବୋଝେଇ ହେଇଥିବା କାର ଭଞ୍ଜନଗର ଅବକାରୀ ବିଭାଗ ଜବତ କରିଛି । ୮୮କେଜି ଗଞ୍ଜେଇ ଜବତ କରାଯାଇଛି । ଗିରଫ ଯୁବକ କାର ଯେଗେ ଗଞ୍ଜେଇ ଧରି କନ୍ଧମାଳରୁ ଭଞ୍ଜନଗର ଅଭିମୁଖେ ଆସୁଥିବା ବେଳେ ସୈରାଦେବୀ ମନ୍ଦିର ନିକଟରେ ଅବକାରୀ କମଚାରୀ ଜଗି ରହିଥିଲେ କାରଟି ଆସିବାର ଦେଖି ଅଟକାଇ ଯାଞ୍ଚ କରିଥିଲେ । ସେହି ସମୟରେ କାରରେ ଗଞ୍ଜେଇ ଥିବାର ଜଣାପଡିଥିଲା । ଅବକାରୀ ବିଭାଗ କାବୁ କରି କାର୍ଯ୍ୟାଳୟକୁ ଅଣାଯାଇଥିଲା । ଏହି ଚଢାଉ ଅବକାରୀ ଥାନା ଅଧିକାରୀ ଶ୍ରୀ ମହାନ୍ତିଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା । ଏନେଇ କେସନଂ୧୨୯/୨୬-୨୭ରେ ମାମଲାରେ ରୁଜୁ କରାଯାଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଓଆଇସି ଜୋତି ରଞ୍ଜନ ସେନାପତି ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ଜଣକ ହେଲେ କନ୍ଧମାଳ ଜିଲ୍ଲା ଫୁଲବାଣୀ ଥାନା ଅଞ୍ଚଳର ଅଶୋକ ନାଇକ ବୋଲି ଜଣାପଡିଛି । ଚଢ଼ାଉ ବେଳେ ଏଏସଆଇ ରାଧା ମୋହନ ସାହୁ, ସନାତନ ନାହାକ, ଜଗନ୍ନାଥ ମହାପାତ୍ର ,ସୁବଳ ପ୍ରଧାନ, କୃଷ୍ଣଚନ୍ଦ୍ର ସେଠୀ, ଦୀପକ ରଞ୍ଜନ ସାହୁ ସାମିଲ ହୋଇଥିଲେ ।

# ପଦ୍ମିନୀ କେୟାର ପକ୍ଷରୁ ବିଶ୍ୱ କିଡ୍‌ନୀ ଦିବସ ପାଳିତ




କଟକ, (ସ୍ୱପ୍ର): ପଦ୍ମିନୀ କେୟାର ହସ୍‌ପିଟାଲ ପକ୍ଷରୁ ବିଶ୍ୱ କିଡ୍‌ନୀ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସଚେତନା ସୃଷ୍ଟି କରିବା ଲାଗି ୱାକାଥନ୍ ହସ୍‌ପିଟାଲ ନିକଟରୁ ବାହାରି କ୍ୟାମ୍ପସ ପରିକ୍ରମା କରିଥିଲା । ଏଥିରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ବିଭାଗୀୟ ଅଧିକାରୀ, କର୍ମଚାରୀ ଏବଂ ସାଧାରଣ ନାଗରିକ ଅଂଶ ଗ୍ରହଣ କରିଥିଲେ ।

ଜୟଶ୍ରୀ ଅଡିଟୋରୟମ୍‌ରେ ଚଳିତ ବର୍ଷର ବାର୍ତ୍ତା ସମସ୍ତଙ୍କ ପାଇଁ ସୁସ୍ଥ କିଡ୍‌ନୀ -ଲୋକଙ୍କ ଯନି ନେବା, ପୃଥିବୀକୁ ସୁରକ୍ଷା ଦେବା ଉପରେ ଆୟୋଜିତ ଆଲୋଚନାଚକ୍ରକୁ ଆଭାସୀ ମାଧ୍ୟମରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉଦଘାଟନ କରିଥିଲେ । ହସ୍‌ପିଟାଲର ପରିଚାଳନା ନିର୍ଦ୍ଦେଶିକା ନୀଳଞ୍ଜନା ମୁଖାର୍ଜୀ ପଦ୍ମିନୀ କେୟାରରେ ଉପଲବ୍ଧ କିଡ୍‌ନୀଜନିତ ସମସ୍ୟାର ଚିକିତ୍ସା ସମ୍ବନ୍ଧରେ ଆଲୋକପାତ କରିବା ସହିତ ଗ୍ରାମାଞ୍ଚଳର ଗରିବ ଓ ଅସହାୟ ରୋଗୀ ଯେଭଳି ଉପକୃତ ହେବେ ସେଥିପାଇଁ ଖୁବ୍ ଶୀଘ୍ର ଏଠାରେ କିଡ୍‌ନୀ ପ୍ରତିରୋପଣ କେନ୍ଦ୍ର ସ୍ଥାପନ ନିମନ୍ତେ ଅଧ୍ୟକ୍ଷ ଙ୍କ ଦୁର୍ଗା ପ୍ରସାଦ ରଥ ଙ୍କ ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ ।

ନେଫ୍ରୋଲୋଜି ବିଭାଗର ବିଶେଷଜ୍ଞ ଡା. ନବୀନ କୁମାର ମେଡି କିଡ୍‌ନୀ ଅକ୍ଷମତାର ବିଭିନ୍ନ କାରଣ ଓ ପର୍ଯ୍ୟାୟ ଭିତ୍ତିକ ଚିକିତ୍ସା ଉପରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ଡା. ସୁଜିତ ନନ୍ଦ କିଡ୍‌ନୀ ସମସ୍ୟାରୁ ମୁକ୍ତି ପାଇବା ଲାଗି ନିଜେ ସଚେତନ ହେବା ସହ ଜୀବନ ଶୈଳୀକୁ ସ୍ୱାସ୍ଥ୍ୟ ଅନୁକୂଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

ପ୍ରାରମ୍ଭରେ ପଦ୍ମିନୀ କେୟାର ହସ୍‌ପିଟାଲର ନିର୍ଦ୍ଦେଶକ (କ୍ଲିନିକାଲ ସେବା) ଡା. ପ୍ରମୋଦ କୁମାର ମିଶ୍ର ସ୍ୱାଗତ ଅଭିଭାଷଣ ଦେବା ସହ ସଂପ୍ରତି ଦେଶ ତଥା ଆମ ରାଜ୍ୟରେ ବୃଦ୍ଧି ପାଇଥିବା ବକକ୍ ରୋଗୀଙ୍କ ପରିସଂଖ୍ୟାନ ଚିତ୍ର ପ୍ରଦାନ କରିଥିଲେ । ଏହି ଅବସରରେ କିଡ୍ ଓ । ଚିକିତ୍ସିତ ହୋଇ ସୁସ୍ଥ ହୋଇଥିବା କେନ୍ଦ୍ରାପଡା ଇନ୍ଦୁପୁର ଅଞ୍ଚଳର ଲକ୍ଷ୍ମୀନାରାୟଣ ପତି ନିଜର ଅନୁଭୂତି ବର୍ଣ୍ଣନା କରି ଥିଲେ ଓ ହସ୍‌ପିଟାଲ ପକ୍ଷରୁ ତାଙ୍କୁ ସମ୍ମାନିତ କାରାଯାଇଥିଲା । ସ୍ମୃତିରେଖା ବାରିକ କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଠକେଇ
## ଗିରଫ ଅଭିଯୁକ୍ତ କୋର୍ଟ ଚାଲାଣ

ବ୍ରହ୍ମପୁର, (ସବ୍ୟୁ): ଜନୈକା ଯୁବତୀଙ୍କୁ ବିବାହର ପ୍ରତିଶୃତି ଦେଇ ଠକେଇ କରିଥିବା ଅଭିଯୋଗରେ ବଡବଜାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ସଦର ଥାନା ଅନ୍ତର୍ଗତ ସୁକୁଣ୍ଡା ଗ୍ରାମର କାଳିଆ ସାହୁ(୨୧) । ଗୁରୁବାର ଉଭୟ ପିଡ଼ିତା ଓ ଅଭିଯୁକ୍ତ କାଳିଆଁଙ୍କ ଏମକେସିଜି ମେଡିକାଲରେ ଡାକ୍ତରୀ ମାଇନା କରାଯାଇଥିଲା । ମାମଲା ନଂ ୧୭୦/୨୬ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ପୋଲିସ ଏକ ପ୍ରେସନୋଟ ଜରିଆରେ ସୂଚନା ଦେଇଛି । ଘଟଣାରୁ ପ୍ରକାଶ ଯେ, ଗତବର୍ଷ ଦଣ୍ଡଯାତ୍ରା ବେଳେ କାଳିଆ ସାହୁ ଉକ୍ତ ଯୁବତୀଙ୍କ ସହ ପ୍ରେମ କରିବା ଆରମ୍ଭ କରିଥିଲେ । ବିଭିନ୍ନ ପ୍ରତିଶ୍ରୁତି ଦେଇ ଯୁବକ ଜଣଙ୍କ ଯୁବତୀଙ୍କୁ ଇଛା ବିରୋଧରେ ବିଭିନ୍ନ ସ୍ଥାନକୁ ନେଇ ବଳାତ୍କାର କରି ଆସୁଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ଜାଣିବା ପରେ କାଳିଆକୁ ବିବାହ କରିବାକୁ ବାଧ୍ୟ କରିଥିଲେ । ଯୁବତୀ ଜଣଙ୍କ ହରିଜନ ସମ୍ପ୍ରଦାୟର ହୋଇଥିବା ବେଳେ କାଳିଆ ତାଙ୍କୁ ଧୋବଣି ବୋଲି ଆକ୍ଷେପ କରିବା ସହ ବିବାହ କରିବେ ନାହିଁ ବୋଲି ଧମକଚମକ ଦେଇଥିଲେ । ପ୍ରତାରଣାର ଶିକାର ହୋଇଥିବା ଜାଣିବା ପରେ ପିଡ଼ିତା ଜଣଙ୍କ ବଡବଜାର ଥାନାରେ ଏନେଇ ଅଭିଯୋଗ କରିଥିଲେ । ପୋଲିସ ଏସଂକ୍ରାନ୍ତରେ ଏକ ମାମଲା ରୁଜୁ କରିବା ସହ ପିଡ଼ିତାଙ୍କ ବୟାନ ଆଧାରରେ ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବୋଲି କହିଛି ।

## ୧୫ରେ ନାଟକ "ମହାସଂଗ୍ରାମର ମହାନାୟକ: ବକ୍ସି ଜଗବନ୍ଧୁ"



ବାରିପଦା, (ସବ୍ୟୁ) : ଭାରତର ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ଓଡ଼ିଆ ବୀର ବକ୍ସି ଜଗବନ୍ଧୁ ଥିଲେ ଅନ୍ୟତମ ଓ ତାଙ୍କର ବୀରତ୍ୱର କାହାଣୀକୁ ନାଟକ ରୂପ ଦେଇଥିଲେ ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓ ପ୍ରତିଷ୍ଠିତ ନିର୍ଦ୍ଦେଶକ ଧୀର ମଲ୍ଲିକଙ୍କ ନିର୍ଦ୍ଦେଶନାରେ ଓଡିଶାର ଅଦ୍ୱିତୀୟ ନାଟ୍ୟସଂସ୍ଥା ଶତାବ୍ଦୀର କଳାକାର ସ୍ଥାନୀୟ ଶହୀଦ ସ୍ମୃତି ଭବନରେ ଚଳିତ ମାସ ୧୫ ତାରିଖରେ ନାଟକ "ମହାସଂଗ୍ରାମର ମହାନାୟକ : ବକ୍ସି ଜଗବନ୍ଧୁ ପରିବେଷଣ କରିବେ। ବାରିପଦାର "ଆମେ ନାଟ୍ୟସଂସ୍ଥା ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ଯୁଗାନ୍ତକାରୀ ନାଟକକୁ ନିଃଶୁଳ୍କରେ ଦେଖିବା ସହ କଳାକାରମାନଙ୍କୁ ଉତ୍ସାହିତ କରିବା ପାଇଁ ସଂସ୍ଥାର ପ୍ରତିଷ୍ଠାତା ଚିନ୍ମୟ ଦାସ ପଟ୍ଟନାୟକ ଅନୁରୋଧ କରିଛନ୍ତି ।

# ବିଜେଡି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ସପ୍ତାହ ପାଳିତ



ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ କଳା ପରିଷଦ ସଭା ଗୃହରେ ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳ ମହିଳା ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ସପ୍ତାହ ପାଳିତ ହୋଇଛି । ମହିଳା ମାନଙ୍କର ସଶକ୍ତିକରଣ, ସମାନ ଅଧିକାର ଓ ସମାଜରେ ସେମାନଙ୍କର ଅବଦାନକୁ ସମ୍ମାନ ଜଣାଇ ଆଲୋଚନା ହୋଇଥିଲା । ବିଜେଡି ସର୍ବଦା ମହିଳାଙ୍କ ସଶକ୍ତିକରଣ ପାଇଁ କାମ କରି ଆସିଛି । ଚାଷୀଠାରୁ ଆରମ୍ଭ କରି ନିର୍ମାଣ କାର୍ଯ୍ୟରେ ନିୟୋଜିତ ମହିଳାମାନଙ୍କୁ ସମାନ ସୁଯୋଗ ଦେବାରେ ଦଳର ପ୍ରତିବଦ୍ଧତା ରହିଛି । ମହିଳାଙ୍କର ସାମାଜିକ, ଆର୍ଥିକ, ରାଜନୈତିକ ଓ ସାଂସ୍କୃତିକ ସଫଳତାକୁ ବିଜେଡିର ଉଦ୍ୟମ ଓଡ଼ିଶାର ମହିଳାମାନଙ୍କୁ ଆହୁରି ଅଧିକ ସଶକ୍ତ କରିବାରେ ସହାୟକ ହୋଇଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ, ମିଶନ ଶକ୍ତି, ମହିଳା ସହାୟକ ଗୋଷ୍ଠୀ ଗଠନ, ସମେତ ମହିଳାଙ୍କ ସୁରକ୍ଷା ଉପରେ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଇ ଆସିଛନ୍ତି । ମହିଳାଙ୍କ ବିରୁଦ୍ଧରେ ଅତ୍ୟାଚାର ରାଜ୍ୟରେ ବଢ଼ିଚାଲିଛି, ରାଜ୍ୟର ବିଜେପି ସରକାର ମହିଳାଙ୍କ ସୁରକ୍ଷା ଉପରେ ଅଧିକ ଯନିବାନ ହେବାର ଆବଶ୍ୟକତା ରହିଛି ବୋଲି ଆସିଥିବା ଦଳର ରାଜ୍ୟସ୍ତରୀୟ ମହିଳା ନେତା ମାନେ ନିଜ ଭାଷଣରେ ରଖିଥିଲେ । କେବଳ ମାର୍ଚ୍ଚ ୮ ବୋଲି ନୁହଁ ପ୍ରତ୍ୟେକ ଦିନ ମହିଳାଙ୍କୁ ସମ୍ମାନ ଜଣାଇ ପ୍ରତିଦିନ ମହିଳା ଦିବସ ହୋଇପାରିବ ବୋଲି ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଛନ୍ତି ।

କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ବିଜେଡିର କାର୍ଯ୍ୟକାରୀ ସଭାପତି ଭଗବାନ ଗନ୍ତାୟତ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରାଜେଶ୍ୱରି ଦୋରା, ପୂର୍ବତନ ବିଧାୟିକା ଲତିକା ପ୍ରଧାନ, ଆସିକା ବିଜେଡ଼ି ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ, ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ପୂର୍ବତନ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ରାଜ୍ୟ ମହିଳା ବିଜେଡ଼ି ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ବାଲେଶ୍ୱର ବିଜେଡ଼ି ସାଂସଦ ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତସିଂହାର, ବରିଷ୍ଠ ମହିଳା ନେତ୍ରୀ ଲୋପାମୁଦ୍ରା ବକ୍ସିପାତ୍ର, ଭୁବନେଶ୍ୱର ମେୟର୍ ସୁଲୋଚନା ଦାସ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ୍ଡୀ, ପୂର୍ବତନ ବିଧାୟକ ଡା.ରମେଶଚନ୍ଦ୍ର ଚ୍ୟାଉ ପଟନାୟକ, ପୂର୍ବତନ ସାଂସଦ ଚନ୍ଦ୍ର ଶେଖର ସାହୁ, ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣାଙ୍କ ସମେତ ଦଳର ବହୁ ବରିଷ୍ଠ ନେତ୍ରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବ୍ରହ୍ମପୁର ମହାନଗର ନିଗମର ବହୁ କର୍ପୋରେଟର ସମେତ ଗଞ୍ଜାମ ଜିଲ୍ଲାର ବିଭିନ୍ନ ପଂଚାୟତର ୱାର୍ଡ ସଦସ୍ୟ, ସରପଞ୍ଚ, ସମିତି ସଦସ୍ୟ ସମେତ ଦଳର ବହୁ ନେତା ମହିଳା କର୍ମୀ ଉପସ୍ଥିତ ରହିଥିଲେ ।

# ଜିଲ୍ଲା ଓକିଲ ସଂଘ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଯାଞ୍ଚ ପରେ ତାଲିକା ପ୍ରକାଶିତ

ବାରିପଦା, (ସବ୍ୟୁ) : ଜିଲ୍ଲା ଓକିଲ ସଂଘ ନିର୍ବାଚନ ଚଳିତ ମାସ ୨୮ତାରିଖ ଅନୁଷ୍ଠିତ ହେଉଅଛି। ଗୁରୁବାର ପ୍ରାର୍ଥୀପତ୍ର ଯାଞ୍ଚ ପରେ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ତାଲିକା ପ୍ରକାଶିତ ହୋଇଛି। ଜିଲ୍ଲା ଓକିଲ ସଂଘ ନିର୍ବାଚନର ସଭାପତି ପଦ ପାଇଁ ଜ୍ୟୋତି ପ୍ରକାଶ ରଥ ଓ ପ୍ରବୀର କୁମାର ବଶା, ସମ୍ପାଦକ ପଦ ପାଇଁ ଜ୍ଞାନରଞ୍ଜନ ଜେନା ଓ ବିପ୍ଲବ ବାରିକ, ଯୁଗ୍ମ ସମ୍ପାଦକ ପଦ ପାଇଁ ସ୍ୱରୂପ କୁମାର ମିଶ୍ର ଓ ରତିକାନ୍ତ ସାହୁ, ଯୁଗ୍ମସମ୍ପାଦକ (ପ୍ରଶାସନ) ପଦ ପାଇଁ ମନୋଜ କୁମାର ମହାନ୍ତ ଓ ପଙ୍କଜ କୁମାର ମହାକୁଡ଼୍ ଓ ଯୁଗ୍ମସମ୍ପାଦକ ପାଠାଗାର ପଦ ପାଇଁ ସତ୍ୟନାରାୟଣ ବେହେରା ଓ କୃଷ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

ଅନ୍ୟପକ୍ଷରେ ଉପସଭାପତି ପଦ ପାଇଁ ସତ୍ୟବ୍ରତ ଦାସ ଓ କୋଷାଧ୍ୟକ୍ଷ ପଦ ପାଇଁ ପଦ୍ମଲୋଚନ ମହାନ୍ତ ଏକମାତ୍ର ପ୍ରାର୍ଥୀ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିବାରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ସାଧାରଣ ପରିଷଦ ମହିଳା ସଦସ୍ୟ ପାଇଁ ୫ଟି ପଦ ସଂରକ୍ଷିତ ଥିବାବେଳେ ବୈଜନ୍ତୀ ବାସ୍କେ, ସ୍ୱପ୍ନା ମହାନ୍ତି, ସୁସ୍ମିତା ଘୋଷାଲ ଓ ରୂପଶ୍ରୀ ବାରିକ ପ୍ରମୁଖ ୪ଜଣ ପ୍ରାର୍ଥୀଥିବାରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ସାଧାରଣ ପରିଷଦ ସଦସ୍ୟର ୩ଟି ପଦ ପାଇଁ ଗିରିଶ ଚନ୍ଦ୍ର ମହାପାତ୍ର, ବୈଦ୍ୟ ପ୍ରକାଶ ପାରିକ, ଅନ୍ତଃର୍ଯ୍ୟାମୀ ବେହେରା, ଦେବରାଜ୍ ମିଶ୍ର, ଗୌତମ ଶଙ୍କର ରାୟ ଓ ବିଶାଲ କୁମାର ରାମ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ବୋଲି ଜିଲ୍ଲା ଓକିଲ ସଂଘର ନିର୍ବାଚନ ଅଧିକାରୀ କିଶୋର ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି।

# ବନାଗ୍ନି ପ୍ରଶମନ ସଚେତନତା କାର୍ଯ୍ୟକ୍ରମ

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ଅନ୍ତର୍ଗତ ତାରସିଂ ରେଞ୍ଜ କାର୍ଯ୍ୟାଳୟ ପରିସରରମଙ୍ଗଳବାର ଏକ ବନାଞ୍ଚଳସ୍ତରୀୟ ବନାଗ୍ନି ପ୍ରଶମନ ଓ ପରିଚାଳନା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଜନସାଧାରଣ ଓ ବନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏହି ସଭାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । କାର୍ଯ୍ୟକ୍ରମରେ ଏସିଏଫ୍ ବିମଳ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ବନ ବିଭାଗ କର୍ମଚାରୀମାନେ ସ୍ଥାନୀୟ ଲୋକଙ୍କ ସହ ସୁସମ୍ପର୍କ ରଖି କାର୍ଯ୍ୟ କଲେ ଜଙ୍ଗଲ ନିଆଁକୁ ସହଜରେ ନିୟନ୍ତ୍ରଣ କରାଯାଇପାରିବ । ଅନ୍ୟମାନଙ୍କ ମଧ୍ୟରେ ତାରସିଂ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ବିଭୁ କଲ୍ୟାଣ ପରିଡ଼ା, ଅବସରପ୍ରାପ୍ତ ରେଞ୍ଜର ଅନୁପମ ବାନାର୍ଜୀ ଓ ପ୍ରଶାନ୍ତ ସାହୁ, ପରିବେଶ ପ୍ରେମୀ ବିଜୟ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ରେଞ୍ଜର ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାକୁ ଓଏଫ୍ଏସ ରେଞ୍ଜ ସଂଯୋଜକ ରାମଚନ୍ଦ୍ର ବାରିକ ସଂଯୋଜନା କରିଥିଲେ । ବନପାଳ କଳାବଦନ ଦାସ, ସୁଭସ୍ମିତା ଦାସ ଓ କୃଷ୍ଣ ନାହାକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକର ଅବସରପ୍ରାପ୍ତ ଶିକ୍ଷକ ନରସିଂହ ନନ୍ଦ(୮୦)ଙ୍କ ପରଲୋକ ଘଟିଛି । ସେ ଛତ୍ରପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଦୀର୍ଘଦିନ ତିନି ଦଶନ୍ଧିରୁ ଅଧିକ ସମୟ ଧରି କାର୍ଯ୍ୟ କରିବା ସହ ଅନେକ ଉତମ ଛାତ୍ରଛାତ୍ରୀଙ୍କୁ ତିଆରି କରିବାରେ ସକ୍ଷମ କରାଇଥିଲେ । ସେ ଜଣେ ଆଦର୍ଶ, କର୍ତ୍ତବ୍ୟନିଷ୍ଠ ଓ ସ୍ନେହୀ ଶିକ୍ଷକ ଥିଲେ । ଏକଦା ଛତ୍ରପୁର ବ୍ଲକ ପ୍ରାଥମିକ ଶିକ୍ଷକମାନଙ୍କୁ ଏକତାର ରୁଜୁରେ ବାନ୍ଧି ରଖିବା ସହ ବ୍ଲକର ଶିକ୍ଷକ ସଂଘକୁ ସଂଗଠିତ କରିବା କ୍ଷେତ୍ରରେ ଏକ ଅଗ୍ରଣୀ ଭୂମିକା ତୁଲାଇଥିଲେ । ଗତକାଲି ତାଙ୍କରି ନିଜସ୍ୱ ବାସଭବନ ଚମାଖଣ୍ଡି ଠାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଉକ୍ତ ସମୟରେ ତିନି ପୁତ୍ର ମହେନ୍ଦ୍ର, ରାଜେନ୍ଦ୍ର ଓ ଜିତେନ୍ଦ୍ର, ୩ ବୋହୂ, ନାତିନାତୁଣି ଓ ପରିବାର ବର୍ଗ ଉପସ୍ଥିତ ଥିଲେ ।

## ସମସ୍ୱର ସଙ୍ଗଠନ ପକ୍ଷରୁ ବିଶ୍ୱ ମହିଳା ଦିବସ ସପ୍ତାହ




କଟକ, (ସ୍ୱପ୍ର) : ମହାନଦୀବିହାର ସ୍ଥିତ ସମସ୍ୱର ସଙ୍ଗଠନ ପକ୍ଷରୁ ସଭାନେତ୍ରୀ ନିଳୀମା ମିଶ୍ରଙ୍କ ନେତୃତ୍ୱରେ ଏବଂ ସମ୍ପାଦିକା ବିଦ୍ୟା ପରିଜାଙ୍କ ସଂଯୋଜନାରେ ରିଧି-ସିଦ୍ଧି ମଣ୍ଡପରେ ବିଶ୍ୱ ମହିଳା ଦିବସ ସପ୍ତାହ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଡ଼. ରୁଚି ଗୁପ୍ତା, ମୁଖ୍ୟବକ୍ତା ଭାବେ ଓଡମାସର ଯୁଗ୍ମ ସିଇଓ ବିପିନ ରାଉତ, ସମ୍ମାନିତ ଅତିଥି ଭାବେ ଦି ଲିଙ୍କ୍ ଚକ୍ଷୁ ଚିକିତ୍ସାଳୟର ପ୍ରତିଷ୍ଠାତା ରୋଟାରିଆନ୍ ଡ. ଆଲୋକ କୁମାର ସାହୁ, ମଧୁସ୍ମିତା ଷଡ଼ଙ୍ଗୀ, ନିରୁପମା ପତି, ମଧୁଛନ୍ଦା ଆଚାର୍ଯ୍ୟ, ମଳୟ ମଞ୍ଜରୀ ନାୟକ, ମନସ୍ୱିନୀ ପରିଜା, ଶତପଥୀ, କଳ୍ପନା ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ଅଳକା ନାୟକ, ପୁଷ୍ପଲତା ରାୟ, ଶ୍ରାବଣୀ ସ୍ୱାଇଁ, ନର୍ମଦା ଜେନା, ସୁନୀତା ସେନାପତି ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ୫ ଜଣ ସ୍ୱୟଂସହାୟକ ଗୋଷ୍ଠୀର ମା' ମାନଙ୍କୁ ପୁରସ୍କୃତ କରାଯାଇଥିଲା । ସଙ୍ଗଠନର ଉପସଭାପତି ସଂଘମିତ୍ରା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୀଳକଣ୍ଠନଗରରେ ଫାଉଣ୍ଡେସନ୍ କୋର୍ସର ସ୍ୱାଗତ ସମାରୋହ



ବ୍ରହ୍ମପୁର, (ସବ୍ୟୁ): ଗୁରୁବାର ଦିନ ପୂର୍ବାହ୍ନ ୯ଟା ସମୟରେ ସ୍ଥାନୀୟ ସରସ୍ୱତୀ ବିଦ୍ୟାମନ୍ଦିର, ନୀଳକଣ୍ଠ ନଗର ପରିସରରେ ପରିଚାଳନା ସମିତିର ସଭାପତି ଡଃ. ଜୀବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଫାଉଣ୍ଡେସନ୍ କୋର୍ସ-୨୦୨୬ର ନବାଗତ ଛାତ୍ରଛାତ୍ରୀଙ୍କର ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୩୫୦ ଛାତ୍ରଛାତ୍ରୀ ଶିକ୍ଷାଲାଭ ପାଇଁ ଯୋଗ ଦେଇଛନ୍ତି ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷ ଏସ୍. ମୋହନ ରାଓ ନବାଗତ ଛାତ୍ରଛାତ୍ରୀଙ୍କୁ ଏହି ପବିତ୍ର ଶିକ୍ଷାନୁଷ୍ଠାନକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ, ସଭାପତି ଡଃ. ଜୀବାନନ୍ଦ ତ୍ରିପାଠୀ ଅଧକ୍ଷୀୟ ଅଭିଭାଷଣ ପ୍ରଦାନ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଇଂରାଜୀ ଅଧ୍ୟାପିକା ମନ୍ଦାକିନୀ ମିଶ୍ର ମହାବିଦ୍ୟାଳୟ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ । ବିଦ୍ୟାଳୟର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ବ୍ୟକ୍ତିଗତ ସଙ୍ଗୀତ ଗାନ କରିଥିଲେ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ଶ୍ରେୟାଶ୍ରୀ ସାହୁ । ଶେଷରେ ଯୁକ୍ତଦୁଇ ବିଭାଗର ପର୍ଯ୍ୟାୟ ପ୍ରମୁଖ ସ୍ୱରାଜ୍ୟ ମାଝି ନିମନ୍ତ୍ରିତ ଅତିଥି, ସମସ୍ତ ଗୁରୁଜୀ ଗୁରୁମା ତଥା ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତିର ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ଉପଦେଷ୍ଟା ହରିକୃଷ୍ଣ ପାଢ଼ୀ, ନରସିଂହ ଚୌଧୁରୀ, ଦେବେନ୍ଦ୍ର କୁମାର ପାଢ଼ୀ, ନିମନ୍ତ୍ରିତ ସଦସ୍ୟ ରାଜେନ୍ଦ୍ର ଡାକୁଆ, ଶିଶୁମନ୍ଦିର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ବେଧଡ଼କ ଚାଲିଛି ପଲିଥିନ୍ କାରବାର, ଗୃହପାଳିତ ପଶୁ ପ୍ରଭାବିତ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ଏନଏସିରେ ପଲିଥିନ ବ୍ୟବହାର ଉପରେ କଟକଣା ରହିଥିଲେ ବି ବେଧଡ଼କ ଭାବେ ବିକ୍ରି ଓ ବ୍ୟବହାର ହେଉଛି ପଲିଥିନ । ବିଶେଷ ଭାବରେ ଖାଦ୍ୟ ପଦାର୍ଥ ଲାଗିଥିବା ପଲିଥିନ ବର୍ତ୍ତମାନ ବୁଲା ଗାଈଗୋରୁଙ୍କ ଖାଦ୍ୟ ପାଲଟି ଗଲାଣି । ମାତ୍ର ଏନଏସି ପ୍ରଶାସନ ପକ୍ଷରୁ ଏଥିପାଇଁ ବଳିଷ୍ଠ ପଦକ୍ଷେପ ନିଆଯାଉନାହିଁ । ପରିବେଶକୁ ପ୍ରଦୂଷଣ କରିବାର ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ପଲିଥିନ ଏବେ ଗୃହପାଳିତପଶୁଙ୍କ ଉପରେ ପ୍ରଭାବ ପକାଇ ସାରିଲାଣ ।

ସୂଚନା ଅନୁସାରେ ବୁଗୁଡ଼ା ସହରର ମୁଖ୍ୟ ବଜାରରେ ଏନଏସି ପକ୍ଷରୁ ସର୍ବସାଧାରଣ ତଥା ବ୍ୟବସାୟୀଙ୍କ ବ୍ୟବହାର ନିମନ୍ତେ ବଜାର ମଧ୍ୟରେ ଥିବା ଡଷ୍ଟବିନ ରଖାଯାଇଥିଲା । ଉଠା ଦୋକାନୀ ଠାରୁ ଆରମ୍ଭ କରି ବସା ଦୋକାନୀମାନେ ଦୋକାନରୁ ଦୈନିକ ବାହାରୁଥିବା ମଇଳା ଏହି ଡଷ୍ଟବିନରେ ପକାଉଥିଲେ । ମାତ୍ର ଦିନକୁ ଦିନ ଏହି ଡଷ୍ଟବିନ ସଂଖ୍ୟା କମିବାରେ ଲାଗିଛି । ଫଳରେ ଦୋକାନୀମାନେ ରାତି ହେଲେ ଦୋକାନରୁ ବାହାରୁଥିବା ଅଳିଆ ରାସ୍ତା ଉପରେ ଜମା କରୁଛନ୍ତି । ରାତି ହେଲେ ବୁଲା ଗାଈଗୋରୁ ବଜାର ଉପରେ ରୁଣ୍ଡ ହୋଇ ରାସ୍ତା ଉପରେ ପଡିଥିବା ପଲିଥିନଯୁକ୍ତ ଅଳିଆ ଗଦାରେ ଖାଦ୍ୟ ଅନ୍ୱେଷଣ କରିବା ସହିତ ପଲିଥିନରେ ଲାଗିଥିବା ଗୁଡ଼, ତେଲ ତଥା ଅନ୍ୟ ଖାଦ୍ୟ ପଦାର୍ଥ ଲାଗିଥିବା ପଲିଥିନକୁ ଖାଇ ଦେଉଥିବା ଦେଖିବାକୁ ମିଳୁଛି । ତେଣୁ ଏଥିପ୍ରତି ଏନଏସି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ବିଭିନ୍ନ ସମସ୍ୟା ନେଇ ବିଧାନସଭାରେ ପ୍ରଶ୍ନ ଉଠାଇଲେ କଳିକେଶ

ବଲାଙ୍ଗିର,(ସବ୍ୟୁ): ବିଧାନସଭାରେ ଜିଲ୍ଲାର ବିଭିନ୍ନ ସମସ୍ୟାକୁ ନେଇ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ ଦୃଢସ୍ୱର ଉତ୍ତୋଳନ କରିଛନ୍ତି । ଜିଲ୍ଲାର ପାନୀୟ ଜଳ ସମସ୍ୟା,ଶିକ୍ଷା,ସ୍ୱାସ୍ଥ୍ୟ ଓ ରାସ୍ତା ଉନ୍ନତିକରଣ,ଯୁବକ/ଯୁବତୀଙ୍କ ନିଯୁକ୍ତି ପ୍ରସଙ୍ଗକୁ ନେଇ ସରକାରଙ୍କୁ ବିରୋଧି ବିଧାୟକ ଭାବରେ ଘେରୁଥିବା ଲକ୍ଷ୍ୟ କରାଯାଇଛି । ବଲାଙ୍ଗିର ଜିଲ୍ଲାରେ ସରକାର କରିବାକୁ ଥିବା ଖଣି ପ୍ରକଳ୍ପରେ ଜିଲ୍ଲାର କେତେ ନିଯୁକ୍ତି ସୁଯୋଗ ପାଇବେ ବୋଲି ପ୍ରଶ୍ନ ଉଠାଇଛନ୍ତି । ଚଳିତ ବିଧାନସଭା ଅଧିବେସନର ପ୍ରଥମ ପର୍ଯ୍ୟାୟରେ ସ୍କୁଲ କଲେଜ, ସ୍ୱାସ୍ଥ୍ୟକେନ୍ଦ୍ର ତଥା ରାସ୍ତା ଉନ୍ନତିକରଣ ନେଇ ପୂର୍ତ୍ତ ଓ ଗୃହନିର୍ମାଣ ବିଭାଗର ମନ୍ତ୍ରୀଙ୍କୁ ଜିଲ୍ଲାର ଭିତ୍ତିଭୂମୀ ଉପରେ ପ୍ରଶ୍ନ କରିଥିଲେ । ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ତାଙ୍କର ଉତ୍ତରରେ ବଲାଙ୍ଗୀର ନିର୍ବାଚନମଣ୍ଡଳି ତଥା ବଲାଙ୍ଗିର ଓ କଣ୍ଟାବାଞ୍ଜି ଡିଭିଜନ ପକ୍ଷରୁ ଭିତ୍ତିଭୂମି ନିର୍ମାଣ ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ଉତ୍ତର ରଖିଥିଲେ । ଏହା ସହିତ



ଗୃହବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପଚରାଯାଇଥିବା ଏକ ପଶ୍ନର ଉତ୍ତରରେ ବଲାଙ୍ଗିର ଟାଉନଥାନାର ଏକ ନୂତନ ବିଲଡିଂ ନିର୍ମାଣର ଏକ ପ୍ରସ୍ତାବ ରହିଥିବା ଉତ୍ତର ରଖିଥିଲେ । ଠିକ ସେହିପରି ସ୍ୱାସ୍ଥ୍ୟ ତଥା ବୈଦ୍ୟୁତିକ ବୈଷୟିକ ବିଭାଗର ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗଙ୍କୁ ପଚରାଯାଇଥିବା ପ୍ରଶ୍ନରେ ବଲାଙ୍ଗିରରେ ଏକ ଆଇଟି ପାର୍କ ସ୍ଥାପନ ହେବାକୁ ଯାଉଛି ବୋଲି ଉତ୍ତର ରଖିଥିଲେ । ଜିଲ୍ଲାରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ନେଇ କଳିକେଶ ପ୍ରଶ୍ନ କରି ପ୍ରକଳ୍ପ ଗୁଡିକ ନିର୍ଦ୍ଧାରିତ ସମୟରେ ସରୁନଥିବା ବିଷୟରେ ପ୍ରଶ୍ନ କରିଥିଲେ । ବିଭିନ୍ନ ବ୍ଲକଅଞ୍ଚଳରେ ପାନୀୟ ଜଳଯୋଗାଣ ପାଇଁ ଚାଲିଥିବା ପ୍ରକଳ୍ପଗୁଡିକ ଆସନ୍ତା ଜୁନ ଓ ଆଉ କିଛି ଡିସେମ୍ବର ସୁଦ୍ଧା ସରିଯିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ମନ୍ତ୍ରୀ ଶ୍ରୀ ନାଏକ ଉତ୍ତର ରଖିଛନ୍ତି । ତେବେ ବଲାଙ୍ଗିର ଜିଲ୍ଲାରେ ଖଣିଖନନ ଓ ପରିବେଶ ସୁରକ୍ଷା ତଥା ଯୁବକ/ଯୁବତୀଙ୍କ ନିଯୁକ୍ତି ପ୍ରସଙ୍ଗରେ ନେଇ ବିଧାନସଭାରେ କଳିକେଶ କରିଥିବା ପ୍ରଶ୍ନରେ ଖଣିମନ୍ତ୍ରୀ ଉତ୍ତର ରଖି କହିଛନ୍ତି ଯେ,୨୦୨୫-୨୬ରେ ଜିଲ୍ଲାର ୪ଟି ଖଣି ବ୍ଲକ ନିଲାମ ହୋଇଛି । ଏଥିରେ ତେଲିପଦର-ଲୁକାପଡା-ପିପଲମୁଣ୍ଡା ଚୁନପଥର ଖଣିକୁ ରାଜ୍ୟସରକାର ନୀଲାମ କରିଥିବା ବେଳେ ଭାରତସରକାରଙ୍କ ପକ୍ଷରୁ ଭରତବାହାଲ ଗ୍ରାଫାଇଟ ଓ ମାଙ୍ଗାନିଜ ବ୍ଲକ,ଲରମ୍ବା ଗ୍ରାଫାଇଟ ଓ ମାଙ୍ଗାନିଜବ୍ଲକ,କନେଇଟାଲ ଗ୍ରାଫାଇଟ ଓ ମାଙ୍ଗାନିଜ ଖଣିବ୍ଲକକୁ ନୀଲାମ କରାଯାଇଛି । କିନ୍ତୁ ଏପର୍ଯ୍ୟନ୍ତ ଜିଲ୍ଲାରେ କୌଣସି ଖଣିଭିତ୍ତିକ ଶିଳ୍ପ ସ୍ଥାପନ ନେଇ କୌଣସି ପ୍ରସ୍ତାବ ନାହିଁ ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି । ଜିଲ୍ଲାରେ ବନୀକରଣ,ବେକାର ଯୁବକ/ଯୁବତୀଙ୍କୁ ତାଲିମ ଇତ୍ୟାଦି ପ୍ରସଙ୍ଗରେ ମଧ ବିଧାୟକ ଶ୍ରୀ ସିଂଦେଓ ପ୍ରଶ୍ନ ଉପସ୍ଥାପନ କରିଛନ୍ତି ।

# ସ୍କୁଲ ଖେଳ ପଡିଆ ଜମି ଜାଲିଆତି, ୫ ଗିରଫ

## ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ !

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ବ୍ଲକ୍ ଜୁନାନୀ ଗାଁର ସରକାରୀ ସ୍କୁଲ ଭୂମୀକୁ ଜାଲିଆତି କରି ହଡ଼ପ କରି ନିଆଯାଇଥିବା ଅଭିଯୋଗ ହୋଇଥିଲା ଏହି ଘଟଣାରେ ପୁଲିସ୍ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଜୋଙ୍କ ଥାନା ଖରିଆର ରୋଡ଼ ଗୁରୁ ନାନକ ନଗରର ରାଜେଶ ଚୌବେ (୨୭), ପରମଜିତ ସିଂ ବଗା (୫୮), ଧରମବନ୍ଧା ଥାନା କେନ୍ଦୁବାହାରା ଗାଁର ମାନ ବାଇ ରାଉତ (୫୫), ଭରତ ମାଝୀ (୫୬) ଓ ନେମି ଚନ୍ଦ ହରିଜନ (୫୪) ଉପରୋକ୍ତ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାର ଅଧିକ ତଦନ୍ତ ଜାରି ରହିଥିବା ନୂଆପଡ଼ା ଥାନା ଆଇଆଇସି ଗଙ୍ଗାଧର ମେହେର ସୂଚନା ପ୍ରଦାନ କରିଛନ୍ତି। ଖେଳ ପଡିଆ ଭୂମି ଜାଲିଆତି ମାମଲାରେ ଜମି ମାଫିଆ ଗିରଫ ହୋଇଥିବା



ବେଳେ ଉପରୋକ୍ତ କେସ ରେ ସମ୍ପୃକ୍ତ ସବ୍ ରେଜିଷ୍ଟ୍ରାର, କିରାଣି, ରାଜସ୍ୱ ନିରୀକ୍ଷକ, ଓକିଲଙ୍କ ବିରୋଧରେ ଆଇନଗତ କାର୍ଯ୍ୟନୁଷ୍ଠାନ କେବେ ଗ୍ରହଣ କରାଯିବ ବୋଲି ଜୁନାନି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି ।ସୂଚନା ଅନୁସାରେ, ଜୁନାନୀ ଗାଁର ସ୍ୱର୍ଗତ କାରାବାଇ ରାଉତ ନିଃସନ୍ତାନ ଥିଲେ। ୧୯୭୫ରେ ଗାଁର ଚନ୍ଦ୍ରମଣି ଖର୍ସେଲଙ୍କୁ ସେ ପୌଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ। କାରାବାଇଙ୍କ ନାଁରେ ୨ ଏକର ୬୩ ଡିସିମିଲ ଜମି ଥିଲା। ଏହାକୁ ଚନ୍ଦ୍ରମଣିଙ୍କ ନାଁରେ ସେ ରେଜିଷ୍ଟ୍ରି କରି ଦେଇଥିଲେ।

୨୦୧୮ରେ ଚନ୍ଦ୍ରମଣି ସେହି ଜମିକୁ ସ୍କୁଲ ଖେଳପଡ଼ିଆ ପାଇଁ ଦାନ କରିଥିଲେ । ଗତ ଜାନୁଆରି ୨୭ ରେ କାରାବାଇଙ୍କ ମୃତ୍ୟୁର ୪୫ ବର୍ଷ ପରେ ତାଙ୍କୁ ଜୀବିତ ଦର୍ଶାଇ ଜମି ବିକ୍ରି କରାଯାଇଥିଲା। ଧରମବନ୍ଧା ଥାନା କେନ୍ଦୁବାହାରା ଗାଁର ନକଲି କାରାବାଇ ଙ୍କୁ ନୂଆପଡ଼ା ଉପ ନିବନ୍ଧକଙ୍କ କାର୍ଯ୍ୟାଳୟରେ ଉପସ୍ଥିତ କରାଇ ଖରିଆରରୋଡ଼ ସହରର ଧର୍ମେନ୍ଦ୍ର ବଗା ଓ ସନ୍ତୋଷିନୀ ବଗା ତାଙ୍କ ସମ୍ପର୍କୀୟଙ୍କ ନାଁରେ ଜମିକୁ ରେଜେଷ୍ଟ୍ରି କରି ନେଇଥିଲେ। ଏଥିରେ ୧ ଏକର ୧୬ ଡିସିମିଲ ଖେଳପଡ଼ିଆ ଓ ୧ ଏକର ୪୭ ଡିସିମିଲ ଚନ୍ଦ୍ରମଣିଙ୍କ ଚାଷଜମି ରହିଥିଲା। ଏପରିକି ପଞ୍ଜୀକରଣ ର ୧ ସପ୍ତାହ ପରେ ସେମାନେ ଜମିର ପଟ୍ଟା ବି କରାଇ ନେଇଥିଲେ। ଫେବ୍ରୁଆରି ୨୪ ରେ ଚନ୍ଦ୍ରମଣି ନିଜ ଚାଷଜମିରେ ଛିଡ଼ା ହୋଇଥିବା ବେଳେ ଧର୍ମେନ୍ଦ୍ର ଓ ସନ୍ତୋଷିନୀ ଆସି ଗାଳିଗୁଲଜ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହା ତାଙ୍କର ଚାଷଜମି ବୋଲି ଦାବିକରି ଧମକଚମକ ଦେଇଥିଲେ । ପରେ ଚନ୍ଦ୍ରମଣି ନୂଆପଡ଼ା ଥାନାର ଦ୍ୱାରସ୍ଥ ହୋଇଥିଲେ କିନ୍ତୁ ନୂଆପଡ଼ା ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରିନଥିଲା। ବୋଲି ଅଭିଯୋଗ ହେଉଛି । ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ । ଚଳିତ ମାସ ୨ ମାର୍ଚ୍ଚ ୨୦୨୬ ତାରିଖ ଦିନ ରେ ଜିଲ୍ଲା କଂଗ୍ରେସ ସଭାପତି ଘାସିରାମ ମାଝୀଙ୍କ ନେତୃତ୍ୱରେ ଗାଁର ଶତାଧିକ ପୁରୁଷ, ମହିଳା ଓ ଛାତ୍ରଛାତ୍ରୀ ଏକ ଶୋଭା ଯାତ୍ରା ରେ ଆସି ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିବା ସହ ବିକ୍ଷୋଭ ଓ ପ୍ରତିବାଦ କରି ସମ୍ୟକ ଧାରଣା ମଧ ଦେଇଥିଲେ । ପରେ ବୁଧବାର ନୂଆପଡ଼ା ପୁଲିସ୍ ଏହି ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିବା ବେଳେ ଜମି ଜାଲିଆତିର ମୁଖ୍ୟ ଷଡ଼ଯନ୍ତ୍ରକାରୀମାନେ ଏବେ ବି ବାହାରେ ନିର୍ଭୟରେ ବିଚରଣ କରୁଥିବା ଅଭିଯୋଗ ହୋଇଛି।

# ତରଭାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ତରଭା,(ସବ୍ୟୁ): ତରଭା ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଏବଂ ପଞ୍ଚାୟତ ସମିତି ତରଭା ପକ୍ଷରୁ ଆୟୋଜିତ ଉକ୍ତ ଶିବିରକୁ ପଞ୍ଚାୟତ ସମିତି ତରଭା, ଅଧକ୍ଷ ସରୋଜ କର୍ମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସାମର୍ଥ୍ୟ ଶିବିରର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ । ସାଂସଦ ପ୍ରତିନିଧି ବିମଳ କୁମାର ମିଶ୍ର , ବିଧାୟକ ପ୍ରତିନିଧି ଦଶରଥ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ । ସେହିପରି ଅନ୍ୟତମ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷା ଦ୍ୱାଦଶୀ କୁଅଁର, ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଭା ଶିବାନନ୍ଦ କର୍ମୀ ସଭାରେ ସଭାପତିତ୍ୱ କରିବା ସହ ଶିବିର ର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ କରିଥିଲେ । ଗୋଷ୍ଠି ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ସଭା ପରିଚାଳନା କରିଥିବା ବେଳେ ଡି. ଡି. ଆର. ସି. ସୁବର୍ଣ୍ଣପୁର ସ୍ୱତନ୍ତ୍ର ପ୍ରଶିକ୍ଷକ ଦୁର୍ଗା ପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶିବିରରେ ଭିନ୍ନକ୍ଷମ ମାନଙ୍କ ନାମ ପଞ୍ଜିକରଣ କରାଯାଇଥିଲା ସେମାନଙ୍କୁ ବିଭିନ୍ନ ବିଭାଗରେ ବିଭକ୍ତ କରି ସଂପୃକ୍ତ ବିଶେଷଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା। ଶିବିର ରେ ୩୫୦ ଜଣ ପଞ୍ଜୀକୃତ ହୋଇଥିଲେ। ୩୦ ଜଣଙ୍କୁ ବସ ପାସ, ୨୦ଜଣଙ୍କୁ ଭିନ୍ନକ୍ଷମ ଭତ୍ତା, ୩ ଜଣଙ୍କୁ ତିନିଚକିଆ ସାଇକେଲ ପ୍ରଦାନ କରାଯାଇଥିଲା। ୨ ଜଣଙ୍କୁ ଶ୍ରବଣ ଯନ୍ତ୍ର, ଜଣଙ୍କୁ ହୁଇଲ୍ ଚେୟାର ବଣ୍ଟନ କରା ଯାଇଥିଲା । ଏ. ଇ. ଏସ. କଲେଜ ତରଭାର ଏନ. ଏସ. ଏସ. ଛାତ୍ର ଛାତ୍ରୀ ଶିବିର ରେ ଭିନ୍ନକ୍ଷମ ମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରିଥିଲେ।

# ଜିଲ୍ଲାପାଳଙ୍କ ଜିଲ୍ଲାସ୍ତରୀୟ ଶିକ୍ଷା ସମୀକ୍ଷା

ଝାରସୁଗୁଡ଼ା,(ସବ୍ୟୁ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକକୁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅଧକ୍ଷତା କରି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ସୁରକ୍ଷିତ ତଥା ବିଶୁଦ୍ଧ ପାନୀୟ ଜଳର ଉପଲବ୍ଧତା ନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଦ୍ୟାଳୟ ପରିସରରେ ଥିବା ପୁରୁଣା ଏବଂ ଅସୁରକ୍ଷିତ କୋଠାଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକୁ ତୁରନ୍ତ ଭାଙ୍ଗିବା ପାଇଁ ସେ ପରାମର୍ଶ ସହ ଯେପରି ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି କୌଣସି ବିପଦ ନ ରହେ ସେଥିପ୍ରତି ଯତ୍ନବାନ ହେବାକୁ ଜିଲ୍ଲାପାଳ ଚହ୍ୱାଣ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ପିଏମ୍ ଶ୍ରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ଓ ଶିକ୍ଷାଦାନ ଶୈଳୀର ନିୟମିତ ତଦାରଖ କରିବାକୁ ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଚହ୍ୱାଣ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମେତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଡିଆଇଇଟି ଦର ଅଧକ୍ଷ, ସମସ୍ତ ବିଇଓ ଏବଂ ବିଭିନ୍ନ ଶିକ୍ଷା ପ୍ରକଳ୍ପର ମୁଖ୍ୟମାନେ ଉପସ୍ଥିତ ରହିଥିଲେ ।

# ଭାଲୁ ଆକ୍ରମଣରେ ଜଣେ ଗୁରୁତର

ଜୟପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ବଡ଼ ପୁଝାରିଗୁଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ପଲାସ ଗ୍ରାମର ଚୈତନ୍ୟ ନାଏକ (୬୧) ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି । ସୂଚନାରୁ ଜଣାପଡିଛି ଯେ ଭୋର ୫ ଟା ସମୟରେ ନିକଟସ୍ଥ ସାହାଜ ଖୋଲ ଜଙ୍ଗଲକୁ ଯାଇଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ପ୍ରଥମେ ସ୍ଥାନୀୟ ଲୋକ ଉଦ୍ଧାର କରି ବନରକ୍ଷୀ ଦମୟନ୍ତୀ ମେହେରକୁ ଖବର ଦେଲା ପରେ ସେହି ଜାଗାକୁ ପହଞ୍ଚି ଉଦ୍ଧାର କରାଯାଇ କୋକସରା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା।

# ବୃକ୍ଷରୋପଣ ଅଭିଯାନ ଆରମ୍ଭ

ଗୋଲାମୁଣ୍ଡା, (ସବ୍ୟୁ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡାସ୍ଥିତ ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ୍ ବିଭାଗ ପକ୍ଷରୁ ଅଧକ୍ଷ ସରୋଜକାନ୍ତ ରଥଙ୍କ ଉପସ୍ଥିତି ଓ ଯୁବ ରେଡକ୍ରସ୍ ପରାମର୍ଶଦାତା ଅଧାପକ ଶାନ୍ତନୁ କୁମାର ପରିଡ଼ାଙ୍କ ଉଦ୍ୟମରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଅଭିଯାନ ଉଦଘାଟିତ ହୋଇଯାଇଛି। ଉତ୍ସବରେ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀମାନେ ଉପସ୍ଥିତ ଥିଲେ। ଯୁବ ରେଡ଼କ୍ରସ ,ଓଡ଼ିଶା ରାଜ୍ୟ ଶାଖାର ସହାୟତାରେ ଏହି ବୃହ୍ ବୃକ୍ଷରୋପଣ ଅଭିଯାନ ଆୟୋଜିତ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ , ସୁସ୍ଥ ପରିବେଶ ସହିତ ସ୍ୱପ୍ନ ସଜଡ଼ା ଜୀବନକୁ ସବୁଜ-ସୁନ୍ଦର କରୁଥିବା ଅନ୍ୟୁନ ଏକଶତ ଉପାଦେୟ ବୃକ୍ଷ ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀ ଛାତ୍ର-ଛାତ୍ରୀ ମାନେ ଚଳିତ ୨୦୨୫-୨୬ ବର୍ଷର ବର୍ଷା ଋତୁରେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ରୋପଣ କରିଥିଲେ। ସେଗୁଡ଼ିକର ଉପଯୁକ୍ତ ଯତ୍ନ ଓ ସୁରକ୍ଷା ପାଇଁ ପଦକ୍ଷେପ ସ୍ୱରୂପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ୍ ବିଭାଗ ତରଫରୁ ଲୁହା ତାରଜାଲି ବାଡ଼ ଦିଆଯିବା ସହିତ ନବନିର୍ମିତ ପାଣି ଟାଙ୍କିରୁ ପାଇପ୍ ମାଧମରେ ସବୁ ବୃକ୍ଷମୂଳକୁ ବୁନ୍ଦା ଜଳସେଚନର ବ୍ୟବସ୍ଥା କରାଯାଇଛି ଓ ପ୍ରତ୍ୟେକ ବୃକ୍ଷରେ ବୃକ୍ଷରୋପଣ ସମ୍ପର୍କିତ ବିଭିନ୍ନ ଜନସଚେତନ ମୂଳକ ସ୍ଲୋଗାନ ଓ ବାର୍ତ୍ତା ଦିଆଯାଇଛି। ଏଥି ସହିତ ପ୍ରଚଣ୍ଡ ଗ୍ରୀଷ୍ମ ତାପରେ ପାଣି ପାଇଁ ଡହଳବିକଳ ହୋଇ କଥା କହିପାରୁ ନଥିବା ନିରୀହ ପଶୁ-ପକ୍ଷୀଙ୍କ ଲାଗି ସିମେଣ୍ଟରେ ପ୍ରସ୍ତୁତ ପାଣିଭର୍ତ୍ତି ପାତ୍ରମାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସୁବ୍ୟବସ୍ଥିତ କରାଯାଇଛି। ଶତାଧିକ ବୃକ୍ଷ ରୋପଣ ସହିତ ଉପଯୁକ୍ତ ଯତ୍ନ ଓ ସୁରକ୍ଷା ଦେଇ ସେଗୁଡିକୁ ବଞ୍ଚାଇ ସବୁଜ ସୁନ୍ଦର ସୁସ୍ଥ ପରିବେଶ ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଉଦଘାଟନୀ କାର୍ଯ୍ୟକ୍ରମରେ ଅଧକ୍ଷ ମତ ବ୍ୟକ୍ତ କରିଥିଲେ ।

# ଓଡ଼ିଶା ଦିବ୍ୟାଙ୍ଗ ହ୍ୱିଲଚେୟାର କ୍ରିକେଟ ଟିମରେ ମୁରିବାହାଲର ଦୁଇ ଭିନ୍ନକ୍ଷମ ଅଲରାଉଣ୍ଡର ସାମିଲ

ମୁରିବାହାଲ,(ସବ୍ୟୁ): ଓଡ଼ିଶା ଦିବ୍ୟାଙ୍ଗ ହ୍ୱିଲଚେୟାର କ୍ରିକେଟ ଟିମରେ ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକର ଦୁଇଜଣ ଭିନ୍ନକ୍ଷମ କ୍ରିକେଟ ଖେଳାଳି ଅଲରାଉଣ୍ଡର ରୂପେ ସାମିଲ ହୋଇଛନ୍ତି। ସେମାନେ ହେଲେ ହଳଦୀ ପଞ୍ଚାୟତ ଯମୁନା ଗ୍ରାମର ଜଣାଶୁଣା ଦିବ୍ୟାଙ୍ଗ କ୍ରିକେଟ ଅଲରାଉଣ୍ଡର ଯୁଧିଷ୍ଠିର ପଧାନ ଓ ଟୁପାଉଡାର ପଞ୍ଚାୟତ ଜାମକାନୀ ଗ୍ରାମର ଦିବ୍ୟାଙ୍ଗ କ୍ରିକେଟ ଅଲରାଉଣ୍ଡର ଚିତ୍ତରଞ୍ଜନ ବଛା। ଦିବ୍ୟାଙ୍ଗ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଅଫ ଇଣ୍ଡିଆ ପକ୍ଷରୁ ଗୁଜରାଟର ବରୋଦା ଆନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମଠାରେ ଆସନ୍ତା ୨୩ରୁ ୨୯ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ମାନସ କପ ଟି୧୦ ଜାତୀୟ ହ୍ୱିଲଚେୟାର କ୍ରିକେଟ ପ୍ରତିଯୋଗିତାରେ ଉଭୟ ୧୫ଜଣିଆ ଓଡ଼ିଶା ଟିମରେ ଚୟନ ହୋଇଛନ୍ତି। ମାଧବ ବଡ଼ସେଠଙ୍କ ଅଧିନାୟକତ୍ୱରେ ମୋଟ ୧୫ଜଣ ଦିବ୍ୟାଙ୍ଗ କ୍ରିକେଟ ଖେଳାଳି ଓ ଦୁଇଜଣ ସପୋର୍ଟ ଷ୍ଟାଫ୍ ସାମିଲ ହୋଇଛନ୍ତି ଛଏଥିରେ ମୋଟ ୧୬ଟି ରାଜ୍ୟର ଦିବ୍ୟାଙ୍ଗ କ୍ରିକେଟ ଟିମ ଅଂଶଗ୍ରହଣ କରିବେ। ଗତ ଫେବୃୟାରୀ ୨୧ରୁ ୨୩ ତାରିଖ



ପର୍ଯ୍ୟନ୍ତ ବରଗଡଠାରେ ଆନ୍ଧ୍ରପ୍ରଦେଶ ଓ ଓଡିଶା ମଧ୍ୟରେ ଅନୁଷ୍ଠିତ ଜାତୀୟ ଟି୨୦ ଦିବ୍ୟାଙ୍ଗ କ୍ରିକେଟ ଚମ୍ପିୟାନ ଓଡିଶା ଟିମରେ ଏହି ଦୁଇ ଅଲରାଉଣ୍ଡର ଖେଳାଳିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଓଡ଼ିଶା ଦଳରେ କେବଳ ମୁରିବାହାଲ ବ୍ଲକର ହିଁ ଦୁଇଜଣ ଭିନ୍ନକ୍ଷମ କ୍ରିକେଟ ଖେଳାଳି ଚୟନ ହୋଇଥିବାରୁ ଉଭୟଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଶିକ୍ଷକ ଆତ୍ମସମ୍ମାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



ରାୟଗଡା,(ସବ୍ୟୁ): ରାୟଗଡ଼ା ଜିଲ୍ଲାର ମଙ୍ଗଳ ବିଭାଗର କାର୍ଯ୍ୟରତ ଶିକ୍ଷକ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ଆତ୍ମସମ୍ମାନ ଓ ଆତ୍ମରକ୍ଷାର ସୁବ୍ୟବସ୍ଥା ନିମନ୍ତେ ୧୦ ଦଫା ସମ୍ବଳିତ ଦାବି ପତ୍ର ଦେଇଛନ୍ତିଛ ଜିଲ୍ଲାମଙ୍ଗଳ ବିଭାଗରେ ନିୟୋଜିତ ଶିକ୍ଷକ ମାନେ ଦିନରାତି ୨୪ଘଣ୍ଟା ଅନ୍ତେବାସୀଙ୍କୁ ସେବା ଯୋଗାଇ ଦେଉଛନ୍ତ। ଦୁର୍ଭାଗ୍ୟ ବଶତଃ କୌଣସି ଅଘଟଣ ହେଲେ ଶିକ୍ଷକଙ୍କ ଭୂମିକା ନଥାଇ ମଧ ସାଧାରଣ ଲୋକଙ୍କ ଦ୍ୱାରା ସମ୍ମାନ ହାନି ସହିତ ଜୀବନ ପ୍ରତି ବିପଦ ସୃଷ୍ଟି ହେବାର ସମ୍ମୁଖୀନ ବାରମ୍ବାର ହେଉଛନ୍ତି। ଯାହା ଅଳ୍ପ କିଛି ଦିନ ତଳେ ଅମ୍ବାଦୋଳା ସ୍କୁଲରେ ଛାତ୍ରୀ ମୃତ୍ୟୁ ପରେ ପ୍ରଧାନ ଶିକ୍ଷକଙ୍କୁ ଯେଉଁପରି ଅପମାନିତ କରାଯାଇଥିଲା ତାହା ବିଭିନ୍ନ ସୋସିଆଲ ମିଡିଆରେ ଦେଖିବା ମିଳିଥିଲା। ତେଣୁ ଛାତ୍ରଛାତ୍ରୀ ଦେହ ଅସୁସ୍ଥ ପରେ ପରିବାରକୁ ଜଣାଇଲେ ଘରକୁ ନେବା ପାଇଁ ସେହି ପରିବାର ଲୋକ ଜିଦକରି ଗଣ୍ଡଗୋଳ କରନ୍ତି। ଯଦିଓ କୌଣସି ଅଘଟଣ ହେଲେ କ୍ଷତିପୂରଣ ପାଇଁ ପରିବାର ପକ୍ଷରୁ ଗଣମାଧ୍ୟମରେ ବଦନାମ କରନ୍ତି। ଛାତ୍ରଛାତ୍ରୀ ଦେହ ଅସୁସ୍ଥ ହେଲେ ଚିକିତ୍ସାଳୟ ନେବ ଆମ ଦାୟିତ୍ୱ କିନ୍ତୁ ସୁସ୍ଥ ପର୍ଯ୍ୟନ୍ତ ମେଡିକାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱରେ ରହୁଛ ଅକସ୍ମାତ ଅଘଟଣରେ ତୁରନ୍ତ ଆମକୁ ସୁରକ୍ଷା ଦିଆଯାଉ। ଚିକିତ୍ସାଳୟ ଠାରୁ ଦୂର ବିଦ୍ୟାଳୟକୁ ରୋଗୀ ପରିବହନ ବ୍ୟବସ୍ଥା କରାଯାଉ। ସମସ୍ତ ବିଦ୍ୟାଳୟକୁ ସିସିଟିଭି ବ୍ୟବସ୍ଥା କରାଯାଉ। ଅକସ୍ମାତ ଘଟଣାରେ କେବଳ ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଉ ବୋଲି ୭୮ଜଣ ଶିକ୍ଷକ ଦସ୍ତଖତ ଥିବା ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ଶିକ୍ଷକ ନେତା ମହୋନ କୁମାର, ପ୍ରଦୀପ ଚୌଧୁରୀ, ରଘୁନାଥ ଗୌଡ, ଗୋପିନାଥ ନାୟକ ଭଳି ପ୍ରମୁଖ ଶିକ୍ଷକଙ୍କ ପ୍ରତିନିଧିରେ ପ୍ରଦାନ କରାଯାଇଛି।

# ଝାରସୁଗୁଡା ଜିଲ୍ଲାରେ ରାସ୍ତା ଗୁଡ଼ିକର ଅବସ୍ଥା ଶୋଚନୀୟ

ଝାରସୁଗୁଡ଼ା,(ସବ୍ୟୁ): ସରବାହାଲ ବାଇପାସ୍ ଠାରୁ ଜମେରା ପର୍ଯ୍ୟନ୍ତ ଥିବା ରାସ୍ତା ବର୍ତ୍ତମାନ ସ୍ଥାନୀୟ ଲୋକମାନଙ୍କ ପାଇଁ ମରଣଜନ୍ତା ହୋଇଯାଇଛି । ଚଳପ୍ରଚଳ ଯୋଗୁଁ ସାଧାରଣ ଲୋକମାନେ ସାଇକେଲ, ମଟର ସାଇକେଲ ଓ ଚାଲି କି ଯିବା ବିପଦପୂର୍ଣ୍ଣ ହୋଇଛି । ଏହି ରାସ୍ତା ନିକଟରେ ଥିବା ଆକ୍ସନ ଇସ୍ପାତ (ରୁଙ୍ଗଟା ମାଇନ୍ସ ପ୍ରାଇଭେଟ୍ ଲିମିଟେଡ୍) କୁକଞ୍ଚାମାଲ ପରିବହନ କରିଥାଏ ଛ ରାସ୍ତା ରେ ହୋଇଥିବା ଖାଲ ଓ ଭାରୀ ଟ୍ରକ୍ ଚଳାଚଳ ଏହି ରାସ୍ତାକୁ ଯନ୍ତ୍ରଣା, ଭୟ ଓ ମୃତ୍ୟୁର ମୁହଁରେ ପରିଣତ କରିଛି । ଏହି ରାସ୍ତାରେ ମରାକୁଟା, ଜମେରା ଓ ବଡମାଲ ତିନୋଟି ପଞ୍ଚାୟତ ର ଛାତ୍ରଛାତ୍ରୀ ସ୍କୁଲ , କଲେଜ ଯିବା ସହିତ ସାଧାରଣ ଲୋକମାନେ ଝାରସୁଗୁଡା ସହରକୁ ବିଭିନ୍ନ କାର୍ଯ୍ୟରେ ଯିବାଆସିବା କରିଥାନ୍ତି । ସ୍ଥାନୀୟ ଲୋକମାନେ ଏହି ରାସ୍ତା ବିଷୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଜରୁରୀ ସମୟରେ ଏହି ରାସ୍ତା ଆମ୍ବୁଲାନ୍ସ ଆସିବା କଷ୍ଟକର ହୋଇପଡେ । କଷ୍ଟରେ ଆସିଥିବା ରୋଗୀକୁ ହସପିଟାଲ ନେଇଯିବା ସମୟରେ ରୋଗୀର ଅବସ୍ଥା ଆହୁରି ସଙ୍ଗୀନ ହୋଇଯାଏ । ଏହି ରାସ୍ତା ରାଜ୍ୟ ରାଜପଥ ବିଜୁ ଏକ୍ସପ୍ରେସ୍ ୱେ କୁ ସଂଯୋଗ କରୁଛି । ଅନେକ ସମୟରେ ମୁଖ୍ୟ ରାସ୍ତାକୁ ଆସିବା ସମୟରେ ଦୁର୍ଘଟଣା ମଧ ଘଟୁଛି । ଏହି ରାସ୍ତାରେ ସନ୍ଧ୍ୟା ସମୟରେ ଆଲୋକ ବ୍ୟବସ୍ଥା ନଥିବା ଯୋଗୁଁ ସନ୍ଧ୍ୟାରେ ଯିବା ଆହୁରି ବିପଦପୂର୍ଣ୍ଣ ହୋଇପଡିଛି । ପ୍ରାୟ ଏହି ରାସ୍ତାରେ ଦୁର୍ଘଟଣା ଗ୍ରସ୍ତ ହୋଇ ମେଡିକାଲର ଦ୍ୱାରସ୍ଥ ହେବାକୁ ପଡୁଛି । ତୁରନ୍ତ ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି ।

# ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବିଧବା

ବଙ୍ଗୋମୁଣ୍ଡା,(ସବ୍ୟୁ): ପୋଲିସ ନିକଟରେ ଅଭିଯୋଗ ପରେ ପୋଲିସ ନ ଶୁଣିବାରୁ ନ୍ୟାୟ ଆଶାରେ ଧାରଣାରେ ବସିଲେ ବିଧବା । ବଙ୍ଗୋମୁଣ୍ଡା ଥାନା ଖୁଜେନବାହାଲ ଗ୍ରାମର ଜଣେ ବିଧବା ମହିଳା ବଙ୍ଗୋମୁଣ୍ଡା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ନ୍ୟାୟ ଦାବି କରିଛନ୍ତି । ବଙ୍ଗୋମୁଣ୍ଡା ପୋଲିସ ଠାରେ ଅଭିଯୋଗ କଲେ ମଧ ବିଧବା ମହିଳାଙ୍କ ଅଭିଯୋଗକୁ ପୋଲିସ ଶୁଣୁନଥିବା ଅଭିଯୋଗ କରି ନ୍ୟାୟ ଆଶାରେ ତହସିଲ କାର୍ଯ୍ୟାଳୟକୁ ଆସିଥିବା କହିଛନ୍ତି ମହିଳା । ଖୁଜେନବାହାଲ ଗ୍ରାମର ବିଧବା ମହିଳା ଲଳିତା ପୋଡ଼ଙ୍କୁ ତାଙ୍କ ଦିଅର ନେତ୍ର ପୋଡ଼ ଗାଳିଗୁଲଜ ମାରପିଟ କରିବା ସହିତ ଘରକୁ ପଶାଇ ଦେଉନଥିବା ବେଳେ ତାଙ୍କ ଦୁଇ ଝିଅଙ୍କୁ ଲୁଚାଇ ରଖିଥିବା ଅଭିଯୋଗ କରିଛନ୍ତ। ଗତ ଫେବୃଆରୀ ୨୫ ତାରିଖ ଦିନ ତାଙ୍କ ଦିଅର ବିଧବା ମହିଳାଙ୍କୁ ଘରକୁ ପଶାଇ ନ ଦେଇ ମାରପିଟ, ଗାଳିଗୁଲଜ କରିବା ସହିତ ଦେଉନଥିବାରୁ ବାହାରେ ଏଠି ସେଠି ଆଶ୍ରୟ ନେଇ ରହୁଥିବା କାନ୍ଦି କାନ୍ଦି ମହିଳା ଜଣକ ନିଜ ଦୁଃଖ ବଖାଣିଛନ୍ତି । ଘଟଣାକୁ ୧୫ ଦିନରୁ ଅଧିକ ବିତିଯାଇଥିଲେ ମଧ ପୋଲିସ ଶୁଣୁନାହିଁ । ପୋଲିସକୁ କହିଲେ ପୋଲିସ ଶୁଣୁନଥିବାରୁ ଅଭିଯୋଗ କରିଛନ୍ତି ବିଧବା । ତାଙ୍କ ଅଭିଯୋଗ ସମାଧାନ ନ ହେଲେ ଧାରଣା ରୁ ଉଠିବେ ନାହିଁ ବୋଲି ଚେତାବନୀ ଦେଇଥିଲେ । ତହସିଲଦାରଙ୍କ ଜରିଆରେ ବଲାଙ୍ଗିର ଏସପିଙ୍କୁ ଅଭିଯୋଗ ପତ୍ର ପଠାଇଥିଲେ ।

# ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ଅଞ୍ଚଳରେ ରାସ୍ତା ଅବସ୍ଥା ଶୋଚନୀୟ

କୁଚିଣ୍ଡା,(ସବ୍ୟୁ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ଜମନକିରା ବ୍ଲକ ମୁଣ୍ଢେନପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ପାଥ ମୁଣ୍ଡାରୁ ସାପଲତକୁ ସଂଯୋଗ କରୁଥିବା ଅରଡ଼ି ରାସ୍ତା ଦୀର୍ଘ ତିନି ବର୍ଷରୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବା ଯୋଗୁଁ ରାସ୍ତାରୁ ମେଟାଲ ବାହାରି ରାସ୍ତାର ଅବସ୍ଥା ଅତି ସଙ୍କଟାପନ୍ନ ହୋଇଯାଇଛି। ଗ୍ରାମବାସୀଙ୍କ କହିବା ଅନୁଯାଇ ରାସ୍ତା କାର୍ଯ୍ୟ ଗତ ୨୦୨୨ ମସିହାରୁ ଆରମ୍ଭ ହୋଇଥିବା ବେଳେ କାର୍ଯ୍ୟ ଆରମ୍ଭ ହେବାର କିଛି ଦିନ ପରେ ରାସ୍ତା ମରାମତି କାର୍ଯ୍ୟ ବନ୍ଦ ହୋଇଯାଇଥିଲା । ଆଜି ପର୍ଯ୍ୟନ୍ତ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆଉ ଆରମ୍ଭ ହୋଇନାହିଁ । ଫଳରେ ବର୍ତମାନ ରାସ୍ତାର ଅବସ୍ଥା ଦୈନିନ୍ଦିନ ଖରାପରୁ ଅତି ଖରାପ ହେବାକୁ ବସିଲାଣି। ଏହି ରାସ୍ତା ଦେଇ ଦୈନିନ୍ଦିନ ମୁଣ୍ଢେନପାଲି, ଖର୍ସନମାଲ, ପାଥମୁଣ୍ଡା, କୁମକାପାଲି, ଭେଜିକୁ, କାଣିବନ୍ଧଲି, ସାପଲତ ଆଦି ଗ୍ରାମର ଜନ ସାଧାରଣ ଜମନକିରା, ପଡ଼ିଆବାହାଲ, କିମ୍ବା ସମ୍ବଲପୁରକୁ ଯିବା ଆସିବା କରିଥାନ୍ତି ଏପରିକି ଏହି ରାସ୍ତା ଦେଇ ମୁଣ୍ଢେନପାଲି ଏବଂ ସାପଲତ ଗ୍ରାମବାସୀ ପ୍ରତିଦିନ ସ୍କୁଲ, ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ଆସିବା କରିଥାନ୍ତି। ଏହି ରାସ୍ତା ପ୍ରାୟ ୪ କିଲୋମିଟର ଖରାପ ଥିବା ବେଳେ ଦୈନିନ୍ଦିନ ଏହି ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛ।

ମନୋରଞ୍ଜନ ଭୋଇଙ୍କ କହିବା ଅନୁଯାଇ ଚାରି ପାଞ୍ଚ ବର୍ଷରୁ ଏହି ରାସ୍ତା ମରାମତି ହୋଇ ନାହିଁ ରାସ୍ତା ଏଭଳି ଅଛି। ପୂର୍ବରୁ ରାସ୍ତା ଭଲ ଥିଲାଛ ଟେଣ୍ଡର ହୋଇଥିଲା । କିନ୍ତୁ ଟେଣ୍ଡର ହେବା ପରେ ରାସ୍ତାରେ ଥିବା ପିଚୁ ଉପୁଡ଼ାଇ ଦିଆଗଲା ଏବଂ କାର୍ଯ୍ୟ କରାଗଲା ନାହିଁ । ଫଳରେ ଏହି ରାସ୍ତାରେ ବାରମ୍ବାର ଛୋଟ ବଡ ଦୁର୍ଘଟଣା ଘଟୁଛି ବାରମ୍ବାର ନେତା ମନ୍ତ୍ରୀଙ୍କୁ ଅଭିଯୋଗ କରାଯାଉଛି ରାସ୍ତା ନିର୍ମାଣ ପାଇଁ ଦାବି କରାଯାଉଛି । ସ୍ଥାନୀୟ ବିଧାୟକ ତଥା ପଞ୍ଚାୟତି ରାଜ, ପାନୀୟ ଜଳ ଯୋଗାଣ ଓ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାଏକ ଙ୍କୁ ମଧ ଅଭିଯୋଗ କରାଯାଇଛି । ଏହି ରାସ୍ତାରେ ସବୁବେଳେ ଅଞ୍ଚଳର ଜନ ସାଧାରଣ ଯାତାୟତ କରୁଛନ୍ତି । ରାସ୍ତାଟି ଯଥାଶୀଘ୍ର ମରାମତି କରାଗଲେ ଭଲ ହୁଅନ୍ତା ବୋଲି କହିଛନ୍ତି।

ସେହିପରି ଜମନକିରା ବ୍ଲକ କଂଗ୍ରେସ ସଭାପତି ତଥା ମୁଣ୍ଢେନପାଲି ଗ୍ରାମ ବାସୀ ମନୋଜ ନାଏକଙ୍କ କହିବା ଅନୁଯାଇ ଦେଶ ସ୍ୱାଧୀନତା ପରେ କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ ଓଡିଶା ସରକାରଙ୍କ ଏକ ଗୁରୁତ୍ୱପୂର୍ଣ ବିଭାଗର ମନ୍ତ୍ରୀ ପାଇ ଆମେ ବହୁତ ଖୁସି ଥିଲୁ, କିନ୍ତୁ ତାଙ୍କ ବିଭାଗର ରାସ୍ତା ପାଇଁ ତାଙ୍କ ନିର୍ବାଚନ ମଣ୍ଡଳବାସୀ ବାରମ୍ବାର ଅଭିଯୋଗ କଲେ ମଧ ମୁଣ୍ଢେନପାଲିରୁ ସାପଲତ ରାସ୍ତା ଯାହାକି ଗୌଡ଼ପାଲିରୁ କୁଲୁଣ୍ଡି ମୁଣ୍ଢେନପାଲି, ଖର୍ସନମାଲ ମୁଖ୍ୟ ରାସ୍ତା ଅବସ୍ଥା ଅତି ଶୌଚନୀୟ ଅବସ୍ଥାରେ ଅଛି। କିଛି ବର୍ଷ ପୂର୍ବରୁ ସମ୍ବଲପୁରର ଜଣେ ଠିକାଦାର ଏହି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପାଇଥିଲେ କିନ୍ତୁ ରାସ୍ତା କାମ ଆରମ୍ଭର କିଛିଦିନ ପରେ ତାଙ୍କ ନିଧନ ହୋଇଯାଇଥିଲା । ଫଳରେ ରାସ୍ତା କାର୍ଯ୍ୟ ସମ୍ପୂର୍ଣ ହୋଇପାରିନଥିଲା । ପରବର୍ତୀ ସମୟରେ ସରକାର ପରିବର୍ତନ ହୋଇ ସ୍ଥାନୀୟ ବିଧାୟକ ରବିନାରାୟଣ ନାଏକ ଗ୍ରାମ୍ୟ ଉନ୍ନୟନ ବିଭାଗର ମନ୍ତ୍ରୀ ଥିବାରୁ ତାଙ୍କୁ ଦୁଇବର୍ଷରୁ ବାରମ୍ବାର କୁହାଯାଉଥିଲେ ମଧ କୌଣସି ପରିଣାମ ମିଳୁନାହିଁ। ଯଦି ଦୁଇ ମାସ ମଧରେ ରାସ୍ତା ମରାମତି କରାନଗଲେ ଆମେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରିବୁ ବୋଲି କହିଛନ୍ତି। ଏ ସମ୍ପର୍କରେ ଅରଡ଼ି ବିଭାଗୀୟ ଅଧିକାରୀ ରାଜକୁମାର ମେହେରଙ୍କୁ ପଚାରିବାରୁ ଉକ୍ତ ରାସ୍ତାକୁ ଆମେ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ପାଇଁ ନୋଟିଫିକେସନ ବାହାର କରିଛୁ ଏବଂ ସେମାନେ ଉକ୍ତ ରାସ୍ତା ନିର୍ମାଣ କରିବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

# ନୂତନ ନିୟମକୁ ନେଇ ଠିକାଦାର ସଂଘର ବିକ୍ଷୋଭ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଠିକାଦାର ସଂଘ ୭ଦଫା ଦାବି ପୂରଣ ପାଇଁ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି । ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସ୍ଥାନୀୟ ଗଙ୍ଗାଧର ମଣ୍ଡପ ଠାରୁ ସଂଘର ସଭାପତି ପ୍ରମୋଦ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏକ ରାଲି ବାହାରି ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲା । ରାଜ୍ୟ ସରକାରଙ୍କ ନୂତନ ନିୟମକୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ବିଶେଷ କରି ପୂର୍ବରୁ ଥିବା ୧୪.୯୯ ପ୍ରତିଶତ କମ୍ ଦରର ସୀମାକୁ ବର୍ତ୍ତମାନ ଅସୀମିତ




କରି ଦିଆଯାଇଛି । ଫଳରେ କାମର ଗୁଣବତ୍ତା ଉପରେ ଏହାର ଖରାପ ପ୍ରଭାବ ପଡୁଛି । ଏଥିସହ ବାହାର ଜିଲ୍ଲା ଓ ରାଜ୍ୟର ଠିକାଦାର ମାନେ ଏହି ଅଞ୍ଚଳରେ କାମ କରି ଅଗ୍ରୀମ ଅର୍ଥ ନେଇ ପଳାଉଛନ୍ତି । ଫଳରେ ସ୍ଥାନୀୟ ଠିକାଦାର ମାନେ ଗତ ୩ରୁ ୪ବର୍ଷ ହେବ ନିଜର ପ୍ରାପ୍ୟ ପାଇନଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ ବାରମ୍ବାର ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରାଯାଇଛି । ମାତ୍ର କୌଣସି ସୁଫଳ ମିଳୁନଥିବା ବେଳେ ଏଥିପାଇଁ ଦୃଷ୍ଟି ଦେବାକୁ ଦାବି କରାଯାଇଛି ।

## ମାରାଗୁଡ଼ା ଲୋକ ମହୋତ୍ସବ ପୋଷ୍ଟର ଉନ୍ମୋଚିତ



ନୂଆପଡ଼ା,(ସବ୍ୟୁ): ନୂଆପଡା ଜିଲ୍ଲାର ଇତିହାସ ଐତିହ୍ୟ ଲୋକକଳା ଓ ସଂସ୍କୃତିର ମହାପାର୍ବଣ ମାରାଗୁଡ଼ା ଲୋକମହୋତ୍ସବ-୨୦୨୬ର ପ୍ରଚାର ଓ ପ୍ରସାର ନିମନ୍ତେ ପ୍ରଚାର ଫର୍ଦ୍ଦ (ପୋଷ୍ଟର) ଗୁରୁବାର ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଉନ୍ମୋଚିତ ହୋଇଯାଇଛି । ବିଭିନ୍ନ କମିଟିର ସଦସ୍ୟମାନଙ୍କ ଦ୍ୱାରା ଏହି ପୋଷ୍ଟର ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ୍ ସିଂ, କମିଟି ସଦସ୍ୟ ତଥା ବିଶିଷ୍ଟ ଆଇନଜୀବୀ ପ୍ରସନ୍ନ ପାଢ଼ୀ, ଅବସରପ୍ରାପ୍ତ ଅଧକ୍ଷ ଶିବ ପ୍ରସାଦ ବେହେରା, ବାର୍ ଆସୋସିଏସନ୍ ସଭାପତି କ୍ଷିତିଶ ଅଶୋକ ବୋଧନକର, ଉପ ସଭାପତି ପ୍ରକାଶ ଚନ୍ଦ୍ର ସ୍ୱାଇଁ, କ୍ରୀଡାବିତ୍ ସରୋଜ ସାହୁ, ଖରିଆର ରୋଡ ଏନଏସି ଅଧକ୍ଷା ଡା. ସୋନିଆ ଜୈନ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଏ ପି ଡି କ୍ଷମାନିଧି ଭୋଇ ,ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଧନେଶ୍ୱର ସେଠୀ, କବି ସୁରଜିତ ସିଂ ମହରଥା,ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ ,ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ମହାରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା , ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଗଣ ମାଧମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ମାରାଗୁଡ଼ା ଲୋକମହୋତ୍ସବ ପାଇଁ ବିଗୁଲ୍ ବାଜିଯାଇଛି । ଏହା ଲୋକଙ୍କର ମହୋତ୍ସବ ଓ ଜିଲ୍ଲାର ସମସ୍ତ ନାଗରିକ ଏଥିରେ ସକ୍ରିୟ ଭାଗ ନେଇ ଏହାକୁ ସଫଳ କରିବାକୁ ସେ ଆହ୍ୱାନ କରିଥିଲେ ।

ଉଲ୍ଲେଖନୀୟ ଯେ, ଆସନ୍ତା ୦୧ ରୁ ୦୫ ଅପ୍ରେଲ ୨୦୨୬ ପର୍ଯ୍ୟନ୍ତ ନୂଆପଡ଼ାର ନେସନାଲ ମହାବିଦ୍ୟାଳୟ ପଡ଼ିଆଠାରେ ମାରାଗୁଡ଼ା ଲୋକମହୋତ୍ସବ, ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା ଓ ବୌଦ୍ଧିକ ଚର୍ଚ୍ଚା ଆୟୋଜିତ ହେବ । ଏହି ମହୋତ୍ସବ ଜିଲ୍ଲା ସଂସ୍କୃତି ପରିଷଦ, ଜିଲ୍ଲା ପ୍ରଶାସନ ନୂଆପଡ଼ା ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହେବ। ଏହି ମହୋତ୍ସବରେ ଜିଲ୍ଲାର ଲୋକସଂସ୍କୃତି, ପରମ୍ପରା ଓ ସ୍ଥାନୀୟ କଳାକାରଙ୍କ ପ୍ରତିଭା ପ୍ରଦର୍ଶିତ ହେବା ସହିତ ବିଭିନ୍ନ ସାଂସ୍କୃତିକ ଓ ବୌଦ୍ଧିକ କାର୍ଯ୍ୟକ୍ରମ ଏବଂ ରଙ୍ଗାରଙ୍ଗ ଷ୍ଟାର୍ ନାଇଟ୍ ଆୟୋଜିତ ହେବ ।

## ସମ୍ବଲପୁରରେ ଗ୍ୟାସ ସଙ୍କଟ, ଚିନ୍ତାରେ ଖାଉଟି



ସମ୍ବଲପୁର, (**ସତ୍ୟଜିତ ମହାପାତ୍ର**) : ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଏହାର ପ୍ରଭାବ ସାରା ଦେଶରେ ପଡିଛି । ବିଶେଷ ଭାବେ ଦେଶରେ ଏଲ୍‌ପିଜି ଗ୍ୟାସ ସଙ୍କଟ ଦେଖାଦେଇଛି । ଲୋକେ ଗ୍ୟାସ୍ ପାଇବାକୁ ଏଜେନ୍ସି ଗୁଡିକରେ ଲମ୍ବା ଲାଇନ ଲଗାଉଥିବା ଦେଖିବାକୁ ମିଳୁଛି । ଏପରିକି ବୁକିଂ ପରେ ମଧ୍ୟ ଗ୍ୟାସ ବିଳମ୍ବରେ ବିଳୁଛି । ବିଶେଷ ଭାବେ ବାଣିଜ୍ୟିକ ଏଲ୍‌ପିଜି ଗ୍ୟାସ ବୁକିଂ ବନ୍ଦ ରହିଛି । ଏହାର ପ୍ରଭାବ ହୋଟେଲ ଓ ରେସ୍ତୋରାଁ ଗୁଡିକରେ ପଡିଛି । ବାଣିଜ୍ୟିକ ଏଲ୍‌ପିଜି ଗ୍ୟାସ ମିଳୁନଥିବା ବେଳେ ଘରୋଇ ଗ୍ୟାସ ବହୁଳ ଭାବେ ବ୍ୟବହାର କରାଯାଉଛି । ଏଥିଯୋଗୁଁ କଳାବଜାର ଆଶଙ୍କା ରହିଛି । ଏହାକୁ ରୋକିବାକୁ ଯୋଗାଣ ବିଭାଗ ଓ ପୋଲିସ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ଏଭଳିସ୍ଥଳେ ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ଗଚ୍ଛିତ ରଖିବା ଅଭିଯୋଗରେ ବୁର୍ଲା ଥାନା ପୋଲିସ ଜଣେ ଯୁବକକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ବୁର୍ଲା ମାର୍କେଟ ଅଞ୍ଚଳର ମନ୍ଥନ ପ୍ରସାଦ ମହତୋ(୨୭) ହୋଇଥିବା ବେଳେ ତାଙ୍କ ଗୋଦାମରୁ ମୋଟ ୧୬୧ଟି ଗ୍ୟାସ ଭର୍ତ୍ତି ଓ ଖୋଲା ସିଲିଣ୍ଡର ଜବତ ହୋଇଛି । ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କଳାବଜାର ରୋକିବା ଓ ଶୃଙ୍ଖଳିତ ବିତରଣ ନେଇ ଆଲୋଚନା ହୋଇଛି । ଏପରିକି ପ୍ରତ୍ୟହ ଷ୍ଟକ ଯାଞ୍ଚ କରିବାକୁ ଯୋଗାଣ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସ୍କାର୍ଡ ଗଠନ କରାଯାଇ କଳାବଜାର ରୋକିବା ଓ ନିୟମ ଉଲ୍ଲଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି । ଏହାସତ୍ତ୍ୱେ ଗ୍ୟାସ ସିଲିଣ୍ଡର ପାଇବାକୁ ଲୋକେ ବ୍ୟାକୁଳ ହେଉଛନ୍ତି । ଗ୍ୟାସ ପାଇବାକୁ ଦୀର୍ଘଦିନ ଅପେକ୍ଷା କରିବାକୁ ପଡୁଛି । ଅନ୍ୟପଟେ ଯୁଦ୍ଧ ଯୋଗୁଁ ରନ୍ଧନ ଗ୍ୟାସର ଦର ବୃଦ୍ଧି ପାଇଛି । ଗ୍ୟାସ ସିଲିଣ୍ଡର ସଙ୍କଟ ଓ ଦରବୃଦ୍ଧି ଯୋଗୁଁ ଗ୍ରାହକ ମାନେ ବେଶ ଚିନ୍ତାରେ ପଡିଯାଇଛନ୍ତି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲାରେ ୨୮ଟି ଗ୍ୟାସ ଏଜେନ୍ସି ରହିଛି । ଏହି ସମସ୍ତ ଏଜେନ୍ସି ଅଧିନରେ ମୋଟ ୨ଲକ୍ଷ୩୪ହଜାର୨୪୫ଜଣ ଗ୍ରାହକ ଉପକୃତ ହେଉଛନ୍ତି । ସେଥିମଧ୍ୟରୁ ବିପିସିଏଲ୍‌ର ୭ଟି ଡିଲର ଦ୍ୱାରା ୫୮ହଜାର୪୮୬ଜଣ, ଏଚ୍‌ପିସିଏଲ୍‌ର ୮ଟି ଡିଲର ଦ୍ୱାରା ୭୬ହଜାର୪୬୦ଜଣ ଓ ଆଇଓସିଏଲ୍‌ର ୧୩ଟି ଡିଲର ଦ୍ୱାରା ୯୯ହଜାର୨୯୯ଜଣ ଗ୍ରାହକ ଏଲ୍‌ପିଜି ଗ୍ୟାସ ବ୍ୟବହାର କରୁଛନ୍ତି । ଗତ ୨୮ଫେବୃଆରୀରୁ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ ହୋଇଛି । ଫଳରେ ସମ୍ବଲପୁର ଜିଲ୍ଲାରେ ଏଲ୍‌ପିଜି ଗ୍ୟାସର ଘୋର ସଙ୍କଟ ଦେଖାଯାଇଛି । ତେବେ ଜିଲ୍ଲାରେ ମୋଟ ୯ହଜାର୫୨୨ଟି ଗ୍ୟାସ ଭର୍ତ୍ତି ସିଲିଣ୍ଡର ମହଜୁଦ ଥିବା ଜଣାପଡିଛି । ଏଲ୍‌ପିଜି ଗ୍ୟାସ ସିଲିଣ୍ଡର ମିଳିବାରେ ଅସୁବିଧା ଯୋଗୁଁ ଲୋକେ ବିକଳ୍ପ ଭାବେ ଇଣ୍ଡକ୍ସନ ଚୁଲ୍ହା ବ୍ୟବହାର କରୁଛନ୍ତି । ଏ ସମ୍ପର୍କରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ପଚାରିବାକୁ ସମସ୍ତେ ସଠିକ୍ ସମୟରେ ଗ୍ୟାସ ପାଇବେ। ଜିଲ୍ଲାରେ ଆବଶ୍ୟକ ଗ୍ୟାସ ସିଲିଣ୍ଡର ମହଜୁଦ ରହିଛି । ତେଣୁ କେହି ଗ୍ୟାସ ସଙ୍କଟ ନେଇ ଚିନ୍ତିତ ହେବାର ଆବଶ୍ୟକତା ନାହିଁ ବୋଲି କହିଥିଲେ ।

## ସଚେତନତା ଅଭାବରୁ ଜମିରେ ଲାଗୁଥିବା ନିଆଁ ଜଙ୍ଗଲମୁହାଁ ହେଉଛି



ବୌଦ୍ଧ,(ସବ୍ୟୁ): ଜିଲ୍ଲାରେ ଖରିଫ ଚାଷ ସରିଥିବା ବେଳେ ବିଲ ଗୁଡିକ ପଡିଆ ରହିଛି । ଏହାମଧରେ କେହି କେହି ଲୋକ ଜମିରେ ନିଆଁ ଲାଗାଇ ଦେଉଛନ୍ତି । ଯାହାଫଳରେ ଜମିର ନିଆଁ ଗୋଟିଏ ଜମିରୁ ଅନ୍ୟ ଏକ ଜମିକୁ ମାଡି ଚାଲୁଛି । ଏପରିକି ପାଖରେ ଥିବା ଜଙ୍ଗଲ ମଧକୁ ଜମି ନିଆଁ ମାଡିଯାଉଥିବା ଦେଖିବାକୁ ମିଳୁଛି । ଯାହାଫଳରେ ଜମି ନିଆଁ ଗାଁ ମୁହାଁ ହେବାର ସମ୍ଭାବନା ଦେଖାଦେଇଛି । ତେବେ ସଚେତନତା ଅଭାବରୁ ଲୋକେ ଏପରି ଭୁଲ ନିଷ୍ପତି ନେଉଛନ୍ତି ବୋଲି ଅଭିଯୋଗ ଆସୁଛି । ନିଆଁକୁ ଆୟତ ପାଇଁ ଅଗ୍ନିଶମ ବିଭାଗ ନାକେଦମ ହୋଇପଡୁଛନ୍ତି । ଜିଲ୍ଲାରେ ପ୍ରାୟ ଗ୍ରାମ ଗୁଡିକରେ ଜମିରେ କେହି ନିଆଁ ଲଗାଇ ଦେଉଛନ୍ତି । ଏପରିକି ହରଭଙ୍ଗା ବ୍ଲକର ଆଡଣୀଗଡ, ବରଝୁଲି, ଖରଭୂଇଁ ଏବଂ ପୋଢହଲ ଠାରେ ନିଆଁଲାଗି ଥିବା ଦେଖିବାକୁ ମିଳିଛି । ସୂଚନା ମତେ, ଆଡଣୀଗଡ, ଖରଭୂଇଁ, ବରଝୁଲି ଗ୍ରାମରେ ଜମି ନିଆଁ ଗ୍ରାମ ମୁହାଁ ହେଉଥିବା ବେଳେ ଲୋକେ ଆତଙ୍କିତ ହୋଇପଡୁଛନ୍ତି । ଠିକ ସେହିପରି ମାଧପୁର ରେଂଜର ମାର୍ଦ୍ଦିଙ୍ଗ ନିକଟରେ ପୋଢହଲ ଠାରେ ନିଆଁ ଜଙ୍ଗଲ ମୁହଁ ହେଉଛି । ଫଳରେ ଅନେକ ପ୍ରାଣୀ, ପକ୍ଷୀ ଓ ସରିସୃପଙ୍କ ବସା ପୋଡି ଯାଉଛି । ସେପଟେ ଗତ କିଛି ଦିନ ହେବ ଜିଲ୍ଲାରେ ଖରାର ପ୍ରକୋପ ଦେଖିବାକୁ ମିଳିଛି । ଯଦି ଏପରି ଜମି ନିଆଁ ଓ ଜଙ୍ଗଲ ନିଆଁ ଲାଗିରହେ ତାହାହେଲେ ଜିଲ୍ଲାର ତାପମାତ୍ରା ଗତ ବର୍ଷ ଭଳି ଏବର୍ଷ ମଧ ରାଜ୍ୟରେ ସବୁଠୁ ଉତ୍ତପ୍ତ ଜିଲ୍ଲା ଭାବରେ ପରିଗଣିତ ହେବ । ସେପଟେ ବନ ବିଭାଗ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବିହେଉଛି ।

## ୧୯୫ କେଜି ଗଞ୍ଜେଇ ଜବତ, ୩ ଗିରଫ



ସମ୍ବଲପୁର,(ସବ୍ୟୁ): ବୌଦ୍ଧରୁ ବେଆଇନ ଭାବେ ସୁଦୂର ଉତ୍ତରପ୍ରଦେଶକୁ ଗଞ୍ଜେଇ ଚୋରାଚାଲାଣ ହେଉଥିଲା । ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ପୋଲିସ ଚଢଉ କରି ୩ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୧୯୫କିଗ୍ରା ଗଞ୍ଜେଇ ଜବତ ହୋଇଛି । ଏନେଇ ୨ଟି ପୃଥକ ପୃଥକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ମିଳିଥିବା ସୂଚନା ଆଧାରରେ ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ୍ କତରବଗା ଥାନା ଅନ୍ତର୍ଗତ ଜୁନାଡିହି ଛକ ନିକଟରେ ଯାନବାହାନ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚବେଳେ କାର ଗାଡି ନମ୍ବର (ୟୁପି୬୫ଏଫ୍‌ବି-୨୩୨୬)ରୁ ୫୫କିଗ୍ରା ଗଞ୍ଜେଇ ଜବତ କରାଯାଇଥିଲା । ଏହି ଅଭିଯୋଗରେ ଉତ୍ତରପ୍ରଦେଶ ରାମପୁରର ସତିଶ ଗୁପ୍ତା(୪୦)ଙ୍କୁ ଗିରଫ କରାଯାଇଛି । ସେହିପରି କତରବଗା ଥାନା ଅନ୍ତର୍ଗତ ଫରେଷ୍ଟ ଅଫିସ ସମ୍ମୁଖରେ ପିକଅପ୍ ଭ୍ୟାନ ଗାଡି ନମ୍ବର( ୟୁପି୬୫ଏଚ୍‌ଟି-୧୪୩୦)ରୁ ୧୪୦କିଗ୍ରା ଗଞ୍ଜେଇ ଜବତ ହୋଇଛି । ଏହି ମାମଲାରେ ଉତ୍ତରପ୍ରଦେଶ ମଜହନ୍ତରସ୍ ଗ୍ରାମର ଧନଞ୍ଜୟ ସିଂ(୩୨) ଓ ଭବାନୀପୁରା ଗ୍ରାମର ମୃତ୍ୟୁଞ୍ଜୟ ଯାଦବ(୪୧)ଙ୍କୁ ଗିରଫ କରାଯାଇଛି ।

## ପିକଅପ୍ ଭ୍ୟାନ ସହ ୧୪୬କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ସମ୍ବଲପୁର,(ସବ୍ୟୁ): ବେଆଇନ ଭାବେ ଗଞ୍ଜେଇ ଚୋରାଚାଲାଣ ବେଳେ ସମ୍ବଲପୁର ଅବକାରୀ ପୋଲିସ ଜଣେ ବ୍ୟକ୍ତିକୁ ଗିରଫ କରିଛି । ଏଥିସହ ୧୪୬କିଗ୍ରା ଗଞ୍ଜେଇ ଭର୍ତ୍ତି ଏକ ପିକଅପ୍ ଭ୍ୟାନକୁ ଜବତ କରିଛି । ଏନେଇ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ଝାଡଖଣ୍ଡ ଅଞ୍ଚଳର ଯୋଗେଶ୍ୱର ଯାଦବ(୫୦) ମହିନ୍ଦ୍ର ମାକ୍ସ ପିକଅପ୍ ଭ୍ୟାନ ଗାଡି ନମ୍ବର( ଓଡି୧୮ଡି-୫୯୫୨) ଯୋଗେ ଗଞ୍ଜେଇ ନେଉଥିବା ଖବର ପାଇ ଅବକାରୀ ପୋଲିସ ଅଇଁଠାପାଲି ବିର୍ସା ମୁଣ୍ଡା ଛକ ନିକଟରେ ଗାଡିକୁ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚବେଳେ ଉପରୋକ୍ତ ଗଞ୍ଜେଇ ସହ ଯୋଗେଶ୍ୱରକୁ ପୋଲିସ ଗିରଫ କରିଛି ।

## ୧୬୧ଟି ଗ୍ୟାସ ସିଲିଣ୍ଡର ସହ ବ୍ୟବସାୟୀ ଗିରଫ

ସମ୍ବଲପୁର,(ସବ୍ୟୁ): ଦେଶବ୍ୟାପୀ ଏଲପିଜି ଗ୍ୟାସ ସଙ୍କଟ ଲାଗି ରହିଛି । ଗ୍ୟାସ ସିଲିଣ୍ଡର ପାଇବା ପାଇଁ ଗ୍ରାହକ ମାନେ ବେଶ ହନ୍ତସନ୍ତ ହେଉଛନ୍ତି । ଏଭଳିସ୍ଥଳେ ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ଗଚ୍ଛିତ ରଖିବା ଓ ବେଆଇନ ଚୋରା ଚାଲାଣ ଅଭିଯୋଗରେ ବୁର୍ଲା ଥାନା ପୋଲିସ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି । ଗିରଫ ବ୍ୟବସାୟୀ ଜଣକ ଅସାଧୁ ଉପାୟରେ ମୁନାଫା ନେଉଥିବା ବେଳେ ପୋଲିସ ହାତରେ ଗିରଫ ହୋଇଛି । ଗିରଫ ଅଭିଯୁକ୍ତ ଜଣକ ବୁର୍ଲା ମାର୍କେଟ ଅଞ୍ଚଳର ମନ୍ଥନ ପ୍ରସାଦ ମହତୋ(୨୭) ବୋଲି ଜଣାପଡିଛି । ତାଙ୍କ ଗୋଦାମରୁ ମୋଟ ୧୬୧ଟି ଗ୍ୟାସ ସିଲିଣ୍ଡର ଜବତ ହୋଇଛି । ଏନେଇ ୧୨୬/୨୬ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଉଛି । ସୂଚନାଯୋଗ୍ୟ, ବୁର୍ଲା ଥାନା ଅନ୍ତର୍ଗତ ମେଟାକାନୀ ଢାବା ନିକଟରେ ପିକଅପ୍ ଭ୍ୟାନ ଗାଡି ନମ୍ବର( ଓଡି୧୫କ୍ୟୁ-୦୧୫୯) ଗୁରୁବାର ପୂର୍ବାହ୍ଣ ୮ଟାରେ ଓଲଟି ପଡିଥିଲା । ଖବର ପାଇ ପୋଲିସ ପାଟ୍ରୋଲିଂ ଗାଡି ଘଟଣାସ୍ଥଳରେ ପହଞ୍ଚିଥିଲା । ତେବେ ଦୁର୍ଘଟଣାସ୍ଥଳରେ ୬ଟି ଗ୍ୟାସଭର୍ତ୍ତି ସିଲିଣ୍ଡର ପଡିଥିବା ପୋଲିସ ଦେଖିବାକୁ ପାଇଥିଲା । ଘଟଣା ସମ୍ପର୍କରେ ପଚରାଉଚରା ବେଳେ ମନ୍ଥନ ଗ୍ୟାସ କଳାବଜାର କରୁଥିବା ସାମ୍ନାକୁ ଆସିଥିଲା । ସେ ଅଟାଚକି ପଡାରେ ଗୋଦାମ କରି ଗ୍ୟାସ ବ୍ୟବସାୟ କରୁଥିବା ଜଣାପଡିଥିଲା । ତେଣୁ ପୋଲିସ ସେହି ଗୋଦାମ ଉପରେ ଚଢଉ କରି ପିକଅପ୍ ଭ୍ୟାନ ସହ ୧୬୧ଟି ଖାଲି ଓ ଭର୍ତ୍ତି ଗ୍ୟାସ ସିଲିଣ୍ଡର ଜବତ କରିଛି ।

## ଗମ୍ଭୀରାଦର୍ହ ଜଳ ଭଣ୍ଡାର ପ୍ରକଳ୍ପ ନେଇ ଆନ୍ତରିକତାର ଅଭାବ

ବୌଦ୍ଧ,(ସବ୍ୟୁ): କୃଷି ପ୍ରବଣ ବୌଦ୍ଧ ଜିଲ୍ଲାରେ ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି । ଚାଷ ପାଇଁ ଆବଶ୍ୟକ ଜଳ ଯୋଗାଇବା ଲକ୍ଷ୍ୟରେ ଗୁରୁଜିମୁଣ୍ଡା ଠାରେ ସାଲୁଙ୍କିନଦୀକୁ ବାନ୍ଧି ଏକ ଜଳ ଭଣ୍ଡାର ପ୍ରକଳ୍ପ ନିର୍ମାଣ କରାଯାଉ ବୋଲି ଦୀର୍ଘବର୍ଷ ଧରି କୃଷକ ସଂଗଠନ ପକ୍ଷରୁ ଦାବି ହୋଇ ଆସୁଥିଲେ ମଧ ସରକାରଙ୍କ ଆନ୍ତରୀକତା ଅଭାବ ରହୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ବୌଦ୍ଧ ଜିଲ୍ଲା ଦେଇ ମହାନଦୀ,ତେଲନଦୀ, ସାଲୁଙ୍କି, ବାଘନଦୀ ଭଳି ପ୍ରମୁଖ ନଦୀ ବୋହିଯାଇଥିଲେ ମଧ ଚାଷୀ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାଏ । ଫଳରେ ଚାଷୀ ପ୍ରତିବର୍ଷ ମରୁଡିର ସମ୍ମୁଖୀନ ହୋଇଥାଏ । ଜିଲ୍ଲାରେ ପର୍ଯ୍ୟପ୍ତ ପରିମାଣର ଜଳସେଚନର ସୁବିଧା ରହିଥିଲେ ମଧ ତାହାର ସୁବିନିଯୋଗ ହୋଇପାରୁନାହିଁ । ଯାହାଫଳରେ ଚାଷୀ ସବୁବେଳେ ଜଳସମସ୍ୟାର ସମ୍ମୁଖୀନ ହେଉଛି । ଚାଷୀଙ୍କ ଜଳସେଚନର ସୁବିଧା ପାଇଁ ବୌଦ୍ଧ ବ୍ଲକର ଟିକରପଡା ପଂଚାୟତର ଗୁରୁଜୀମୁଣ୍ଡା ଗ୍ରାମର ଗମ୍ଭୀରାଦର୍ହ ଠାରେ ସାଲୁଙ୍କି ନଦୀ ଉପରେ ଏକ ଜଳ ଭଣ୍ଡାର ନିର୍ମାଣ ପାଇଁ ଚାଷୀ ସଂଗଠନ ପକ୍ଷରୁ ୨୦୧୨ ମସିହାରୁ ଆନ୍ଦୋଳନ ଚାଲି ଆସୁଛି ହେଲେ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ । ଯାହାଫଳରେ ଅଂଚଳବାସୀଙ୍କ ମଧରେ ଅସନ୍ତୋଷ ଦେଖାଦେଉଛି । ଗମ୍ଭୀରା ଦର୍ହ ଠାରେ ଜଳ ଭଣ୍ଡାର ନିର୍ମାଣ କରାଗଲେ ହରଭଙ୍ଗା ବ୍ଲକର ପୁରୁଣାକଟକ ଠାରୁ ବୌଦ୍ଧ ବ୍ଲକର ବାଉଁଶୁଣୀ ପର୍ଯ୍ୟନ୍ତ ଜଳସେଚନ ହୋଇପାରିବ ଓ ଚାଷୀ ଖରିଫ ଓ ରବି ଉଭୟ ଚାଷ କରିପାରିବେ । ଏହା ସହିତ ଜଳ ବିଦ୍ୟୁତ ଉତ୍ପାଦନ ହୋଇ ପାରିବ ବୋଲି ଚାଷୀ ସଂଗଠନ ପକ୍ଷରୁ ଦାବି କରାଯାଉଛି । ଏବଂ ଜିଲ୍ଲାର ଚାଷୀଙ୍କ ଆର୍ଥିକ ମାନଦଣ୍ଡ ଉନ୍ନତି ହୋଇପାରିବ । ଜିଲ୍ଲାର ଦାଦନ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ବିଭିନ୍ନ ସମୟରେ କିଶାନ ସଂଘ ପକ୍ଷରୁ ଦାବି କରାଯାଉଛି । ଏହି ପ୍ରକଳ୍ପର କାର୍ଯ୍ୟକାରି କରିବା ପାଇଁ ସଂଗଠନ ପକ୍ଷରୁ ବିଭିନ୍ନ ସମୟରେ ବିଭିନ୍ନ ଅଧିକାରୀ,ମନ୍ତ୍ରୀଙ୍କ ଦାବିପତ୍ର ଦିଆଯାଇଛି । ୨୦୨୩ ମସିହାରେ ବୈଷୟିକ ପ୍ରତିନିଧି ଦଳ ସ୍ଥଳ ପରିଦର୍ଶନ କରି ଜଳଭଣ୍ଡାର ନିର୍ମାଣ ପାଇଁ ଅନୁରୂପ ମତ ପୋଷଣ କରିବା ସହ ସର୍ଭେ କାର୍ଯ୍ୟ ଆରମ୍ଭ କରିବାକୁ ମତ ପୋଷଣ କରିଛନ୍ତି । ହେଲେ ଏପର୍ଯ୍ୟନ୍ତ କାର୍ଯ୍ୟ ଆଗେଇ ନାହିଁ । ସାଲୁଙ୍କି ନଦୀର ଏହି ସ୍ଥାନରେ ପ୍ରାୟ ଶହେ ମିଟର ଚଉଡା ରହିଥିବା ବେଳେ ଉଭୟ ପାର୍ଶ୍ୱରେ ଥିବା ଦୁଇଟି ପାହାଡକୁ ସଂଯୋଗ କରିବ । ଯାହାଫଳରେ ଖର୍ଚ୍ଚ ମଧ କମ ରହିବ । ଏବଂ ଜଳଧାରଣର କ୍ଷମତା ଅଧିକ ରହିବାର ସମ୍ଭାବନା ରହିଛି । ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ଉଭୟ ସ୍ଥାନରେ ଗୋଟିଏ ସରକାର ଥିବାରୁ ଡବଲଇଂଜିନର ନାରା ଦିଆଯାଉଥିବାରୁ ଏହି ପ୍ରକଳ୍ପ କାର୍ଯ୍ୟ ଏହି ସମୟରେ ଆରମ୍ଭ ହୋଇପାରିବ ବୋଲି ଚାଷୀ ସଂଗଠନ ଆଶାବାଦୀ ରହିଛନ୍ତି । ଏହି ପ୍ରକଳ୍ପ ବୌଦ୍ଧଜିଲ୍ଲାର ଚାଷୀଙ୍କ ପାଇଁ ହେବ ବରଦାନ ସଦୃଶ୍ୟ । ଜିଲ୍ଲାର ଭୌଗଳିକ ସ୍ଥିତିକୁ ଦେଖିଲେ ଜିଲ୍ଲାରେ ୩ଲକ୍ଷ ୫୮ ହଜାର ୨୯୨ ହେକ୍ଟର ଜମି ରହିଛି । ଅଧିକାଂଶ ଜମିରେ ପାହଡ ପର୍ବତ ଭରି ରହିଛି । ସେଥିମଧ୍ୟରୁ ୮୫ ହଜାର ୧୮୦ ହେକ୍ଟର ଚାଷ ଜମିରେ ଚାଷ କରାଯାଇଥାଏ । କେନାଲ ପାଣି କହିଲେ ବାଘ ଓ ସାଲୁଙ୍କି ପାଣି ଉପରେ ଚାଷୀ ନିର୍ଭର କରିଥାନ୍ତି । ହେଲେ ତଳମୁଣ୍ଡର ଚାଷୀ ସବୁବେଳେ ପାଣି ପାଇଁ ଅନାଇ ବସିଥାଏ । ବୌଦ୍ଧଜିଲ୍ଲାରେ ଚାଷୀଙ୍କ ସୁବିଧା ପାଇଁ ଏହି ପ୍ରକଳ୍ପର ନିହାତି ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଥିବା ବେଳେ ଏଥିରେ ରହିଥିବା ସମସ୍ୟା ରାଜ୍ୟ ଓ କେନ୍ଦ୍ର ସରକାର ଉଭୟ ଏହାର ସମାଧାନ କରି ଏହି ପ୍ରକଳ୍ପ କାର୍ଯ୍ୟକାରି କରିବାକୁ ଚାଷୀ ସଂଗଠନ ପକ୍ଷରୁ ଦାବି ହେଉଛି ।

## ବୌଦ୍ଧଗଡ ଏନଏସିକୁ ପୌର ପରିଷଦ ଘୋଷଣା

ବୌଦ୍ଧ,(ସବ୍ୟୁ): ବୌଦ୍ଧଗଡ ବିଜ୍ଞାପିତ ଅଂଚଳ ପରିଷଦକୁ ମଙ୍ଗଳବାର ବିଧିବଧ ଭାବରେ ପୌରପରିଷଦ ର ମାନ୍ୟତା ମିଳିବା ପରେ ଆଜି ପୌର କାର୍ଯ୍ୟାଳୟ ଠାରେ ପୌର ପରିଷଦ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନି ପୌର ପରିଷଦର ଅଧକ୍ଷ ମୃତ୍ୟୁଂଜୟ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପୌର ପରିଷଦ ପାଇଁ ଦୀର୍ଘ ବର୍ଷ ଧରି ଯେଉଁ ପ୍ରକ୍ରିୟା ଚାଲିଥିଲା ତାହା ଗତକାଲି ଅନ୍ତଘଟିଛି । ଏହା ସହ ବୌଦ୍ଧବସୀଙ୍କ ଦୀର୍ଘ ଦିନର ଆନ୍ଦୋଳନ ସଫଳ ହୋଇଛି । ବୌଦ୍ଧଗଡ ଏନଏସିକୁ ସରକାର ବିଧିବଧ ଭାବରେ ପୌର ପରିଷଦ ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି,ପୂର୍ବତନ ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକ, ନଗରଉନ୍ନୟନ ମନ୍ତ୍ରୀ ଡ.କୃଷ୍ଣଚନ୍ଦ୍ର ମହାପାତ୍ର, ବର୍ତ୍ତମାନର ବିଧାୟକ ତଥା ସରକାରୀ ଦଳ ମୁଖ୍ୟସଚେତକ ସରୋଜ କୁମାର ପ୍ରଧାନ, ପୂର୍ବତନ ବିଧାୟକ ପ୍ରଦିପ କୁମାର ଅମାତଙ୍କୁ କୃତଜ୍ଞତା ଜଣାଇ ଥିଲେ । ଆମେ ଏନଏସିର ଦାୟୀତ୍ୱ ନେବା ପରେ ପୌର ପରିଷଦ ପାଇଁ ଉଦ୍ୟମ କରିଥିଲୁ । ଏହାସହ ପୌର ପରିଷଦର ମାନ୍ୟତା ପାଇଁ ଏନଏସିର ପୂର୍ବତନ ଅଧକ୍ଷା ସଂଯୁକ୍ତା ନାୟକ, ଦୀପ୍ତୀପ୍ରଭା ସ୍ୱାଇଁ ମଧ ଉଦ୍ୟମ କରିଥିଲେ । ବିଭିନ୍ନ ଅନୁଷ୍ଠାନ ଓ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ମଧ ଉଦ୍ୟମ କରାଯାଇଥିଲା । ସେହିଉଦ୍ୟମ ଫଳରେ ପୂର୍ବତନ ସରକାର ୨୦୨୪ ମସିହାରେ ବୌଦ୍ଧକୁ ପୌର ପରିଷଦର ମାନ୍ୟତା ପାଇଁ ଘୋଷଣା କରିଥିଲେ । ଘୋଷଣା ପରେ ସେହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଥମ ଚିଠି ୧୩.୩.୨୪ ଆସିଥିଲା । ବୌଦ୍ଧକୁ ମ୍ୟୁନସିପାଲଟିରେ ପରିଣତ କରିବା ପାଇଁ ପ୍ରୋପଜାଲ ପଠାଯାଉ । ଏହାର କିଛି ଦିନ ପରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିଲା । ଫଳରେ ଜିଲ୍ଲାପାଳଙ୍କ ଟେବୁଲ ମଧରେ ଚିଠିଟି ଚାପି ହୋଇରହିଗଲା । ପରବର୍ତ୍ତି ସମୟରେ ନିର୍ବାଚନ ହେବା ପରେ ନୂତନ ସରକାର ଆସିବା ପରେ ପୂର୍ବ ସରକାରଙ୍କ ଚିଠିକୁ ଆଧାର କରି ୪.୧୧.୨୪ ତାରିଖରେ ଜିଲ୍ଲା ପ୍ରଶାସନ ପାଖକୁ ଆଉ ଗୋଟିଏ ଚିଠି ଆସିଥିଲା । ଏଠାରୁ ଚିଠି ଗଲାପରେ ଗତ ୩୧.୮.୨୫ ତାରିଖରେ ପୌର ପରିଷଦ ଘୋଷଣା କରାଯାଇଥିଲା । ନୂତନ ପୌର ପରିଷଦରେ ବୌଦ୍ଧ ବ୍ଲକ ଅନ୍ତର୍ଗତ ମୁରୁଷୁଣ୍ଡି ପଞ୍ଚାୟତ ସହିତ ହରଭଙ୍ଗା ବ୍ଲକର ୫ ଖଣ୍ଡ ଗ୍ରାମ କାଲେଶ୍ୱର, ରଇଠାଣି, ସାନବୁଟୁପାଲି ,ମାଉଲସିଙ୍ଗା, ସାନବାଗବର ଗ୍ରାମକୁ ବୌଦ୍ଧ ପୌର ପରିଷଦରେ ସାମିଲ କରାଯାଇଛି। ୱାର୍ଡ ସୀମା ନିର୍ଦ୍ଧାରଣ ପରେ ନୂତନ ପୌର ପରିଷଦକୁ ୨୫ ଗୋଟି ୱାର୍ଡରେ ବିଭକ୍ତ କରାଯାଇଛି। ଏହାର ସାମଗ୍ରିକ ବିକାଶ ପାଇଁ ଉଦ୍ୟମ କରାଯିବ ବୋଲି ଅଧକ୍ଷ ଶ୍ରୀ ମିଶ୍ର ପ୍ରକାଶ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନିରେ ଉପାଧକ୍ଷ ସୁଭାସିନୀ ସେଠୀ, କାଉନସିଲର,ସ୍ୱର୍ଣ୍ଣଲତା ଦଲେଇଙ୍କ ସମେତ ସମସ୍ତ କାଉନସିଲ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ସଦର ଥାନା ଅଧିକାରୀଙ୍କୁ ତୁରନ୍ତ ବଦଳି ଦାବି

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ସଦର ଥାନା ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି । ପୋଲିସର ନିଷ୍କ୍ରିୟତା ଯୋଗୁଁ ହାତ ପାହାନ୍ତାରେ ନିଶା ସାମଗ୍ରୀ ମିଳୁଛି । ଏହାକୁ ସେବନ କରି ଯୁବପୀଢି ବିପଥଗାମୀ ହେଉଛନ୍ତି । ବ୍ୟାପକ ନିଶା କାରବାର ଯୋଗୁଁ ଅପରାଧ ମଧ୍ୟ ପୂର୍ବାପେକ୍ଷା ବଢିଛି । ଏଥିସହ ଚୋରି, ଡକାୟତି, ରାହାଜାନି ଭଳି ଘଟଣା ଘଟୁଛି । ସାମାନ୍ୟ କଥାକୁ ନେଇ ଛୁରୀ ଓ ବନ୍ଧୁକ ଚାଲୁଛି । ଏଥିରେ ଧନ ଜୀବନ ହାନୀ ହେଉଛି। ଏଥିଯୋଗୁଁ ସାଧାରଣ ଲୋକେ ପଦାକୁ ବାହାରିବାକୁ ଭୟଭୀତ ହୋଇ ପଡୁଛନ୍ତି । ଲୋକେ ନ୍ୟାୟ ପାଇଁ ଥାନାକୁ ଗଲେ କୌଣସି ସୁଫଳ ମିଳୁନାହିଁ । ଏଭଳିସ୍ଥଳେ ପଡିଆବାହାଲ ମହାଲକ୍ଷ୍ମୀ ବ୍ୟବସାୟୀ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି । ସୋମବାର ସଂଘର କର୍ମକର୍ତ୍ତା ମାନେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜୟ କୁମାର ମିଶ୍ରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଖଲିଆପାଲି ଗ୍ରାମର ଆଭାରାଣୀ ବଡପଣ୍ଡାଙ୍କ ବିୟୁଟି ପାର୍ଲର ଦୋକାନରୁ କେହି ଦୁର୍ବୃତ୍ତ ପ୍ରାୟ ୭୦ହଜାର ଟଙ୍କାର ସାମଗ୍ରୀ ଚୋରି କରି ନେଇଛି । ଅଭିଯୋଗ ପରେ ଗତ ୮ ତାରିଖରେ ୭୮/୨୬ରେ ଏକ ମାମଲା ରୁଜୁ କରାଯାଇଛି । ମାତ୍ର ଅଭିଯୁକ୍ତକୁ ଗିରଫ କରିବାରେ ସଦର ଥାନା ପୋଲିସ ସକ୍ଷମ ହୋଇପାରିନାହିଁ । ବାରମ୍ବାର ଏହି ଅଞ୍ଚଳରେ ଚୋରି ହେଉଥିବା ବେଳେ ପୋଲିସ ପାଟ୍ରୋଲିଂକୁ କଡାକଡି କରିବାକୁ ବାରମ୍ବାର ଦାବି ହେଉଥିବା ବେଳେ ଥାନା ଅଧିକାରୀ ଅନୀତା ପାଟ୍ଟନିଆ କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି । ସେ କର୍ମଚାରୀ ଅଭା ଦର୍ଶାଇ ଘଟଣାକୁ ଏଡାଇ ଦେବାକୁ ଚେଷ୍ଟା କରୁଛନ୍ତି । ଏଭଳିସ୍ଥଳେ ତାଙ୍କୁ ଅନ୍ୟନ୍ତ ବଦଳି କରିବାକୁ ସଂଘ ପକ୍ଷରୁ ଦାବି ହେଉଛି । ନଚେତ୍ ଆଗାମୀ ଦିନରେ ପଡିଆବାହାଲ ଦୈନିକ ବଜାର ବନ୍ଦ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଏଥିରେ ଅଭିଳାଶ ପଣ୍ଡା, ସମ୍ବି କୁମାର ବେହେରା, ସୁମନ୍ତ କୁମାର ନାୟକ, ମନୋଜ ଦାଶ, ମୁନୁ ମିଶ୍ର ପ୍ରମୁଖଙ୍କ ସାକ୍ଷର ରହିଛି ।

## ଏଲପିଜି, ପେଟ୍ରୋଲ ଓ ଡିଜେଲ ବିତରକଙ୍କ ସହିତ ଜିଲ୍ଲାପାଳଙ୍କ ଜରୁରୀ ବୈଠକ




ଭବାନୀପାଟଣା,(ସବ୍ୟୁ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ସମସ୍ତ ଗ୍ୟାସ ବିତରକ ମାନଙ୍କ ସହ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ରନ୍ଧନ ଗ୍ୟାସ, ପେଟ୍ରୋଲ, ଡିଜେଲ ର ନିରବଚ୍ଛିନ୍ନ ଯୋଗାଣ ଓ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଦାମରେ ବିକ୍ରୟ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ବୈଠକରେ ତୈଳ ଯୋଗାଣକାରୀ ସଂସ୍ଥା ର ବିତରକ ଓ ଅଧିକାରୀ ମାନଙ୍କ ସହ ଯୋଗାଣ ବିଭାଗ ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲାପାଳ ସମସ୍ତ ବିତରକ ମାନଙ୍କୁ ତାଗିତ କରିବା ସହିତ କଲବଜାରୀ କରୁଥିବା ବ୍ୟକ୍ତିମାନଙ୍କୁ ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଆଇନ -୧୯୫୫ ଅନୁଯାୟୀ ଦୃଢ଼ କାର୍ଯାନୁଷ୍ଠାନ ନେବାକୁ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ କଡା ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ଯୋଗାଣ ଅଧିକାରୀ,ଅଜୟ କୁମାର ମଲ୍ଲିକ ବୈଠକରେ ପ୍ରକାଶ କରିଥିଲେ ଯେ ସାଧାରଣ ଜନତା ଏଥି ସମ୍ବନ୍ଧୀୟ କୌଣସି ଅଭିଯୋଗକୁ ୯୪୩୮୨୦୦୦୪୫ ରେ ଯୋଗାଯୋଗ କରି ଅଭିଯୋଗ ଦାଖଲ କରି ପାରିବେ ବ୍ଲକସ୍ତରୀୟ ଯୋଗାଣ ନିରୀକ୍ଷକ ମାନେ ଏସମ୍ବନ୍ଧରେ ସଜାଗ ରହିବା ସହିତ ନିଜର ଦାୟିତ୍ୱ କୁ ଅଧିକ ଯତ୍ନବାନ୍ ହୋଇ ତୁଲାଇବା ପାଇଁ ଜିଲ୍ଲାପାଳ ବୈଠକରେ ନିର୍ଦ୍ଦେଶ ଦେଇଥିଲେ।

## ବସୁଧା ଯୋଜନା ବାଟବଣା : ମହିଳାଙ୍କ ରାସ୍ତା ଅବରୋଧ

ରାୟଗଡ଼ା,(ସବ୍ୟୁ): ଗ୍ରାମରେ ଦୀର୍ଘ ଦିନ ଧରି ପାନୀୟ ଜଳ ସମସ୍ୟା ଦେଖାଦେବାରୁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ମହିଳାମାନେ ଦୂରଦୂରାନ୍ତରୁ ପାଣି ଆଣିବାକୁ ବାଧ ହେଉଛନ୍ତି। ପ୍ରଶାସନକୁ ବହୁବାର ଅଭିଯୋଗ କରିଥିଲେ ମଧ ସମସ୍ୟାର ସମାଧାନ ହେଉ ନ ଥିବାରୁ ଶେଷରେ ଗ୍ରାମର ମହିଳାମାନେ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ସଦର ବ୍ଲକ କେରଡା ଗ୍ରାମ ପଂଚାୟତ ଅନ୍ତର୍ଗତ ଅତଡା ଗ୍ରାମରେ।

ମଙ୍ଗଳବାର ସକାଳେ ଗ୍ରାମର ଅନେକ ମହିଳା ଏକତ୍ରିତ ହୋଇ ହାତରେ ହାଣ୍ଡିଗରା, ବାଲଟି ଧରି କେରଡା-ରାୟଗଡ଼ା ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ରାସ୍ତା ଉପରେ ଠିଆ ହୋଇ ପାଣି ସମସ୍ୟାର ସ୍ଥାୟୀ ସମାଧାନ ଦାବି କରିଥିଲେ। ଗାଁରେ ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ରହିଥିବା ବେଳେ ୪ଟି ନଳକୂପ ରହିଛି। ଯେଉଁଥିରୁ ଦୁଇଟି ଅଚଳ ହୋଇ ପଡିଥିବା ବେଳେ ଅନ୍ୟ ଦୁଇଟି ପାନୀୟ ରୂପେ ବ୍ୟବହାର ଉପଯୋଗୀ ହୋଇପାରୁନି। ଏଥିରୁ ନିର୍ଗତ ଜଳ ଦୁର୍ଗନ୍ଧ ଓ ଲୋହଯୁକ୍ତ ହୋଇଥିବାରୁ ଏହାକୁ ଗ୍ରାମବାସୀ ପାନୀୟ ଭାବେ ବ୍ୟବହାର କରି ପାରୁନ ଥିବା ଅଭିଯୋଗ କରିଛନ୍ତି ।

ରବିବାର ଦିନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ା ବ୍ଲକ କାର୍ଯ୍ୟାଳୟରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଳକ୍ଲିଷ୍ଟ ଗ୍ରାମଗୁଡିକର ଚିହ୍ନଟ କରାଯାଇ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା,ଅଚଳ ନଳକୂପର ମରାମତି,ପାନୀୟ ଜଳ ଉତ୍ସଗୁଡିକର ମରାମତି ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିବା ବେଳେ ମାସ ମାସ ଧରି ଜଳକ୍ଲିଷ୍ଟ ଗ୍ରାମର ଚିହ୍ନଟ କରିବାରେ କିଭଳି ବ୍ଲକ ପ୍ରଶାସନ ଅଧିକାରୀ ଓ କର୍ମଚାରୀମାନେ ଗ୍ରୀଷ୍ମ ପ୍ରବାହ ପୂର୍ବରୁ ତାଲିକା କରିନାହାନ୍ତି ସେ ନେଇ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟକଳାପ ଲୋକଙ୍କ ସେବା ପାଇଁ ନା କେବଳ ପ୍ରହସନ ପାଲଟିଛି ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି। ତେବେ ଅତଡ଼ା ଗ୍ରାମରେ ପାନୀୟ ଜଳ ସମସ୍ୟା ନେଇ ରାୟଗଡା ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

**(ଶ୍ରୀମଭଗବଦ୍ ଗୀତା ୨/୫୬)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ଦୁଃଖେଷ୍ୱନୁଦ୍ୱିଗ୍ନମନାଃ ସୁଖେଷୁ ବିଗତସ୍ପୃହାଃ ।**
**ବୀତରାଗ ଭୟ କ୍ରୋଧଃ ସ୍ଥିତଧୀର୍ମୁନିରୁଚ୍ୟତେ ॥ ୫୬ ॥**

ଯାହାଙ୍କ ମନ ଦୁଃଖରେ କାତର ହୁଏ ନାହିଁ ଓ ଯେ ସୁଖରେ ସ୍ପୃହାଶୂନ୍ୟ ଏବଂ ସେ ବିଷୟାନୁାଗ, ଭୟ ଓ କ୍ରୋଧ ଶୂନ୍ୟ- ସେହି ମୁନିଙ୍କୁ ସ୍ଥିତଧୀ ବୋଲି କୁହାଯାଏ । ॥୫୬॥

# ତମର ଯାହା ଖେଳ

ବିଶ୍ୱର କେତେକ ରାଷ୍ଟ୍ର ଏବେ ଯୁଦ୍ଧ ପ୍ରମତ୍ତ । ଆପଣାର ଆଧିପତ୍ୟ ବିସ୍ତାର କରି ଧନ ବା ଅସ୍ତ୍ର ବଳରେ ଦୁର୍ବଳ ରାଷ୍ଟ୍ରଗୁଡ଼ିକ କବ୍‌ଜା କରିବା ଲାଗି ସେହି ରାଷ୍ଟ୍ର କତିପୟ ଯେଉଁ ଖେଳ ଆରମ୍ଭ କରିଛନ୍ତି, ତାହା ବିଶ୍ୱ ପାଇଁ ଶୁଭ ଲକ୍ଷଣ ନୁହେଁ । ଖଦ୍ୟୋତ ଯେପରି ରାତ୍ରିର ଆଲୋକ ଆଡ଼କୁ ଆକର୍ଷିତ ହୋଇ ଜୀବନ ହାରିଥାଏ, ଯୁଦ୍ଧ ଡାକରା ଦେଉଥିବା ରାଷ୍ଟ୍ରଗୁଡ଼ିକ ସମଦଶା ଭୋଗ କରିବେ, ଏଥିରେ ସନ୍ଦେହ ନାହିଁ ।

ବିଶ୍ୱରେ ଭାରତ ସର୍ବାଧିକ ଜନବହୁଳ ରାଷ୍ଟ୍ର । ଭାରତ ମଧ୍ୟ ସମଗ୍ର ବିଶ୍ୱର ଆର୍ଥିକ ଜଗତରେ ଚତୁର୍ଥ ବୃହତମ ରାଷ୍ଟ୍ର । ମାତ୍ର ଯୁଦ୍ଧଜନିତ ସଙ୍କଟରୁ ଭାରତ ମୁକୁଳିବା ଲାଗି ଏବେ ଉପାୟ ଖୋଜୁଛି । ଭାରତ ତୈଳ ଆମଦାନୀ କରି ୮୦ ପ୍ରତିଶତ ଶକ୍ତି ତୈଳ ଆମଦାନୀ ଯୋଗେ ପାଇ ପାରୁଥିଲା । ସମଗ୍ର ବିଶ୍ୱ ମଧ୍ୟ ଏହି ତୈଳ ସଙ୍କଟର ସମ୍ମୁଖୀନ ହୋଇଛି । ପଶ୍ଚିମ ଏସିଆର ଯୁଦ୍ଧ ଯୋଗୁଁ ବିଶ୍ୱର ଇତିହାସ ଏବେ ବଦଳିବାକୁ ଯାଉଛି । ଏପରିକି ଏସିଆ ମହାଦେଶର ରାଷ୍ଟ୍ରଗୁଡ଼ିକ ଏଥିଯୋଗୁଁ ଉଦ୍‌ବେଗ ପ୍ରକାଶ କରିଛନ୍ତି । କେବଳ ତୈଳ ନୁହେଁ,ରନ୍ଧନ ଗ୍ୟାସ ମଧ୍ୟ ବିଦେଶରୁ ଆସି ପାରୁ ନଥିବାରୁ ଏକ ସଙ୍କଟାବସ୍ଥାର ଉଦ୍ରେକ ହୋଇଛି । ପ୍ରଥମ ଥର ଲାଗି ତୈଳ ବା ଗ୍ୟାସ ହରମୁଜ ପ୍ରଣାଳୀ ଦେଇ ଏସିଆ ମହାଦେଶକୁ ଓ ଭାରତକୁ ଆସି ପାରୁନାହିଁ । ଏହା ଫଳରେ ଭାରତକୁ ଅଶୋଧିତ ତୈଳ ଓ ଗ୍ୟାସ ମିଳିବାରେ ଅସୁବିଧା ହୋଇଛି । ଭାରତର ନୀରିହ ଜନସାଧାରଣଙ୍କଠାରୁ ଆରମ୍ଭ କରି ଧନୀକ ଶ୍ରେଣୀର ବ୍ୟକ୍ତିମାନେ ମଧ୍ୟ ଦୁର୍ଦ୍ଦଶାର ସମ୍ମୁଖୀନ ହେବେ । ଯୁଦ୍ଧ ଯଦି ଶେଷ ନ ହୋଇ ଲାଗି ରହେ, ଭବିଷ୍ୟତରେ ଏହି ତୈଳ ଓ ଗ୍ୟାସ ଆମଦାନୀର ସଙ୍କଟ ସହଜରେ ଦୂର ହେବ ନାହିଁ । କେବଳ ଗ୍ୟାସ ବା ତୈଳ ସଙ୍କଟ ସହିତ ଭାରତ ଆମଦାନୀ କରୁଥିବା ସାରର ଅଭାବ ଦେଖାଗଲେ, ସାଧାରଣ ଉତ୍ପାଦନ ସହଜରେ ହୋଇ ପାରିବ ନାହିଁ ବୋଲି ମଧ୍ୟ କୁହାଯାଉଛି । ଏହି କ୍ଷେତ୍ରରେ କ'ଣ କରାଯାଇ ପାରିବ ? ସେ ବିଷୟରେ ଚିନ୍ତା କରାଯିବା ଆବଶ୍ୟକ । ଭାରତ ସରକାର ହୁଏ ତ ତାହାର ବିକଳ୍ପ ବ୍ୟବସ୍ଥା କରିବା ପାଇଁ ଚିନ୍ତା କରୁଥିବେ ।

**ମାତ୍ର ଚାଇନା ଏବେ ବିଶୁଦ୍ଧ ପେଟ୍ରୋଲକୁ ଅନ୍ୟତ୍ର ମହଜୁଦ ରଖୁଥିବା ସତ୍ତ୍ୱେ ତାହାର ରପ୍ତାନୀ ବନ୍ଦ ରଖିବାକୁ ଏବେ କହିଛି । ଅଷ୍ଟ୍ରେଲିଆ ତାହାର ସମସ୍ତ ପେଟ୍ରୋଲ, ଡିଜେଲ ଓ ଜେଟ୍‌ର ଇନ୍ଧନ ସିଙ୍ଗାପୁର ରିଫାଇନାରୀରୁ ଆଣୁଛି । ଦକ୍ଷିଣ କୋରିଆ ଓ ଜାପାନ ପାରସ୍ୟ ଉପସାଗରୀୟ ରାଷ୍ଟ୍ରରୁ ଅଶୋଧିତ ତୈଳକୁ ବିଶୋଧନ କରି ତୈଳ ସଙ୍କଟର ସମାଧାନ ଲାଗି ଉଦ୍ୟମ ଆରମ୍ଭ କରିଥିବା ଜଣାଯାଇଛି ।**

ତୈଳ ଦର ବୃଦ୍ଧି ପାଇବା ସଙ୍କଟକୁ ନେଇ ଭାରତ କେବଳ ନୁହେଁ, ସମଗ୍ର ବିଶ୍ୱ ମଧ୍ୟ ଚିନ୍ତିତ ଏବେ । ହରମଜ୍ ପ୍ରଣାଳୀ ଦେଇ ବିଭିନ୍ନ ରାଷ୍ଟ୍ରକୁ ଯେଉଁ ତୈଳ ଯୋଗାଣ ହୋଇଥାଏ, ତାହାର ପରିମାଣ ୨୦ ପ୍ରତିଶତ । ତାହା ବନ୍ଦ ହୋଇ ଯାଇଛି । ତଦ୍ଦ୍ୱାରା ବିଶ୍ୱ ଅର୍ଥନୀତି ମଧ୍ୟ ବାଧାପ୍ରାପ୍ତ ହୋଇଛି । ପାରସ୍ୟ ଉପସାଗରୀୟ ରାଷ୍ଟ୍ରଗୁଡ଼ିକ ତୈଳ ଉତ୍ପାଦନ ହ୍ରାସ କରିବାକୁ ବାଧ ହେଉଛନ୍ତି । ତୈଳ ଶକ୍ତିର ସଙ୍କଟ ଉପୁଜିଥିବାରୁ ଇରାକ ଓ କୁଏତ ପରି ରାଷ୍ଟ୍ରମାନେ କରତାରର ଅନୁସରଣ କରି ତୈଳ ଉତ୍ପାଦନ ବନ୍ଦ କରିବାର ଆଶଙ୍କା ସୃଷ୍ଟି ହେଲାଣି । ପଶ୍ଚିମ ଏସିଆରେ ତୁରନ୍ତ ଯୁଦ୍ଧ ବନ୍ଦ ପାଇଁ ଇସ୍ରାଏଲ ଓ ଆମେରିକା ଉଦ୍ୟମ କରିବାକୁ ବିଭିନ୍ନ ମହଲରୁ ଚାପ ପଡ଼ିଲାଣି । ତୈଳ ଶକ୍ତି ଆମଦାନୀ କରୁଥିବା ରାଷ୍ଟ୍ରଗୁଡ଼ିକ ଯେଉଁଠି ତୈଳ ଶକ୍ତି ମହଜୁଦ ରହିଛି, ସେଠାରୁ କିପରି ସେ ସବୁକୁ ବୃଦ୍ଧି ଖର୍ଚ୍ଚ କରି ଆଣି ପାରିବେ ସେ ନେଇ ଏବେ ଚିନ୍ତା ପ୍ରକଟ କଲେଣି । ଭାରତ ମଧ୍ୟ ଅନ୍ୟାନ୍ୟ ରାଷ୍ଟ୍ରଗୁଡ଼ିକ ପରି ବିଶୁଦ୍ଧ ପେଟ୍ରୋଲକୁ ଦରିଆପାରି ବିକ୍ରୟ ଜରିଆରେ ଦେଶ ଭିତରେ ପେଟ୍ରୋଲ ଦରକୁ ଅପରିବର୍ତ୍ତିତ ରଖିବାକୁ ଉଦ୍ୟମ ଆରମ୍ଭ କରିଛି । ବିଶୁଦ୍ଧ ପେଟ୍ରୋଲକୁ ମହଜୁଦ କରି ସର୍ବାଧିକ ଭାବେ ରଖିବା କ୍ଷେତ୍ରରେ ଚାଇନାର ଭୂମିକାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ମାତ୍ର ଚାଇନା ଏବେ ବିଶୁଦ୍ଧ ପେଟ୍ରୋଲକୁ ଅନ୍ୟତ୍ର ମହଜୁଦ ରଖୁଥିବା ସତ୍ତ୍ୱେ ତାହାର ରପ୍ତାନୀ ବନ୍ଦ ରଖିବାକୁ ଏବେ କହିଛି । ଅଷ୍ଟ୍ରେଲିଆ ତାହାର ସମସ୍ତ ପେଟ୍ରୋଲ, ଡିଜେଲ ଓ ଜେଟ୍‌ର ଇନ୍ଧନ ସିଙ୍ଗାପୁର ରିଫାଇନାରୀରୁ ଆଣୁଛି । ଦକ୍ଷିଣ କୋରିଆ ଓ ଜାପାନ ପାରସ୍ୟ ଉପସାଗରୀୟ ରାଷ୍ଟ୍ରରୁ ଅଶୋଧିତ ତୈଳକୁ ବିଶୋଧନ କରି ତୈଳ ସଙ୍କଟର ସମାଧାନ ଲାଗି ଉଦ୍ୟମ ଆରମ୍ଭ କରିଥିବା ଜଣାଯାଇଛି ।

**ଯାହା ପ୍ରେମଦ୍ୱାରା ଅର୍ଜିତ ତାହା ଚିରସ୍ଥାୟୀ । ଯାହା ଘୃଣାଦ୍ୱାରା ପ୍ରାପ୍ତ ତାହା ଜୀବନ ପ୍ରତି ଭୋର ସଦୃଶ, କାରଣ ତାହା ଘୃଣାକୁ ବୃଦ୍ଧି କରାଏ । ଘୃଣାର ହ୍ରାସ ଓ ପ୍ରେମର ବୃଦ୍ଧି ଘଟାଇବା ହିଁ ମାନବର କର୍ତ୍ତବ୍ୟ**

*(ମହାତ୍ମା ଗାନ୍ଧି)*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ଆଜିର ଅନୁଚିନ୍ତା :

# ଗଣତନ୍ତ୍ରରେ ଗଣ



**ରତ୍ନାକର ରାଉତ**

ଏକଛତ୍ରବାଦୀ,ସାମନ୍ତବାଦୀ ଓ ରାଜତନ୍ତ୍ର ପ୍ରଚଳିତ ଥିବା ଦେଶମାନଙ୍କୁ ଛାଡ଼ିଦେଲା ପରେ ସଂପ୍ରତି ସମଗ୍ର ପୃଥିବୀରେ ପ୍ରାୟତଃ ସବୁ ଗଣତାନ୍ତ୍ରିକ ଦେଶମାନଙ୍କରେ ଆପାତତଃ ଗଣଙ୍କର ଭୂମିକା ଗୌଣ । କେବଳ ନିଜ ନିଜର ନାଗରିକ ଅଧିକାର ନିର୍ଦ୍ଦିଷ୍ଟ କେତେ ବର୍ଷରେ ଥରେ ଭୋଟ ମାଧ୍ୟମରେ ସାବ୍ୟସ୍ତ କରିବା ଛଡ଼ା, ସେମାନଙ୍କ ସ୍ୱର ନିଜର ନ୍ୟାର୍ଯ୍ୟ ମୌଳିକ ନାଗରିକ ଅଧିକାର ହାସଲ କରିବା ପରିପ୍ରକ୍ଷୀରେ ଅତ୍ୟନ୍ତ କ୍ଷୀଣ ଓ ନିଷ୍ପ୍ରଭ । ଅନ୍ୟ ପକ୍ଷରେ ରାଜନୈତିକ ଦଳ ମାନଙ୍କର ସ୍ୱର କ୍ଷୀପ୍ର ଓ ପ୍ରବଳ । ଏହା ପଛରେ ଆପଣାର ଦଳୀୟ ସ୍ୱାର୍ଥ ଓ ଅଭିସନ୍ଧି ଆଶାତୀତ । ତଥାପି ପ୍ରତ୍ୟେକ ଜନଗଣ ସେହି ପ୍ରବଳ ସ୍ୱରର ସ୍ରୋତରେ ବିଲୀନ ଯାହା ଘୋର ଚିନ୍ତା ଜନକ ।

ପରିଣାମ ସ୍ୱରୂପ କ୍ଷମତା ଅଳିନ୍ଦର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଜଣେ ଅପରିଣାମଦର୍ଶୀ, କ୍ଷମତାଲୋଭୀ, ଖୁବ୍ ଉଚ୍ଚାଭିଳାଷୀ, ସ୍ୱାର୍ଥାନ୍ଧ, ଅହଂକାରୀ ବ୍ୟକ୍ତି ଦୁର୍ଭାଗ୍ୟବଶତଃ କୌଣସି କାରଣରୁ ଅବସ୍ଥାପିତ ହୋଇଗଲେ, ସେ ସୁଶୃଂଖଳିତ, ପ୍ରତିଷ୍ଠିତ ସମଗ୍ର ବ୍ୟବସ୍ଥାକୁ ଅବ୍ୟବସ୍ଥିତ, ବିଶୃଂଖଳିତ ଓ ଅସନ୍ତୁଳିତ କରିଦେଇପାରେ । ଯାହାର ଅନେକ ଉଦାହରଣ ଅନେକ ଦେଶରେ ଭିନ୍ନ ଭିନ୍ନ ସମୟରେ ଦେଖିବାକୁ ମିଳିଥାଏ ।

ନୂତନ ବ୍ୟବସ୍ଥା ପ୍ରଚଳନ କରିବା ଅପେକ୍ଷା ବିଗିଡ଼ିଯାଇଥିବା ପୁରୁଣା ବ୍ୟବସ୍ଥାକୁ ପୁନଃ ସଂସ୍ଥାପିତ କରିବା ଅତ୍ୟନ୍ତ କଠିନ ହୋଇଥାଏ । ଯାହାଫଳରେ ସେହି ଦେଶଟି ଏବେର ବିଶ୍ୱାୟନ ଓ ଜଗତିକରଣ ଯୁଗରେ କେତେ ଦଶନ୍ଧି ପଛକୁ ଚାଲିଯାଏ । କାରଣ କୌଣସି ବ୍ୟାପାରରେ ବର୍ତ୍ତମାନ ସ୍ଥାନୀୟ ପ୍ରିତିଯୋଗିତା ଅପେକ୍ଷା ସମଗ୍ର ବିଶ୍ୱ ସ୍ତରରେ ଓ ବିଶ୍ୱ ବଜାରରେ ପ୍ରତିଦ୍ୱନ୍ଦିତା ଅତି ଉତ୍କଟ ଓ ତୀବ୍ର । ତଦନୁସାରେ କୌଣସି ଦେଶ ନିଜକୁ ପ୍ରସ୍ତୁତ ନ କଲେ, ସେ ଦେଶ ଯେ ଏକ ଅନୁନ୍ନତ ଓ ଦରିଦ୍ର ଦେଶ ରୂପେ ଉଭା ହେବ, ଏହା ନିଃସନ୍ଦେହ । ତେଣୁ ପ୍ରତ୍ୟେକ ଗଣତାନ୍ତ୍ରିକ ଦେଶର ଉଚ୍ଚ ପଦରେ ଆସୀନ ବ୍ୟକ୍ତିବିଶେଷ ଲୋକାଭିମୁଖୀ ହୋଇ ଜନ ସଂପୃକ୍ତିରେ ଦେଶକୁ ବିକାଶମୁଖୀ କରିବା ଉଚିତ । ଶାସନ ବ୍ୟବସ୍ଥାରେ ବୃହତ ଜନସମାଜ ଅସଂପୃକ୍ତ ରହିଲେ ତାହା ଗୋଷ୍ଠୀତନ୍ତ୍ରରେ ପରିଣତ ହୋଇ ସଭିଙ୍କ ନିମନ୍ତେ ବିକାଶ ସ୍ଥାନରେ ବିନାଶର ପଥ ଉନ୍ମୁକ୍ତ କରିବ ।

**ସଂପ୍ରତି ପୃଥିବୀର ଭୟାବହ ସ୍ଥିତିକୁ ଦେଖିଲେ ବିଶ୍ୱ ଯେ ଦିନୁଦିନ ମୁଷ୍ଟିମେୟଙ୍କ ମର୍ଜି, ଅହଂକାର ଓ ମନମାନି ପାଇଁ ଧ୍ୱଂସ ଦିଗରେ ଦ୍ରୁତ ବେଗରେ ଆଗଉଛି ଏଥିରେ ସନ୍ଦେହର ଅବକାଶ ନାହିଁ । ଇତିହାସ କହେ ଯୁଦ୍ଧ କେବେ କାହାକୁ ସଂପୂର୍ଣ୍ଣ ବିଜୟ ଅବା ପରାଜୟ ଦିଏ ନାହିଁ । ଯୁଦ୍ଧରେ କେହି ଜିତେ ନାହିଁ କିମ୍ବା କେହି ହାରେ ନାହିଁ । ଉଭୟ ପକ୍ଷରୁ ମୃତାହତ ଓ ଅପୂରଣୀୟ କ୍ଷୟକ୍ଷତି ହୁଏ ।**

ସଂପ୍ରତି ପୃଥିବୀର ଭୟାବହ ସ୍ଥିତିକୁ ଦେଖିଲେ ବିଶ୍ୱ ଯେ ଦିନୁଦିନ ମୁଷ୍ଟିମେୟଙ୍କ ମର୍ଜି, ଅହଂକାର ଓ ମନମାନି ପାଇଁ ଧ୍ୱଂସ ଦିଗରେ ଦ୍ରୁତ ବେଗରେ ଆଗଉଛି ଏଥିରେ ସନ୍ଦେହର ଅବକାଶ ନାହିଁ । ଇତିହାସ କହେ ଯୁଦ୍ଧ କେବେ କାହାକୁ ସଂପୂର୍ଣ୍ଣ ବିଜୟ ଅବା ପରାଜୟ ଦିଏ ନାହିଁ । ଯୁଦ୍ଧରେ କେହି ଜିତେ ନାହିଁ କିମ୍ବା କେହି ହାରେ ନାହିଁ । ଉଭୟ ପକ୍ଷରୁ ମୃତାହତ ଓ ଅପୂରଣୀୟ କ୍ଷୟକ୍ଷତି ହୁଏ ।

ମାତ୍ର ଯୁଦ୍ଧରେ ଉଭୟ ପକ୍ଷ ମାନବତାର ହତ୍ୟା କରନ୍ତି । ଯୁଦ୍ଧର ବିଭୀଷିକାରେ କ୍ଷତିଗ୍ରସ୍ତ ହୁଅନ୍ତି ଓ ଜୀବନ ହାରନ୍ତି ନିରୀହ ସାଧାରଣ ମଣିଷମାନେ । ଫୁଲ ପରି କୋମଳ ନିର୍ଦ୍ଦୋଷ ନିରପରାଧ ନିରୀହ ଶିଶୁ ଯେଉଁମାନେ ଆସନ୍ତାକାଲିର ଭବଷ୍ୟତ ଏ ପୃଥିବୀର, ସେମାନଙ୍କୁ ମଧ୍ୟ ନୃଶଂସ ନିଷ୍ଠୁର ଭାବେ ହତ୍ୟା କରାଯାଏ । କିନ୍ତୁ ଏଭଳି ଶିଶୁସଂହାର ପରେ ମଧ୍ୟ ସମାନ୍ୟ ଅନୁତାପ ଏବଂ ପଶ୍ଚାତାପ ଦେଖିବାକୁ ମିଳେନି ସେହି ଯୁଦ୍ଧଘୋର ଅହଂକାରୀ ମାନବିକତାହୀନ ଅବିମୃଶ୍ୟକାରୀ ଆତତାୟୀମାନଙ୍କ ମନରେ ।

ମାନବ ସଭ୍ୟତାର ଇତିହାସରେ ଏହି ଏକବିଂଶ ଶତାବ୍ଦୀରେ ଆଉ କଣ ଅଧିକ ଜଘନ୍ୟ ଘୃଣ୍ୟ ନିଷ୍ଠୁର ଅପରାଧ ଲିପିବଦ୍ଧ ହେବାକୁ ବାକିଅଛି ? ଏମାନଙ୍କଠାରୁ ତ' ସମ୍ରାଟ ଅଶୋକ କେତେ ଉଦାର ଓ ମହାନ୍ ଥିଲେ । ପାଖାପାଖି ୨୩୦୦ ବର୍ଷ ପୂର୍ବରୁ, ଯିଏ କଳିଙ୍ଗ ଯୁଦ୍ଧର ଭୟାବହତା ଦେଖି ଏତେ ବିଚଳିତ, ବିବ୍ରତ ଓ ଦୁଃଖୀ ହୋଇଯାଇଥିଲେ ଯେ ସବୁଦିନ ପାଇଁ ଅସ୍ତ୍ର ତ୍ୟାଗ କରି ଆପଣେଇ ନେଲେ ବୌଦ୍ଧ ଧର୍ମ ଏବଂ ଉଦାତ୍ତ କଣ୍ଠରେ ଘୋଷଣା କଲେ, ତରବାରୀର ଜୟ ପ୍ରକୃତ ଜୟ ନୁହେଁ, ହୃଦୟକୁ ଜୟ କରିବାହିଁ ପ୍ରକୃତ ବିଜୟ । ଏହି ପରିପ୍ରକ୍ଷୀରେ ବିଶ୍ୱବିଜୟୀ ସମ୍ରାଟ ଆଲେକଜାଣ୍ଡାରଙ୍କ ମୃତ୍ୟୁ ପୂର୍ବରୁ କହିଯାଇଥିବା କଥା ମନେପଡ଼େ, ଯାହା ଅତି ସୁନ୍ଦର ଭାବେ ନିମ୍ନୋକ୍ତ ପଂକ୍ତିରେ କବି ବର୍ଣ୍ଣନା କରିଛନ୍ତି,

'ମଲାବେଳେ ବିଶ୍ୱ ବିଜୟୀ ସ୍କନ୍ଦର/ କି' କହିଥିଲେ ତା ମନେ ହେତୁ କର/ ପିଣ୍ଡରୁ ପରାଣ ଯିବ ଯେବେ ଛାଡ଼ି/ କୋକେଇରେ ମୋତେ ନେବ ଯେବେ କାଢ଼ି/ ତହିଁରେ ଦେବ ମୋ ଶବକୁ ଶୁଆଇ/ ବେନି କର ବେନି ପାଖକୁ ଝୁଲେଇ/ ଯା ଦେଖି ଜଗତେ ଜାଣିବେ ସମସ୍ତେ/ ଆସିଥିଲି ଶୂନ୍ୟ ଗଲି ଶୂନ୍ୟ ହସ୍ତେ ।'

୨୦୧୧ ମସିହାରେ ଇହଲୀଳା ସମ୍ବରଣ କରିଥିବା ଆପଲ ବ୍ରାଣ୍ଡର ପ୍ରତିଷ୍ଠାତା ଷ୍ଟିଭ୍ ଜବସ୍ ପାନକ୍ରିଆଟିକ୍ କ୍ୟାନସରରେ ପୀଡ଼ିତ ହୋଇ ଦେହତ୍ୟାଗ କରିବାର କିଛି ଦିନ ପୂର୍ବରୁ ଯାହା କହିଥିଲେ ତାହା ବିଶ୍ୱର ସମସ୍ତ ବିତ୍ତଶାଳୀ, ଧନୀକ, କ୍ଷମତାଶାଳୀ, ପ୍ରତିଷ୍ଠିତ ଓ ପ୍ରଭାବଶାଳୀ ଲୋକମାନଂକର ଦୃଷ୍ଟି ଆକର୍ଷଣ କରିବା ଉଚିତ । ତାଙ୍କ ଅନୁଭୂତିର ଅଭିବ୍ୟକ୍ତି ଥିଲା ଠିକ୍ ଏହିପରି, At this moment , lying on the bed, sick and remembering all my life, I realise that all my recognition and wealth that I have is meaningless in the face of imminent death. You can hire someone to drive a car for you but you cannot rent someone to carry the disease for you.

ଇତିହାସରୁ କଣ କିଛି ଶିକ୍ଷା କରନ୍ତି ନାହିଁ ଆଜିର ଏହି ତଥାକଥିତ ଗଣତନ୍ତ୍ରର ସଂସ୍ଥାପକ, ପ୍ରବକ୍ତା ଓ ସୁରକ୍ଷା କରିବାର ଦାୟିତ୍ୱ ମୁଣ୍ଡେଇବାର ଅଭିନୟ କରୁଥିବା ଶାସକ ଗଣ ।

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ଅବସରପ୍ରାପ୍ତ ଅଧିକାରୀ ଓ ସୁଲେଖକ)**
**ପ୍ଲଟ ନମ୍ବର -୭୬୭(ପାର୍ଟ)**
**ଜୟଦୁର୍ଗା ନଗର,ଭୁବନେଶ୍ୱର,**
**ପିନ୍-୭୫୧୦୦୬,**
**ମୋ- ୯୪୩୭୩୮୨୨୮୧**

# ସମସ୍ୟାର ନାମ କାନବିନ୍ଧା

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

କାନ ବିନ୍ଧାର କାରଣ ସମ୍ପର୍କରେ ଆମେ ପୂର୍ବରୁ ଅନେକ ଥର ଆଲୋଚନା କରିଛୁ । ବିଭିନ୍ନ କାରଣରୁ କାନବିନ୍ଧା ହୋଇଥାଏ । ତେଣୁ ପ୍ରଥମେ ଇଏନଟି ବିଶେଷଜ୍ଞଙ୍କ ପରାମର୍ଶକ୍ରମେ କାନବିନ୍ଧାର କାରଣ ଖୋଜିବା ଜରୁରୀ । ଫଳରେ ଚିକିତ୍ସା ସହଜ ହେବ । ଅନେକ ସମୟରେ ଦାନ୍ତବିନ୍ଧା ଅବା ଟନସିଲ ସମସ୍ୟାରୁ ମଧ୍ୟ କାନବିନ୍ଧା ହୋଇଥାଏ ।

ନିକଟରେ ମୁଁ ଜଣଙ୍କୁ ସାମ୍ନା କରିଥିଲି ଯାହାଙ୍କ ବୟସ ୪୬ ବର୍ଷ, ତାଙ୍କର ମାଇଗ୍ରେନ୍ ସମସ୍ୟା ରହିଛି । କିନ୍ତୁ ପ୍ରାୟ ଛଅ ମାସରୁ ଅଧିକ ହେବ ଏବେ କାନ ଯନ୍ତ୍ରଣା ହେଉଛି । ବେଳେ ବେଳେ ରାତି ଅଧରେ କାନବିନ୍ଧା ଅତି ଜୋର ହେବାରୁ ନିଦ ଭାଙ୍ଗିଯାଉଛି । କିଛି ବିପଦର ଲକ୍ଷଣ ନାହିଁ ତ ବୋଲି ସେ ମୋତେ ବଡ଼ ଉଦ୍‌ବେଗର ସହ ପ୍ରଶ୍ନ କରିଥିଲେ । ମୁଁ ତାଙ୍କୁ ଆଶ୍ୱସ୍ତ କରି କହିଲି ଯେ ଏହାକୁ ସେପରି ଏକ ବଡ଼ ରୋଗ, ଯନ୍ତ୍ରଣା ବୋଲି ଭାବନ୍ତୁ ନାହିଁ ।

ସାଧାରଣତଃ ମାଇଗ୍ରେନ ଯୋଗୁଁ କାନ ବିନ୍ଧା ହେବା ଖୁବ୍ ବିରଳ । ରାତିରେ ଖୁବ ଜୋରରେ କାନବିନ୍ଧା ହେବାର କାରଣ ଅନେକ କିଛି ହୋଇ ଥାଇପାରେ । ଯେପରିକି ଦାନ୍ତବିନ୍ଧା ଓ ଦାନ୍ତ ଖରାପ ଥିଲେ ବି କାନ ବିନ୍ଧା ହୋଇପାରେ । ସେହିପରି ଟନସିଲ ସମସ୍ୟା ଥିଲେ ବି ଦାନ୍ତବିନ୍ଧା ହେବାର ଆଶଙ୍କା ଥାଏ । କିନ୍ତୁ ମାଇଗ୍ରେନ ଯୋଗୁଁ ପ୍ରାୟତଃ ହୁଏନାହିଁ । ତେଣୁ ଆପଣ ଡେରି ନକରି ତୁରନ୍ତ କୌଣସି ଇଏନଟି ବିଶେଷଜ୍ଞଙ୍କ ସହ ପରାମର୍ଶ କରାଇ ନେବା ଉଚିତ ।

ସେହିପରି ଅନ୍ୟଜଣେ ଭଦ୍ରଲୋକଙ୍କର କହିବାକଥା ହେଲା ଯଦିଓ ମୋର କାନବିନ୍ଧା ସମସ୍ୟା ନାହିଁ । କିନ୍ତୁ ପ୍ରାୟ ଦେଢ଼ ବର୍ଷରୁ ଅଧିକ ହେବ କାନର ଏକ ଅଦ୍ଭୁତ ସମସ୍ୟା ଦେଖିବାକୁ ମିଳିଛି । କାନ ପାଖରେ ଅଜବ ଶବ୍ଦ ଶୁଣାଯାଉଛି । ବେଳେ ବେଳେ ଲଗାତାର ଭାବେ ଶୁଭୁଛି । ନିସ୍ତବ୍ଧ ଘରେ ଶବ୍ଦ ଅଧିକ ଶୁଣାଯାଉଥିବାରୁ ବିରକ୍ତିକର ମନେ ହେଉଛି । ମୁଁ ତାଙ୍କୁ ଇଏନଟିର ଚିକିତ୍ସା ବ୍ୟବସ୍ଥା ଅନୁଯାୟୀ ସର୍ବପ୍ରଥମେ ଏହା ଏକ ବଡ଼ ରୋଗ ନୁହେଁ ବୋଲି ସାନ୍ତ୍ୱନା ଦେଲି । ଆମ୍ଭମାନଙ୍କର ଶରୀରର ତତ୍ତ୍ୱ ଯାହା, କାନରେ ଅଜବ ପ୍ରକାରର ଶବ୍ଦ ହେବାକୁ ଡାକ୍ତରୀ ଭାଷାରେ 'ଟିନିଟସ' କୁହାଯାଏ ।

ଏହା ଦୁଇ ପ୍ରକାରର ହୋଇପାରେ । ଯେପରି କି ହିଅରିଂ ଲସ ସହ ଟିନିଟସ ଦେଖା ଦେଇପାରେ ଯାହା ବୟସଜନିତ ଅଧିକ ବୟସ ହେବା ପରେ ହିଅରିଂ ଲସ ପୂର୍ବରୁ ଟିନିଟସ ସମସ୍ୟା ଦେଖା ଦେଇଥାଏ । ଏହା ବ୍ୟତୀତ ଅନ୍ୟ କେତେକ ରୋଗ ସହ ମଧ୍ୟ ଟିନିଟସ ଦେଖା ଦେଇଥାଏ । ଯେପରିକି ଭର୍ଟିଗୋରେ ମଧ୍ୟ ମୁଣ୍ଡ ବୁଲାଇବା ସହ କାନରେ ସଁ ସଁ ଶବ୍ଦ ଶୁଣାଯାଇଥାଏ । ତେଣୁ ପ୍ରଥମେ ଟିନିଟସ କାରଣ ଖୋଜିବାକୁ ପଡ଼ିବ । ଅନେକ କ୍ଷେତ୍ରରେ ଏହାର କୌଣସି ବାସ୍ତବ କାରଣ ମିଳିନଥାଏ । ଏହାର ଅନେକ ପ୍ରକାରର ଚିକିତ୍ସା ରହିଛି । ଏହାର ଚିକିତ୍ସା ପାଇଁ ଔଷଧ ବ୍ୟତୀତ ଟିନିଟସ ରିଟର୍ନିଂ ଥେରାପି ମଧ୍ୟ ଦିଆଯାଏ । ଯାହା ମୁଖ୍ୟତଃ ଅଡିଓଲୋଜିଷ୍ଟମାନଙ୍କ ଦ୍ୱାରା କରାଯାଇଥାଏ । ଟିନିଟସର ସମସ୍ୟା ଅତିରିକ୍ତ ହୋଇଥିଲେ ଟିନିଟସ ମାସ୍କରର ସହଯୋଗ ନେଇପାରିବେ ।

**ସାଧାରଣତଃ ମାଇଗ୍ରେନ ଯୋଗୁଁ କାନ ବିନ୍ଧା ହେବା ଖୁବ୍ ବିରଳ । ରାତିରେ ଖୁବ ଜୋରରେ କାନବିନ୍ଧା ହେବାର କାରଣ ଅନେକ କିଛି ହୋଇ ଥାଇପାରେ । ଯେପରିକି ଦାନ୍ତବିନ୍ଧା ଓ ଦାନ୍ତ ଖରାପ ଥିଲେ ବି କାନ ବିନ୍ଧା ହୋଇପାରେ । ସେହିପରି ଟନସିଲ ସମସ୍ୟା ଥିଲେ ବି ଦାନ୍ତବିନ୍ଧା ହେବାର ଆଶଙ୍କା ଥାଏ । କିନ୍ତୁ ମାଇଗ୍ରେନ ଯୋଗୁଁ ପ୍ରାୟତଃ ହୁଏନାହିଁ ।**

ମୋ ପଡ଼ୋଶୀ ଜଣେ ପରାମର୍ଶ ନେବା ଢ଼ଙ୍ଗରେ ପଚାରିଲେ ମୋ ଝିଅର ବୟସ ଚାରି ବର୍ଷ । ଏବେ ଲୋୟର ନର୍ସରୀରେ ପଢୁଛି । ତାକୁ ଥଣ୍ଡା ହେଲା ମାତ୍ରକେ କହୁଛି କାନ ବିନ୍ଧୁଛି । ସକାଳୁ କାନ ବିନ୍ଧୁଥିବା କହିବାରୁ ମୁଁ ଭାବିଲି ସ୍କୁଲ ନ ଯିବାର ବାହାନା । କିନ୍ତୁ ଟର୍ଚ୍ଚ ଲାଇଟରେ ଦେଖିଲି ତା' କାନ ଭିତରେ ଲାଲ ହୋଇଯିବ ଭଳି ଦେଖାଯାଉଛି । ତା ହେଲେ ଏ କ୍ଷେତ୍ରରେ ସେ କ'ଣ କରିବେ ବୋଲି ମୋ ପରାମର୍ଶ ଚାହିଁଲେ । ମୁଁ ତାଙ୍କୁ ବର୍ତ୍ତମାନର ପାଣିପାଗର ଅସ୍ୱାଭାବିକତା ସମ୍ପର୍କରେ ଜଣାଇବା ସହ ତାଙ୍କୁ କହିଲି ଚାରି ବର୍ଷ ପିଲାର ଯଦି ବାରମ୍ବାର କାନ ବିନ୍ଧୁଛି ତେବେ ଏହାର ପ୍ରମୁଖ କାରଣ ଥଣ୍ଡା ଓ ନାକ ବନ୍ଦ ଯୋଗୁ ହୋଇଥାଏ । ନାକ ବନ୍ଦ ହେବାର ମୁଖ୍ୟ କାରଣ ପ୍ରାୟ ଛୋଟ ପିଲାଙ୍କର ଟନସିଲ ଆଡ଼ାନାକ୍ ସମସ୍ୟା ରହିଥାଏ । ଫଳରେ ମଧ୍ୟ କାନରେ ଏକ ନକାରାତ୍ମକ ଚାପ ସୃଷ୍ଟି ହୁଏ । ଏହି ନକାରାତ୍ମକ ଚାପ ଦ୍ୱାରା କାନ ପରଦାଟି ଜୋରରେ ପଛକୁ ଟାଣି ହୋଇଥାଏ । ତା'ଦ୍ୱାରା କାନବିନ୍ଧା ହୁଏ । ବେଳେ ବେଳେ ପିଲାଙ୍କ ମଧ୍ୟ କାନରେ ଆଡାନାକ ସମସ୍ୟା ଯୋଗୁଁ ପାଣି ଜମା ହୋଇ ରହେ । ଏହି କାରଣରୁ ମଧ୍ୟ କାନବିନ୍ଧା ହୋଇପାରେ ।

ଆମ ଘର ପାଖ ସନିଆ ମଉସାଙ୍କ ବୟସ ପଚାଶରୁ ଊର୍ଦ୍ଧ୍ୱ । ମୋ ଜାଣିବାରେ ତାଙ୍କୁ କୋଡିଏରୁ ତିରିଶ ବର୍ଷ ହେବ । ତାଙ୍କର କୌଣସି ଶ୍ରବଣଜନିତ ସମସ୍ୟା ନାହିଁ କିନ୍ତୁ ଏବେ ତାଙ୍କର ବାମ ପଟ କାନବିନ୍ଧା ହେବା ସହିତ ସେହି କାନକୁ ଠିକ ଭାବରେ ଶୁଣାଯାଉନି । ତାଙ୍କୁ ବଡ଼ ଅସ୍ୱସ୍ତିକର ଲାଗୁଛି ବୋଲି ମୋତେ ଜଣାଇଲେ। ମୁଁ ତାଙ୍କୁ ସର୍ବପ୍ରଥମେ ପରିଣତ ବୟସ ଆଡ଼କୁ ଯାଉଥିବାରୁ ତାଙ୍କୁ ଅଧୈର୍ଯ୍ୟ ନହୋଇ ବୁଝାଇ କହିଲି କାନକୁ ଶୁଣା ନ ଯିବା ସହ କାନବିନ୍ଧା ହେବା ଭଳି ସମସ୍ୟା ସାଧାରଣତଃ ଦେଖିବାକୁ ମିଳି ନଥାଏ । ଯଦି ପଚାଶ ବର୍ଷ ବୟସରେ କାନବିନ୍ଧା ସହ ଶୁଣାଯାଉ ନାହିଁ, ତେବେ କାନର ବାହ୍ୟଭାଗକୁ ପ୍ରଥମେ ପରୀକ୍ଷା କରିବା ଜରୁରୀ ।

ହୁଏତ ସେଠାରେ ମଇଳା ରହିଛି କିମ୍ବା କାନ ଭିତର ଫୁଲିଯିବା ଦ୍ୱାରା ମଧ୍ୟ କାନକୁ ଶୁଣାଯାଇ ନଥାଏ । କାରଣ ଏହି ସମସ୍ୟାରେ କଥାର ସ୍ୱର କାନ ଭିତରେ ଥିବା ଡ୍ରମ ପାଖରେ ପହଞ୍ଚିପାରେ ନାହିଁ । ଏହା କୌଣସି ବଡ଼ ସମସ୍ୟା ନୁହେଁ ତଥାପି ନିକଟସ୍ଥ ଯେ କୌଣସି ଇଏନଟି ବିଶେଷଜ୍ଞଙ୍କ ସହ ପରାମର୍ଶ କରାଇ ନେବା ଉଚିତ ହେବ ।

ଉପରୋକ୍ତ ଚାରୋଟି ଘଟଣା ମୋ ଅଙ୍ଗେ ନିଭା କଥା, ଅନେକ କଥାରେ ଲୋକମାନଙ୍କ ଭିତରେ ଅଧୈର୍ଯ୍ୟପଣ ଓ ଡାକ୍ତରୀ ପରାମର୍ଶ ନକରି ସୋସିଆଲ ମିଡ଼ିଆକୁ ବଡ଼ ପରାମର୍ଶଦାତା ଭାବେ ବିଚାର କରି ଚିକିତ୍ସା ପଦ୍ଧତି ଆରମ୍ଭ କରିଦେଉଥିବାରୁ ସମସ୍ୟା ପରବର୍ତ୍ତୀ ସମୟରେ ଜଟିଳ ରୂପ ନେଉଛି । ତେଣୁ ଏ କ୍ଷେତ୍ରରେ ଇଏନଟି ବିଶେଷଜ୍ଞ ଓ ବାକ୍ ଶ୍ରବଣ ବିଶେଷଜ୍ଞଙ୍କ ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ ।

**ବାକ୍‌ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, କଟକ, ମୋ-୯୪୩୮୨୭୬୭୬୦**

# ଅହଂକାର

**ମନୋଜ କୁମାର ବେହେରା**

ବ୍ୟକ୍ତିତ୍ୱ ବିକାଶର ସବୁଠୁ ବଡ ଅବରୋଧ ହେଲା ଅହଂକାର । ମନୁଷ୍ୟ ସ୍ୱଭାବରେ ମହତ୍ତ୍ୱକାଂକ୍ଷୀ ଅଟେ । ସେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଆଗକୁ ବଢିବାକୁ ଚାହିଁଥାଏ । ସମ୍ମାନ, ପ୍ରତିଷ୍ଠା ଆଉ ସଫଳତାର ଉଚ୍ଚକୁ ଛୁଇଁବାର ଆକାଂକ୍ଷା ରଖିଥାଏ । ଏହି ଆକାଂକ୍ଷା ନା' ତ ଭୂଲ୍ ଅଟେ ନା'ହିଁ ଅନୁଚିତ । କିନ୍ତୁ ଯେତେବେଳେ ଏହି ଆକାଂକ୍ଷା ଅହଂକାର ରୂପ ନେଇଥାଏ, ସେତେବେଳେ ଏହା ଉନ୍ନତିର ମାର୍ଗରେ ସବୁଠୁ ବଡ ବାଧା ପାଲଟିଯାଏ ।

ଅହଂକାର ଏମିତି ତତ୍ତ୍ୱ ଅଟେ, ଯିଏ ମନୁଷ୍ୟକୁ ଭିତରେ ଭିତରେ ଖୋଳପା କରିଦିଏ । ଆଉ ବାହାରେ ତାକୁ ଶକ୍ତିଶାଳୀ ହେବାର ଭ୍ରମ ଦେଇଥାଏ । ବାସ୍ତବରେ ଏହି ଭ୍ରମ ତା'ର ପତନର କାରଣ ହୋଇଥାଏ । ଜୀବନ-ବିକାଶର ଇତିହାସ ସାକ୍ଷୀ ଅଟେ କି ଯିଏ ଅହଂକାରକୁ ଆପଣେଇଲା ସେ ଶୀଘ୍ର କିମ୍ବା ଡେରିରେ ତଳକୁ ପଡିଥାଏ ଆଉ ଯିଏ ବିନମ୍ରତାକୁ ଆପଣାଏ, ସେ ସ୍ଥାୟୀ ସମ୍ମାନ ଆଉ ଯଶ ପ୍ରାପ୍ତ କରିଥାଏ । ଅହଂକାରକୁ ଜଣେ ବିଚାରକ ଆଲପିନ୍‌ର ଉପମା ଦେଇଛନ୍ତି ।

ଆଲପିନ୍‌କୁ କାଗଜରେ ପ୍ରବେଶ କରାଯାଏ, କିନ୍ତୁ ତା'ର ବଡ ମୁଣ୍ଡ ତାକୁ ଆଗକୁ ବଢିବାରେ ଅଟକେଇ ଦେଇଥାଏ । ଠିକ୍ ସେହି ସ୍ଥିତି ଅହଂକାରୀ ବ୍ୟକ୍ତିର ହୋଇଥାଏ । ସେ କିଛି ସୀମା ପର୍ଯ୍ୟନ୍ତ ଆଗକୁ ବଢିଥାଏ, କିନ୍ତୁ ତାହାର ଅହଂ ତାକୁ ଆଗକୁ ଯିବାକୁ ଦିଏ ନାହିଁ । ଅହଂକାର ମନୁଷ୍ୟର ବୁଦ୍ଧିକୁ ସୀମିତ କରିଦିଏ, ତାହାର ଦୃଷ୍ଟିକୁ ସଂକୀର୍ଣ୍ଣ କରିଦିଏ ଆଉ ତାକୁ ଆତ୍ମମୁଗ୍ଧତାର ଅନ୍ଧକାରରେ ଠେଲି ଦେଇଥାଏ । ଏହାର ବିପରୀତ ଯେଉଁ ବ୍ୟକ୍ତି ମାନ-ଅଭିମାନ ଠାରୁ ଦୂରରେ ରହିଥାଏ, ସେ ଶାନ୍ତ ଭାବରେ ନିରନ୍ତର ଆଗକୁ ବଢି ଚାଲିଥାଏ ।

ଜୈନ ଆଗମ ଗ୍ରନ୍ଥ ଭଗବତୀ ଆରାଧନାରେ କୁହାଯାଇଛି କି 'ନିରଭିମାନୀମନୁଷ୍ୟ ଜନ-ଜନକୁ ପ୍ରିୟ ଲାଗିଥାଏ ଆଉ ସେହି ଜ୍ଞାନ,ଯଶ ତଥା ଧନ ପ୍ରାପ୍ତ କରି ନିଜର କାର୍ଯ୍ୟକୁ ସିଦ୍ଧ କରିଥାଏ' । ଏହି କଥା କେବଳ ଧାର୍ମିକ ଉପଦେଶ ନୁହେଁ, ଏହା ଜୀବନର ବ୍ୟାବହାରିକ ସତ୍ୟ ଅଟେ । ଅହଂକାର କେବଳ ଦୋଷ ନୁହେଁ,ଏହା ଅନେକ କଷାୟର ମୂଳ ଅଟେ । ବିଶେଷ ରୂପରେ କ୍ରୋଧର ଜନ୍ମ ଅହଂକାରରୁ ହିଁ ହୋଇଥାଏ । ଯେପର୍ଯ୍ୟନ୍ତ ମନୁଷ୍ୟର ଭିତରେ 'ମୁଁ'ରଭାବନା ପ୍ରବଳ ରହିଥାଏ, ସେ ପର୍ଯ୍ୟନ୍ତ ଛୋଟ-ଛୋଟ କଥାର ଉପରେ କ୍ଷତ ଲାଗିଥାଏ ।

**ଆଲପିନ୍‌କୁ କାଗଜରେ ପ୍ରବେଶ କରାଯାଏ, କିନ୍ତୁ ତା'ର ବଡ ମୁଣ୍ଡ ତାକୁ ଆଗକୁ ବଢିବାରେ ଅଟକେଇ ଦେଇଥାଏ । ଠିକ୍ ସେହି ସ୍ଥିତି ଅହଂକାରୀ ବ୍ୟକ୍ତିର ହୋଇଥାଏ । ସେ କିଛି ସୀମା ପର୍ଯ୍ୟନ୍ତ ଆଗକୁ ବଢିଥାଏ, କିନ୍ତୁ ତାହାର ଅହଂ ତାକୁ ଆଗକୁ ଯିବାକୁ ଦିଏ ନାହିଁ ।**

ପ୍ରତ୍ୟେକ କଥା ତାକୁ ନିଜର ଅସ୍ତିତ୍ୱ ଉପରେ ଆଘାତ ଭଳି ଲାଗିଥାଏ । ଗୋଟିଏ ରୋଚକ କଥାରେ ଫୁଟବଲ୍‌କୁ ପଚରାଗଲା ଦୁନିଆ ତୁମକୁ ପଦାଘାତ କାହିଁକି କରିଥାଏ । ଫୁଟବଲ୍ ଉତ୍ତର ଦେଲା କି ତା'ର ଭିତରେ ଅହଂକାରର ପବନ ଭରିକି ଅଛି ଆଉ ସେହି ପବନ ତାକୁ ପଦାଘାତରେ ଖେଳେଇ ଥାଏ । ଯେତେବେଳେ ସେହି ପବନ ବାହାରି ଯାଏ, ସେତେବେଳେ ସେହି ଫୁଟବଲ୍ ଗୋଡରେ ପଦାଘାତ କରିବା ବଦଳରେ ହାତରେ ଉଠା ଯାଇଥାଏ । ଏହି କଥା ଗଭୀର ଜୀବନ ସତ୍ୟକୁ ପ୍ରକଟ କରିଥାଏ । ଅହଂକାର ଯେପର୍ଯ୍ୟନ୍ତ ଭିତରେ ଭରି ରହିଥାଏ, ସେପର୍ଯ୍ୟନ୍ତ ମନୁଷ୍ୟକୁ ସମାଜର ପଦାଘାତ ଖାଇବାକୁ ପଡିଥାଏ ।

**ପ୍ଲଟ ନମ୍ବର-୨୧୭/ପି,**
**ବାୟାବାବା ମଠ ଲେନ୍,**
**ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨**
**ମୋ-୭୯୭୮୮୩୦୬୧୧**

# ଆପୋଲୋ ହସ୍ପିଟାଲ୍ସ ଭୁବନେଶ୍ୱରରେ ବିଶ୍ୱ କିଡନୀ ଦିବସ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ଆପୋଲୋ ହସ୍ପିଟାଲ୍ସ ପରିସରରେ ବିଶ୍ୱ କିଡନୀ ଦିବସ ପାଳିତ ହୋଇଯାଇଛି । ଏ ଅବସରରେ କିଡନୀ ସ୍ୱାସ୍ଥ୍ୟର ଗୁରୁତ୍ୱ ଏବଂ କିଡନୀ ରୋଗର ପ୍ରାରମ୍ଭିକ ଚିହ୍ନଟ ଉପରେ ଏକ ସଚେତନତା




କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । କାର୍ଯ୍ୟକ୍ରମରେ ଯୋଗଦେଇ ହସ୍ପିଟାଲର ମୁଖ୍ୟ ପରିଚାଳନା ଅଧିକାରୀ ଡ. ଆଲୋକ ଶ୍ରୀବାସ୍ତବ କହିଛନ୍ତି, ମଧୁମେହ, ଉଚ୍ଚ ରକ୍ତଚାପ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ଅଭ୍ୟାସ ଭଳି ଜୀବନଶୈଳୀ ବ୍ୟାଧି ଯୋଗୁଁ ବୃକକ୍ ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ବିଶ୍ୱ ବୃକକ ଦିବସରେ, ଆମେ ପ୍ରତିରୋଧ, ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ସମୟୋଚିତ ଚିକିତ୍ସା ବିଷୟରେ ସଚେତନତା କରିଥିଲେ । ହସ୍ପିଟାଲ ଉନ୍ନତ ନେଫ୍ରୋଲୋଜି ସେବା, ଡାଏଲିସିସିସେବା ଏବଂ ବୃକକ ପ୍ରତିରୋପଣ ସୁବିଧା ବିଷୟରେ ସେ ଅବଗତ କରାଇଥିଲେ । ନେଫ୍ରୋଲୋଜିର ମୁଖ୍ୟ ପରାମର୍ଶଦାତା ଏବଂ ନିର୍ଦ୍ଦେଶକ ଡ. ନିଶିଥ କୁମାର ମହାନ୍ତି ଯୋଗଦେଇ ପ୍ରାରମ୍ଭିକ ସ୍କ୍ରିନିଂର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । କିଡନୀ ରୋଗ ପ୍ରାୟତଃ ପ୍ରାରମ୍ଭିକ ପର୍ଯ୍ୟାୟରେ ଜଣାପଡିନଥାଏ । ବିଶେଷକରି ମଧୁମେହ କିମ୍ବା ଉଚ୍ଚ ରକ୍ତଚାପଥିବା ରୋଗୀଙ୍କ ପାଇଁ ପ୍ରାରମ୍ଭିକ ଚିହ୍ନଟ ଏବଂ ଉତ୍ତମ ପରିଚାଳନା ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନେଫ୍ରୋଲୋଜିଷ୍ଟ ଡ. ପୂର୍ଣ୍ଣଚନ୍ଦ୍ର କର କହିଛନ୍ତି ପ୍ରତିରୋଧକ ଜୀବନ ଶୈଳୀ ଅଭ୍ୟାସ ଉପରେ ଆଲୋକପାତ କରିଥିଲେ । ସେ ପର୍ଯ୍ୟାପ୍ତ ଜଳୀୟ ଅଂଶ ବଜାୟ ରଖିବା, ଲୁଣ ଗ୍ରହଣ ହ୍ରାସ କରିବା, ରକ୍ତ ଶର୍କରା ଏବଂ ରକ୍ତଚାପ ନିୟନ୍ତ୍ରଣ କରିବା ସହିତ ଯନ୍ତ୍ରଣା ନିବାରକ ଔଷଧର ଅନାବଶ୍ୟକ ବ୍ୟବହାର ଏଡାଇବା ବୃକକ କ୍ଷତିର ଆଶଙ୍କାକୁ ଯଥେଷ୍ଟ ହ୍ରାସ କରିପାରିବ । ନେଫ୍ରୋଲୋଜିଷ୍ଟ ଡ. କୁମାର ଅଭିଜିତ ଦାଶ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ । ଆପୋଲୋ ହସ୍ପିଟାଲ୍ସ ସୁସ୍ଥ ଜୀବନଶୈଳୀ ଏବଂ ନିୟମିତ ଡାକ୍ତରୀ ଯାଞ୍ଚ କରି କିଡନୀକୁ ସୁସ୍ଥ ରଖିବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ଏଥିରେ ବହୁ ସଂଖ୍ୟାରେ ଡାକ୍ତର, ନର୍ସ, ହସପିଟାଲ କର୍ମଚାରୀ, ରୋଗୀ ଓ ଜନସାଧାରଣ ଉପସ୍ଥିତ ଥିଲେ ।

### ଏସ୍ଏଣ୍ଡପିର ସଷ୍ଟେନେବିଲିଟି ଇୟରବୁକ୍ ୨୦୨୬ରେ

# ବିଶ୍ୱସ୍ତରିୟ କମ୍ପାନୀର ଶୀର୍ଷ ୧୦%ରେ ପ୍ରବେଶ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଏସଏଣ୍ଡପି ଗ୍ଲୋବାଲ୍ ସଷ୍ଟେନେବିଲିଟି ଇୟରବୁକ୍ ୨୦୨୬ ରେ ବିଶ୍ୱ କମ୍ପାନୀର ଶୀର୍ଷ ୧୦% ମଧ୍ୟରେ ସ୍ଥାନ ପାଇଛି, ଯାହାକି ଏକ ଦୃଢ଼ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଣ୍ଟ ସ୍କୋର ୮୪/୧୦୦ ଦ୍ୱାରା ସମର୍ଥିତ ଅଟେ। ଏହା ଆଲୁମିନିୟମ ଶିଳ୍ପରେ କମ୍ପାନୀର ପ୍ରଥମ ଶ୍ରେଷ୍ଠ ୧୦% ଭିନ୍ନତା ଏବଂ ଏସଏଣ୍ଡପି ଗ୍ଲୋବାଲ୍ ସିଏସଏ ୨୦୨୫ ରେ ଏହାର ଦ୍ୱିତୀୟ ବିଶ୍ୱ ର୍‍ୟାଙ୍କ ଅନୁସରଣ କରିବା ସହିତ ଲଗାତାର ତୃତୀୟ ବର୍ଷ ପାଇଁ ଏହାକୁ ହାସଲ କରାଯାଇଛି। ମୂଲ୍ୟାୟନ ଚକ୍ରରେ, ୫୯ ଶିଳ୍ପର ୯,୨୦୦ ରୁ ଅଧିକ କମ୍ପାନୀ ମୂଲ୍ୟାଙ୍କନ କରାଯାଇଥିଲା, ଯାହା ମଧ୍ୟରୁ କେବଳ ୮୪୮ ଟି ଇୟରବୁକ୍ ସଦସ୍ୟ ଭାବରେ ଯୋଗ୍ୟତା ହାସଲ କରିଥିଲା। ଶ୍ରେଷ୍ଠ ୧୦% ମାନ୍ୟତା ଏକ ଚୟନିତ ଗୋଷ୍ଠୀକୁ ପ୍ରଦାନ କରାଯାଏ ଯାହା ସେମାନଙ୍କ କ୍ଷେତ୍ରରେ ବିଶ୍ୱସ୍ତରୀୟ ସହକର୍ମୀଙ୍କ ତୁଳନାରେ ଉତ୍କୃଷ୍ଟ ସ୍ଥାୟୀତ୍ୱ ପ୍ରଦର୍ଶନ ପ୍ରଦର୍ଶନ କରେ।

ସ୍ଥାୟୀତ୍ୱ ଇୟରବୁକ୍ ଏସଏଣ୍ଡପି



ଗ୍ଲୋବାଲର କଠୋର କର୍ପୋରେଟ୍ ସ୍ଥାୟୀତ୍ୱ ମୂଲ୍ୟାଙ୍କନ ଉପରେ ଆଧାରିତ, ଯାହା ବିଶ୍ୱର ସବୁଠାରୁ ବ୍ୟାପକ ଇଏସଜି ବେଂଚମାର୍କିଂ ପଦ୍ଧତି ମଧ୍ୟରୁ ଅନ୍ୟତମ। ଏହି ମୂଲ୍ୟାୟନ ପରିବେଶଗତ, ସାମାଜିକ ଏବଂ ଶାସନ ମାନଦଣ୍ଡର ଏକ ବିସ୍ତୃତ ସ୍ପେକ୍ଟ୍ରମ୍ ଉପରେ କମ୍ପାନୀଗୁଡ଼ିକର ମୂଲ୍ୟାଙ୍କନ କରେ, ଯେଉଁଥିରେ ଜଳବାୟୁ କାର୍ଯ୍ୟ, ସ୍ୱଚ୍ଛତା, ବିପଦ ପରିଚାଳନା ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବସାୟିକ ଆଚରଣ ଅନ୍ତର୍ଭୁକ୍ତ। ବେଦାନ୍ତ ଆଲୁମିନିୟମର ଅନ୍ତର୍ଭୁକ୍ତି ଗୁରୁତ୍ୱପୂର୍ଣ୍ଣ ଇଏସଜି ପରିମାପଗୁଡ଼ିକରେ ଏହାର ନିରନ୍ତର ପ୍ରଗତିକୁ ପ୍ରତିଫଳିତ କରେ। ଏହି ମାନ୍ୟତା ଉପରେ ମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ସ୍ଥାୟୀତା ଇୟରବୁକ୍ ୨୦୨୬ ରେ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକର ଶୀର୍ଷ ୧୦% ମଧ୍ୟରେ ସ୍ୱୀକୃତି ପାଇବା ବେଦାନ୍ତ ଆଲୁମିନିୟମ ପାଇଁ ଏକ ମାଇଲଖୁଂଟ। ସ୍ଥାୟୀତ୍ୱ ଆମର ଅଭିବୃଦ୍ଧି ରଣନୀତିର କେନ୍ଦ୍ରବିନ୍ଦୁ, ଯାହା ଆମର ଅଂଶୀଦାରମାନଙ୍କ ପାଇଁ ଆମେ କିପରି ନବସୃଜନ, ପରିଚାଳନା ଏବଂ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରୁ ତାହା ଆକାର ଦିଏ। ଏହି ମାନ୍ୟତା ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ, ଭବିଷ୍ୟତ ପାଇଁ ପ୍ରସ୍ତୁତ ଆଲୁମିନିୟମ ବ୍ୟବସାୟ ଗଠନ କରିବା ଦିଗରେ କାର୍ଯ୍ୟ କରିବା ସହିତ ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ ଏବଂ ନିରନ୍ତର ଉନ୍ନତି ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରେ। ବେଦାନ୍ତ ଆଲୁମିନିୟମ ଜଳବାୟୁ କାର୍ଯ୍ୟ, ସମ୍ବଳ ଦକ୍ଷତା, ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ଏବଂ ସାମୁଦାୟିକ ବିକାଶ କ୍ଷେତ୍ରରେ ଲକ୍ଷ୍ୟଭିତ୍ତିକ ପଦକ୍ଷେପ ମାଧ୍ୟମରେ ଏହାର ଇଏସଜି କାର୍ଯ୍ୟଦକ୍ଷତାକୁ ନିରନ୍ତର ଭାବରେ ଆଗକୁ ବଢାଇ ଚାଲିଛି ଯଥା- ଆର୍ଥିକ ବର୍ଷ ୨୧ ଠାରୁ ଜିଏଚଜି ନିର୍ଗମନ ତୀବ୍ରତାରେ ୮.୯୬% ହ୍ରାସ, ପ୍ରତି ଟନ୍ ଆଲୁମିନିୟମରେ ନିର୍ଗମନକୁ ୧୭.୦୧ ଟିସିଓ୨ କୁ ହ୍ରାସ କରିଛି, ଏବଂ ଉତ୍ପାଦନ କ୍ଷମତାକୁ ବିସ୍ତାର କରିବା ଜାରି ରଖିଛି। ଆର୍ଥିକ ବର୍ଷ ୨୫ ରେ ୧.୫୭ ବିଲିୟନ ୟୁନିଟ୍ ନବୀକରଣୀୟ ଶକ୍ତି ବ୍ୟବହାର, ୨୦୫୦ ସୁଦ୍ଧା କିମ୍ବା ତା'ପୂର୍ବରୁ ନେଟ୍ ଶୂନ୍ୟକୁ ଏହାର ପଥ ଭାବରେ ୨୦୩୦ ସୁଦ୍ଧା ନବୀକରଣୀୟ କ୍ଷମତାକୁ ୧,୫୦୦ ଗଡ ପର୍ଯ୍ୟନ୍ତ ବୃଦ୍ଧି ସମ୍ପ୍ରଦାୟ ବିକାଶ ପଦକ୍ଷେପଗୁଡ଼ିକ ବର୍ତ୍ତମାନ ଓଡ଼ିଶା ଏବଂ ଛତିଶଗଡ଼ର ୧.୭୫ ନିୟୁତରୁ ଅଧିକ ମହିଳା ଏବଂ ଶିଶୁଙ୍କୁ ପ୍ରଭାବିତ କରୁଛି, ଯାହା ଆଖପାଖ ଅଂଚଳରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା ଏବଂ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମକୁ ବିସ୍ତାର କରୁଛି।

# ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ବିଶ୍ୱ କିଡ୍‌ନୀ ଦିବସ

ଭୁବନେଶ୍ୱର, (ସବ୍ୟୁ): ବୃକକ୍ ଜନିତ ରୋଗର ଉପଯୁକ୍ତ ଚିକିତ୍ସା ଓ ଉପଯୁକ୍ତ ଜୀବନଶୈଳୀ ମାଧ୍ୟମରେ କିଭଳି ମଣିଷ ନିଜକୁ ସୁସ୍ଥ ରଖିପାରିବ ସେ ନେଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍, ଭୁବନେଶ୍ୱର ପକ୍ଷରୁ ଗୁରୁବାର ବିଶ୍ୱ କିଡ୍‌ନୀ ଦିବସ ପାଳିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ମାର୍ଚ୍ଚ ମାସ ଦ୍ୱିତୀୟ ଗୁରୁବାରକୁ ବିଶ୍ୱ କିଡ଼ନୀ ଦିବସ ରୂପେ ପାଳନ କରାଯାଉଥିବା ବେଳେ ଚଳିତ ବର୍ଷର ପ୍ରସଙ୍ଗ 'କିଡ଼ନୀ ହେଲ୍‌ଥ ଫର ଅଲ- କେୟାରିଂ ଫର ପିପୁଲ ପ୍ରୋଟେକ୍ଟସ ଦ ପ୍ଲାନେଟ' ରହିଛି। ପରିବେଶ କିପରି କିଡ଼ନୀ ଉପରେ ପ୍ରଭାବ ପକାଉଛି ଓ କିଡ଼ନୀ ରୋଗର ଚିକିତ୍ସା କିପରି ପରିବେଶକୁ ଦୂଷିତ କରୁଛି ସେ ନେଇ ଏହି ଅବସରରେ ସମ୍ ହସ୍ପିଟାଲ୍‌ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଏ ସମ୍ପର୍କିତ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ମୁଖ୍ୟ ଅତିଥି ଭାବେ



ଯୋଗ ଦେଇ କିଡ୍‌ନୀ ରୋଗ ଏକ ଗୁରୁତର ଶାରୀରିକ ସମସ୍ୟା ବୋଲି କହିଥିଲେ। ଏହି ସମସ୍ୟାରୁ ବାହାରିବା ନିମନ୍ତେ ଜନସାଧାରଣଙ୍କୁ କିଡ଼ନୀ ଜନିତ ରୋଗ ସମ୍ପର୍କରେ ସଚେତନ ହେବାକୁ ପଡ଼ିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ୍ ପ୍ରଫେସର ପୁଷ୍ପରାଜ ସାମନ୍ତସିଂହାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସୁସ୍ଥ କିଡ଼ନୀ ନିମନ୍ତେ ସଚେତନତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସମ୍ ହସ୍ପିଟାଲ୍‌ର ୟୁରୋଲୋଜି ବିଭାଗର ପ୍ରଫେସର (ଡାକ୍ତର) ଦେବବ୍ରତ ସାବତ, ନେଫ୍ରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ବିଶ୍ୱରଞ୍ଜନ ମହାନ୍ତି. ପ୍ରଫେସର (ଡାକ୍ତର) ଦେବ ପ୍ରସାଦ କର, ଆସୋସିଏଟ୍ ପ୍ରଫେସର (ଡକ୍ଟର) ବିଶ୍ୱଜିତ ମିଶ୍ର ଓ ଆସିଷ୍ଟାଂଟ୍ ପ୍ରଫେସର (ଡକ୍ଟର) ଅମୃତା ଦେବୀ ନିଜର ବକ୍ତବ୍ୟ ରଖିଥିଲେ। ସେହିପରି ସମ୍ ହସ୍ପିଟାଲ୍‌ର ଆଡିସନାଲ୍ ନର୍ସିଂ ସୁପରିଟେଣ୍ଡେଣ୍ଟ ଶ୍ରୀମତି ଶୋଭାମଞ୍ଜରୀ ସାମଲ୍ ଓ ଡିଜିଏମ୍ (ଓ) ଶ୍ରୀମତି ପୁଷ୍ପାଞ୍ଜଳୀ ରାଉତ ମଧ୍ୟ ଯୋଗ ଦେଇ ନିଜର ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ହସ୍ପିଟାଲର ସମସ୍ତ ବିଭାଗର ଫ୍ୟାକଲ୍ଟି, ଛାତ୍ରଛାତ୍ରୀ ଓ ଡାକ୍ତରମାନେ ଯୋଗ ଦେଇଥିଲେ। ଶେଷରେ ଡକ୍ଟର ଅମୃତା ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱ କିଡ଼ନୀ ଦିବସ ପରିପ୍ରେକ୍ଷୀରେ ସମ ହସ୍ପିଟାଲ୍ ପକ୍ଷରୁ ଗୁରୁବାର ସକାଳେ ଏକ ସଚେତନତା ୱାକାଥନର ମଧ୍ୟ ଆୟୋଜନ କରାଯାଇଥିଲା।

## ଗ୍ଲୁକୋମା ସଚେତନତା ସପ୍ତାହ

ଭୁବନେଶ୍ୱର, (ସବ୍ୟୁ):ଏଲ ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ (ଏଲଭିପିଇଆଇ) ମାର୍ଚ୍ଚ ୮ ରୁ ୧୪ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଗ୍ଲୁକୋମା ସପ୍ତାହ ପାଳନ କରିବା ପାଇଁ ଏବଂ ବୟସ୍କ ଓ ପିଲା ଉଭୟଙ୍କୁ ଗୋପନ ଭାବରେ ପ୍ରଭାବିତ କରୁଥିବା ଚକ୍ଷୁ ରୋଗ - ଗ୍ଲୁକୋମା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହାର ନେଟୱାର୍କରେ ବ୍ୟାପକ କାର୍ଯ୍ୟକ୍ରମ ଯୋଜନା କରିଛି। ବିଶ୍ୱ ଗ୍ଲୁକୋମା ସପ୍ତାହ (ଡବ୍ଲୁଜିଡବ୍ଲୁ) ହେଉଛି ବିଶ୍ୱ ଗ୍ଲୁକୋମା ଆସୋସିଏସନ୍ (ଡବ୍ଲୁଜିଏ) ଏବଂ ବିଶ୍ୱ ଗ୍ଲୁକୋମା ରୋଗୀ ସଂଘ (ଡବ୍ଲୁଜିପିଏ)ର ଏକ ମିଳିତ ବିଶ୍ୱସ୍ତରୀୟ ପ୍ରୟାସ। ଗ୍ଲୁକୋମା ହେଉଛି ଆଖିରେ ଚାପ ବୃଦ୍ଧି ସହିତ ଜଡିତ ଏକ ସମସ୍ୟା ଏବଂ ଏହା ଅପ୍ଟିକ୍ ସ୍ନାୟୁକୁ କ୍ଷତି ପହଂଚାଇଥାଏ, ଯାହା ଫଳରେ ଚିରଦିନ ପାଇଁ ଅନ୍ଧତ୍ୱ ହୁଏ। ଗ୍ଲୁକୋମା ରୋଗରେ ଅଧିକାଂଶ ଲୋକ ତାଙ୍କର ଚକ୍ଷୁଦୃଷ୍ଟି କମିବା କିମ୍ବା ଅନ୍ଧତ୍ୱ ଆରମ୍ଭ ହେବା ପରେ ମାତ୍ର ରୋଗଟି ଥିବା କଥା ଜାଣି ପାରନ୍ତି। ଗ୍ଲୁକୋମା ଏକ ଜଟିଳ ଅବସ୍ଥା ଏବଂ ଏହା ଏପରି ଏକ ଅବସ୍ଥାକୁ ବୁଝାଏ ଯାହା ଅପ୍ଟିକ୍ ସ୍ନାୟୁ କ୍ଷତି ଏବଂ ଦୃଶ୍ୟ କ୍ଷେତ୍ର କ୍ଷତିର କାରଣ ହୋଇଥାଏ। ବଂଶ, ପରିବାର ଇତିହାସ, ଉଚ୍ଚ ସମୀପ ଦୃଷ୍ଟିଦୋଷ ଏବଂ ବୟସ ଭଳି ଅନ୍ୟାନ୍ୟ କାରଣ ସହିତ ଗ୍ଲୁକୋମା ପାଇଁ ଉଚ୍ଚ ଆଭ୍ୟନ୍ତରୀଣ ଚାପ ଏକ ବିପଦର କାରଣ।ବୈଶ୍ୱିକ ଆକଳନ ଅନୁଯାୟୀ ୨୦୪୦ ସୁଦ୍ଧା ଗ୍ଲୁକୋମା ରୋଗୀଙ୍କ ସଂଖ୍ୟା ୭୬ ନିୟୁତରୁ ୧୧୧.୮କୁ ବୃଦ୍ଧି ପାଇବ, ଯାହା ମଧ୍ୟରୁ ଅଧିକାଂଶ ରୋଗୀ ଆଫ୍ରିକା ଏବଂ ଏସିଆରେ ହେବେ। ଭାରତରେ ପ୍ରାୟ ୧୨ ନିୟୁତ ଲୋକ ଗ୍ଲୁକୋମାରେ ଆକ୍ରାନ୍ତ, ଯେଉଁଥିରେ ବିଳମ୍ବରେ ରୋଗ ନିର୍ଣ୍ଣୟ ଯୋଗୁଁ ଚିରଦିନ ପାଇଁ ଅନ୍ଧତ୍ୱର ହାର ୧୨.୮% ଅଟେ।

# କେୟାର ହସ୍ପିଟାଲ୍ ଭୁବନେଶ୍ୱରରେ ବିଶ୍ୱ କିଡନୀ ଦିବସ

ଭୁବନେଶ୍ୱର,(ସବ୍ୟୁ) : କେୟାର ହସ୍ପିଟାଲ୍ ଭୁବନେଶ୍ୱରରେ ଜନସାଧାରଣଙ୍କୁ କିଡନୀ ସ୍ୱାସ୍ଥ୍ୟ, କିଡନୀ ରୋଗ ନିବାରଣ ଏବଂ ଅଙ୍ଗଦାନର ଗୁରୁତ୍ୱ ଉପରେ ଶିକ୍ଷା ଦେବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ବିଶ୍ୱ କିଡନୀ ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରମୁଖ ନେଫ୍ରୋଲୋଜିଷ୍ଟ, ୟୁରୋଲୋଜିଷ୍ଟ, କିଡନୀ ପ୍ରତିରୋପଣ ରୋଗୀ ଏବଂ ଗଣମାଧ୍ୟମର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଏକ ବିଶେଷ ଆକର୍ଷଣ ଥିଲା ରୋଗୀଙ୍କ ପ୍ରଶଂସାପତ୍ର, ଯେଉଁଠାରେ କେୟାର ହସ୍ପିଟାଲରେ ସଫଳତାର ସହ କିଡନୀ ପ୍ରତିରୋପଣ କରିଥିବା ବ୍ୟକ୍ତିମାନେ ସେମାନଙ୍କର ସଫଳ ଚିକିତ୍ସା ବିଷୟରେ କହିଥିଲେ । ରୋଗୀମାନେ ପ୍ରତିରୋପଣ ପୂର୍ବରୁ ସେମାନେ ସମ୍ମୁଖୀନ ହୋଇଥିବା ଚ୍ୟାଲେଞ୍ଜ ବିଷୟରେ କହିଥିଲେ ଏବଂ ଏହି ପ୍ରକ୍ରିୟା ସେମାନଙ୍କୁ କିପରି ଏକ ସୁସ୍ଥ ଏବଂ ଅଧିକ ପରିପୂର୍ଣ୍ଣ ଜୀବନକୁ ଫେରିବାରେ ସାହାଯ୍ୟ କରିଥିଲା ସେ ବିଷୟରେ କହିଥିଲେ। ଡାକ୍ତର ବିବେକାନନ୍ଦ ପଣ୍ଡା, କ୍ଲିନିକାଲ୍




ନିର୍ଦ୍ଦେଶକ ଏବଂ ଏଚ୍ଓଡି - ନେଫ୍ରୋଲୋଜି ଏବଂ ରେନାଲ୍ ପ୍ରତିରୋପଣ, ଗୁରୁତ୍ୱାରୋପ କରିଥିଲେ ଯେ ସଚେତନତା ଅଭାବରୁ କିଡନୀ ରୋଗ ପ୍ରାୟତଃ ବିଳମ୍ବରେ ଚିହ୍ନଟ ହୁଏ। ସେ ଲୋକଙ୍କୁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଏବଂ କିଡନୀ ସମ୍ବନ୍ଧୀୟ ଜଟିଳତାକୁ ରୋକିବା ପାଇଁ ଏକ ସୁସ୍ଥ ଜୀବନଶୈଳୀ ବଜାୟ ରଖିବାକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ବିବେକାନନ୍ଦ ପଣ୍ଡା, ଡାକ୍ତର ଅଶୋକ ପଣ୍ଡା, ଡାକ୍ତର ସୁଚରିତା ଚକ୍ରବର୍ତ୍ତୀ, ଡାକ୍ତର ସୁମନ୍ତ କୁମାର ମିଶ୍ର ପ୍ରମୁଖ କିଡ୍‌ନୀ ସମସ୍ୟା, ତାର ନିରାକରଣ ଓ ପ୍ରତିରୋପଣ ଉପରେ ସବିଶେଷ ସୂଚନା ଦେଇଥିଲେ। ଶେଷରେ ଏକ ଇଣ୍ଟରଆକ୍ଟିଭ୍ ହୋଇଥିଲା। ଯେଉଁଥିରେ ଡାକ୍ତରମାନେ ବୃକକ ରୋଗ ନିବାରଣ, ପ୍ରତିରୋପଣ ଏବଂ ଅଙ୍ଗଦାନ ସମ୍ବନ୍ଧୀୟ ପ୍ରଶ୍ନ ଗୁଡ଼ିକର ଉତ୍ତର ଦେଇଥିଲେ।

### ଦି ମେଣ୍ଟର ଶିକ୍ଷକ ଏବଂ ଛାତ୍ର ଆପ୍ ଉନ୍ମୋଚିତ

# ସଂଗଠିତ କରିବ ଭାରତର ଶିକ୍ଷାଦାନ ବ୍ୟବସ୍ଥା ଇକୋସିଷ୍ଟମ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର-ଭିତ୍ତିକ ଶିକ୍ଷା ପ୍ଲାଟଫର୍ମ ଦି ମେଣ୍ଟର ଏହାର ଶିକ୍ଷକ ଏବଂ ଅଭିଭାବକ ଆପ୍ ଲଞ୍ଚ୍ ଉନ୍ମୋଚିତ କରିଛି। ଯାହାର ଲକ୍ଷ୍ୟ ଭାରତର ବହୁଳ ଭାବରେ ଅସଂଗଠିତ ଘରୋଇ ଶିକ୍ଷାଦାନ କ୍ଷେତ୍ରରେ ଗଠନ, ସ୍ୱଚ୍ଛତା ଏବଂ ପ୍ରଯୁକ୍ତିବିଦ୍ୟା ଆଣିବା । ଏହି କାର୍ଯ୍ୟକ୍ରମରେ ଶିକ୍ଷକ, ଆକାଂକ୍ଷୀ ଶିକ୍ଷକ ଏବଂ ଶିକ୍ଷା ଉତ୍ସାହୀମାନଙ୍କ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା ଯେଉଁମାନେ ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ପରାମର୍ଶର ପ୍ରବେଶକୁ ଉନ୍ନତ କରିବା ସହିତ ଶିକ୍ଷକମାନଙ୍କୁ ସଶକ୍ତ କରିବା ଉପରେ କେନ୍ଦ୍ରିତ ଏକ ପଦକ୍ଷେପକୁ ପାଳନ କରିବାକୁ ଏକତ୍ରିତ ହୋଇଥିଲେ। ପ୍ରତିଷ୍ଠାତାମାନେ ଶିକ୍ଷକ ସମ୍ପ୍ରଦାୟ ଦ୍ୱାରା ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜଗୁଡ଼ିକୁ ବୁଝିବା ପାଇଁ ୨୦୦୦ ରୁ ଅଧିକ ଶିକ୍ଷକ ଏବଂ ବିଭିନ୍ନ ପୃଷ୍ଠଭୂମିର ଆକାଂକ୍ଷୀ ଶିକ୍ଷକଙ୍କ ସହ ଆଲୋଚନା କରାଯାଇଥିଲା। ଏହି ଆଲୋଚନାଗୁଡ଼ିକ ଛାତ୍ର ଖୋଜିବାରେ ଅସୁବିଧା, ବିଳମ୍ବିତ ଦେୟ, ବୃତ୍ତିଗତ ସ୍ୱୀକୃତିର ଅଭାବ ଏବଂ ଟ୍ୟୁସନ ବୃତ୍ତି ମଧ୍ୟରେ ବୃଦ୍ଧି ପାଇଁ ସୀମିତ ସୁଯୋଗ ଭଳି ସାଧାରଣ ସମସ୍ୟାଗୁଡ଼ିକୁ ପ୍ରକାଶ କରିଥିଲା। ଏହି ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରି, ଦି ମେଣ୍ଟର ଶିକ୍ଷକ ଆପ୍ ଶିକ୍ଷକମାନଙ୍କୁ ଏକ ବୃତ୍ତିଗତ ଏବଂ ସଂରଚିତ ପ୍ଲାଟଫର୍ମ ପ୍ରଦାନ କରିବା ପାଇଁ ବିକଶିତ କରାଯାଇଛି। ଏହି ଆପ୍ ମାଧ୍ୟମରେ, ଶିକ୍ଷକମାନେ ଯାଞ୍ଚ ହୋଇଥିବା ଛାତ୍ରଛାତ୍ରୀଙ୍କ ସହିତ ସଂଯୋଗ କରିପାରିବେ। ସେମାନଙ୍କର ଶିକ୍ଷାଦାନ କାର୍ଯ୍ୟ ପରିଚାଳନା କରିପାରିବେ । ବୃତ୍ତିଗତ ଡକ୍ୟୁମେଣ୍ଟେସନ୍ ସହିତ ସଂରଚିତ ମାସିକ ପେଆଉଟ୍ ପାଇପାରିବେ। ଏହି ପ୍ଲାଟଫର୍ମ ନମନୀୟ ଅଂଶକାଳୀନ ଏବଂ ପୂର୍ଣ୍ଣକାଳୀନ ଶିକ୍ଷାଦାନ ସୁଯୋଗ ମଧ୍ୟ ପ୍ରଦାନ କରିବ। ଏହା ସହିତ ଦି ମେଣ୍ଟର ପ୍ୟାରେଣ୍ଟ ଆପ୍ ଅଭିଭାବକ ଏବଂ ଛାତ୍ରମାନଙ୍କୁ ସେମାନଙ୍କ ଶିକ୍ଷାଗତ ଆବଶ୍ୟକତା ଅନୁଯାୟୀ ସହଜରେ ଯାଞ୍ଚ ହୋଇଥିବା ଶିକ୍ଷକମାନଙ୍କୁ ଖୋଜି ପାଇବାକୁ ସକ୍ଷମ କରିବ।

# ନ୍ୟାୟ ସଂହିତା ପ୍ରଦର୍ଶନୀରେ ଲକ୍ଷ୍ୟାଧିକ ଲୋକ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ଓଡିଶା ପୋଲିସ ଦ୍ୱାରା ଆୟୋଜିତ ନ୍ୟାୟ ସଂହିତା ପ୍ରଦର୍ଶନୀ ସପ୍ତାହେ ବ୍ୟାପି ଚାଲିବା ପରେ ଗୁରୁବାର ଉଦ୍‌ଯାପିତ ହୋଇଛି । ସପ୍ତାହେ ମଧ୍ୟରେ ଲକ୍ଷାଧିକ ଲୋକ ନ୍ୟାୟ ସଂହିତା ପ୍ରଦର୍ଶନୀରେ ଦେଖିବାକୁ ଆସିଥିଲେ । ପ୍ରଦର୍ଶନୀ ଲୋକଙ୍କ ମଧ୍ୟରେ ଆଇନ ସଚେତନତା ଓ କମ୍ୟୁନିଟି ପୋଲିସିଂ ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିଛି । ପ୍ରଦର୍ଶନୀ ଶେଷ ଦିନରେ ଓଡିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଡାକ୍ତର ମନୋଜ କୁମାର ସାହୁ, ମୁଖ୍ୟମନ୍ତ୍ରୀଙ୍କ ସଚିବ ସାଶ୍ୱତ ମିଶ୍ର, ଶ୍ରମ ଓ ଇଏସ୍ଆଇ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଚିତ୍ରା ଅରୁମୁଗମ ଏବଂ ଲୋକପ୍ରିୟ ଅଭିନେତା ସବ୍ୟସାଚୀ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ । ଶେଷ ଦିନରେ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ଆରପିଏଫ୍, ସିଆଇଏସଏଫ୍ ଓ ସିଆରପିଏଫର କର୍ମଚାରୀ ଓ ତାଙ୍କ ପରିବାର ସଦସ୍ୟମାନେ ଯୋଗ ଦେଇ ଭାରତର ନୂତନ ନ୍ୟାୟ ବ୍ୟବସ୍ଥା ବିଷୟରେ ଅବଗତ ହୋଇଥିଲେ । ଉଲ୍ଲେଖଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଦୁଇଦିନ ସମୟ ବଢାଯାଇଥିବା ଏହି ପ୍ରଦର୍ଶନୀ ନୂତନ ଆଇନ ଭାରତୀୟ ନ୍ୟାୟ ସଂହିତାକୁ ଲୋକଙ୍କ ମଧ୍ୟରେ ସରଳ ଭାବରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଇଛି । ଏହି ଆଇନ ୧ ଜୁଲାଇ ୨୦୨୫ ଠାରୁ ଔପନିବେଶିକ ଯୁଗର ପୁରୁଣା ଆଇନକୁ ପରିବର୍ତ୍ତନ କରି ଏକ ଅଧିକ ପାରଦର୍ଶୀ କାର୍ଯ୍ୟ କୁଶଳ ଓ ନାଗରିକମୁଖୀ ନ୍ୟାୟ ବ୍ୟବସ୍ଥା ଗଢି ତୋଳିଛି ।

### ସଦ୍‌ଗୁରୁ ହସ୍ପିଟାଲ୍ ପକ୍ଷରୁ ବିଶ୍ୱ କିଡ୍‌ନୀ ଦିବସ

# ଅଙ୍ଗଦାନ ପାଇଁ କଲେ ସଚେତନ

କଟକ, ( ସବ୍ୟୁ):ବିଶ୍ୱ କିଡନୀ ଦିବସ ଅବସରରେ ସଦଗୁରୁ ହସ୍ପିଟାଲ ଓ ସଦଗୁରୁ କଲେଜ୍ ଅଫ୍ ନର୍ସିଂ ଏବଂ ଆଲାଇଡ୍ ସାଇନ୍ସସ୍ ଦ୍ୱାରା ରୋଟାରି କ୍ଲବ୍ ଅଫ୍ କଟକ ଗୋଲ୍ଡେନ୍ ଷ୍ଟାରର ମିଳିତ ସହଯୋଗରେ ଅଙ୍ଗଦାନ ସମ୍ପର୍କିତ ଏକ ସଚେତନତା ସେମିନାର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ଆରମ୍ଭ ସଦଗୁରୁ ହସ୍ପିଟାଲରୁ ସଦଗୁରୁ କଲେଜ୍ କ୍ୟାମ୍ପସ ପର୍ଯ୍ୟନ୍ତ ଏକ ସଚେତନତା ରାଲି ସହ କରାଯାଇଥିଲା। ଏହି ରାଲିରେ ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ଓ କର୍ମଚାରୀ ଅଂଶଗ୍ରହଣ କରି ଅଙ୍ଗଦାନର ଗୁରୁତ୍ୱ ସମ୍ପର୍କରେ ସମାଜକୁ ସଚେତନ କରିଥିଲେ। ଏହା ସହ ଛାତ୍ରଛାତ୍ରୀମାନେ ଅଙ୍ଗଦାନର ମହତ୍ତ୍ୱ ଉପରେ ଏକ ସଚେତନତାମୂଳକ ନାଟକ ପ୍ରଦର୍ଶନ କରିଥିଲେ, ଯାହା ଉପସ୍ଥିତ ଅତିଥି ଓ ଦର୍ଶକମାନଙ୍କର ପ୍ରଶଂସା ସାଉଁଟି ଥିଲା। ସେମିନାରକୁ ସଦଗୁରୁ କଲେଜ୍‌ର ବିଭାଗୀୟ ମୁଖ୍ୟ ଡା. ପ୍ରୀତିମୟୀ ବେହେରା ଉଦ୍ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଡା. ଚଣ୍ଡୀ ଦାଶ, ଅତିଥି ଭାବେ ରୋଟାରିୟାନ୍ ମନୋଜ ତ୍ରିପାଠୀ, ଦିଲୀପ କୁମାର ସାମନ୍ତରାୟ ଓ ସୁକାନ୍ତ କୁମାର ସ୍ୱାଇଁ



ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରୋଟାରିୟାନ୍ ଡା. ଶଶିଭୂଷଣ ଅଧକ୍ଷତା କରିଥିଲାବେଳେ, ସଦଗୁରୁ ହସପିଟାଲର ପରିଚାଳନା ନିର୍ଦ୍ଦେଶକ ଡ଼ାକ୍ତର ପ୍ରଦୀପ ମହାନ୍ତି କିଡ଼ିନୀ ରୋଗ ଜନିତ ସମସ୍ୟାର ସମାଧାନ ପାଇଁ ଅଙ୍ଗଦାନ ଜରୁରୀ ହୋଇ ପଡ଼ିଛି । ଜଣେ ଅଙ୍ଗଦାନ କଲେ କିପରି କିପରି ୮ ଜଣଙ୍କ ଅମୂଲ୍ୟ ଜୀବନ ବଞ୍ଚି ଯାଉଛି ସେ ସଂକ୍ରାନ୍ତରେ ସଚେତନ ବାର୍ତ୍ତା ବାଣ୍ଟିବା ଦରକାର ବୋଲି ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅଙ୍ଗଦାନରେ ଅବଦାନ ରଖିଥିବା କିଛି ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ମନୋରଞ୍ଜନ ପଣ୍ଡା ନିଜ ଭାଇଙ୍କୁ କିଡନୀ ଦାନ କରିଥିବା ପାଇଁ ସମ୍ମାନିତ ହେଲେ। ସେହିପରି ନିଜ ମାଆଙ୍କଠାରୁ କିଡନୀ ପ୍ରତ୍ୟାରୋପଣ ପାଇଥିବା ବ୍ୟକ୍ତିଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ତଦୁପରି ଦେହାନ୍ତ ପରେ ଲିଭର, ଆଖି ଓ ଅନ୍ୟାନ୍ୟ ଅଙ୍ଗ ଦାନ କରିଥିବା ନିରଞ୍ଜନଙ୍କ ପରିବାରକୁ ମଧ୍ୟ ସମ୍ମାନ ଜଣାଯାଇଥିଲା। ପରବର୍ତ୍ତୀ ଅଧିବେଶନରେ ଡା. ରୁଦ୍ରାସିସ ସାମଲ ଓ ଆଡଭୋକେଟ୍ ପ୍ରଭୁ ପ୍ରସନ୍ନ ବେହେରା କିଡନୀ ସ୍ୱାସ୍ଥ୍ୟ, ଅଙ୍ଗ ପ୍ରତ୍ୟାରୋପଣ ଓ ଅଙ୍ଗଦାନର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ରୋଟେରିଆନ୍ ଟ୍ୱିଙ୍କଲ୍ କୋଟେଚା (ସଚିବ), ରୋଟେରିଆନ୍ ଆଇପିପି ଏସିଷ୍ଟାଣ୍ଟ ଗଭର୍ନର ବିପିନ୍ ବିହାରୀ ପଣ୍ଡା, ରୋଟେରିଆନ୍ ରୀତା ଦାସ, ରୋଟେରିଆନ୍ ବିରଜା ପ୍ରସାଦ ସ୍ୱାଇଁ, ରୋଟେରିଆନ୍ ବିପ୍ରଚରଣ ସାହୁ, ରୋଟେରିଆନ୍ ପ୍ରୀତିଶ ମହାନ୍ତି ଓ ରୋଟେରିଆନ୍ ଡା. ସୁଲଗ୍ନା ମହାନ୍ତି ଉପସ୍ଥିତ ଥିଲେ।ଶେଷରେ ଡା. ରୀତା ଦାସଙ୍କ ଧନ୍ୟବାଦ ଜ୍ଞାପନ କରିଥିଲେ ।

# କୃତ୍ରିମ ଗ୍ୟାସ ସଂକଟ ସୃଷ୍ଟି କରୁଛି ସରକାର: ମହିଳା କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): କଂଗ୍ରେସ ଭବନ ଠାରେ ଗୁରୁବାର ଏକ ଅଭିନବ ଢ଼ଙ୍ଗରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଗ୍ୟାସ ଏବଂ ପେଟ୍ରୋଲ ଦ୍ରବ୍ୟକୁ ନେଇ କେନ୍ଦ୍ର ସରକାରଙ୍କ ଅଭାବି ବିକ୍ରୀ ମସୁଧା ଏବଂ ମୂଲ୍ୟବୃଦ୍ଧି ବିରୋଧରେ କଂଗ୍ରେସ ଦଳର ମୁଖପାତ୍ର ଏବଂ ମହିଳା କଂଗ୍ରେସର ସଦସ୍ୟ ଯୋଗଦେଇ ନିଜ ମତାମତ ଉପସ୍ଥାପନ କରିଥିଲେ । ବରିଷ୍ଠ ମୁଖପାତ୍ର ସୋନାଲି ସାହୁ କହିଥିଲେ, ବିଜେପି ସରକାର ସାଧାରଣ ଜନତାଙ୍କୁ ଏକ ସଂକଟମୁହାଁ ପରିସ୍ଥିତି ଆଡକୁ ଟାଣିନେବାକୁ ବାଧ କରୁଛନ୍ତି । ସାରା ଦେଶ ସମେତ ରାଜ୍ୟରେ ଗ୍ୟାସ ପାଇଁ ହାହାକାର ପଡ଼ିଥିବା ବେଳେ ସରକାର ଘରୋଇ ଗ୍ୟାସ ଫିଲିଂ ପିଛା ୬୦ ଟଙ୍କା ଓ ବ୍ୟବସାୟିକ ଫିଲିଂ ପିଛା ୧୧୫ ଟଙ୍କା ବାଇ ଦେଲେ । ଆଜି ଯେତେବେଳେ ଗ୍ୟାସ୍ ଦର ୬୩୯ ଟଙ୍କାରେ ପହଞ୍ଚିଛି, ସେତେବେଳେ ବିଜେପି ଚୁପ୍ କାହିଁକି ବୋଲି ପ୍ରଶ୍ନ କରିଛନ୍ତି । ସରକାର ପ୍ରଥମେ ଗ୍ୟାସ୍ ଫିଲିଂ ଅବଧି ୧୫-୨୧ ଦିନ, ତାପରେ ଏବେ କହିଲେଣି ୨୫ ଦିନ ପୂର୍ବରୁ ବୁକିଂ ହୋଇପାରିବନି । ଖାଲି




ସେତିକି ନୁହେଁ ଗତ ୫ ତାରିଖରୁ ଅର୍ଥାତ ଆଜିକୁ ୮ଦିନ ହେଲାଣି ନାଁ ମୋବାଇଲରେ ବୁକିଂ ହେଉଛି, ନା ହାଟସ୍‌ଆପରେ । ଜାଣିସୁଣି ସରକାର କଳାବଜାରୀ ମାନଙ୍କ ସହିତ ମହିଳାମାନଙ୍କୁ ଶୋଷଣ କରିବାପାଇଁ ଗ୍ୟାସର ଅଭାବୀ ବିକ୍ରିକୁ ବଢ଼ାଇଦେଲେ । ଫଳରେ ଲୋକେ କ,ଳାବଜାରୀରେ ୨୦୦୦ ରୁ ୨୫୦୦ ଟଙ୍କା ଦେଇ ଗ୍ୟାସ ଫିଲିଂ କରିବାକୁ ବାଧ ହେଉଛନ୍ତି । ସାରା ଦେଶରେ ଏବେ ୧ କୋଟି ୯୦ ହଜାର ଘରୋଇ ଗ୍ୟାସ ଉପଭୋକ୍ତା ରହିଛନ୍ତି । ଏଥିମଧ୍ୟରୁ ୫୫ ଲକ୍ଷ ୪୭ ହଜାର ୩୫୭ ଜଣ ଉଜ୍ଜ୍ୱଳା ଗ୍ୟାସ ହିତାଧିକାରୀ ରହିଛନ୍ତି । ରାଜ୍ୟରେ ଦୈନିକ (ଘରୋଇ ଓ ବ୍ୟବସାୟିକ) ହିତାଧିକାରୀମାନେ ହାରାହାରି ୩୭ଲକ୍ଷ କେଜି ଗ୍ୟାସ ବ୍ୟବହାର କରିଥାନ୍ତି । କିନ୍ତୁ ସେପଟେ ରାଜ୍ୟରେ ଥିବା ୯୭୬ ଗ୍ୟାସ ଏଜେନ୍ସିକୁ ସୋମବାର ଠାରୁ କର୍ମସିଆଲ ଟାଙ୍କି ଯୋଗାଣ ବନ୍ଦ । ଫଳରେ ରାଜ୍ୟର ସମସ୍ତ ସହରରେ ଥିବା ପ୍ରାୟ ୧୦,୦୦୦ ରୁ ଉର୍ଦ୍ଧ୍ୱର୍ ରେଷ୍ଟୁରାଣ୍ଟ ବନ୍ଦ । ସମସ୍ତ ଉଠା ଜଳଖିଆ ଦୋକାନ ବନ୍ଦ ୨୦ % ହୋଟେଲ ବନ୍ଦ ହୋଇଛି । ସାମ୍ବାଦିକ ସମ୍ମିଳନୀରେ ମହିଳା କଂଗ୍ରେସ ସଭାପତି ମିନାକ୍ଷୀ ବାହିନୀପତି ବିଜେପି ସରକାରଙ୍କ ନାରୀ ବିରୋଧୀ ମନୋବୃତ୍ତିକୁ ତୀବ୍ର ବିରୋଧ କରିଥିଲେ। ପିସିସି ମୁଖପାତ୍ର ମନୀଷା ଦାସ ପଟ୍ଟନାୟକ, ଜୟଶ୍ରୀ ପାତ୍ର, ଅମ୍ରିତା ଦାସ, ମହିଳା କଂଗ୍ରେସ ଉପସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ କୃତ୍ରିମ ଗ୍ୟାସ ସଂକଟକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଅତିଶୀଘ୍ର ଏହି ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରିଥିଲେ ।

# ଯୁଦ୍ଧ ଶେଷ ପାଇଁ ୩ ସର୍ତ୍ତ ରଖିଲା ଇରାନ



**ତେହେରାନ:** ମଧ୍ୟପ୍ରାଚ୍ୟରେ ଚାଲିଥିବା ମହାଯୁଦ୍ଧ ଆଜି ୧୩ତମ ଦିନରେ ପ୍ରବେଶ କରିଛି। ଇସ୍ରାଏଲ ଓ ଆମେରିକା ମିଳିତ ଭାବେ ଇରାନ ଉପରେ ହମଲା କରୁଥିବା ବେଳେ ତେହରାନ ମଧ ଏହାର ପାଲଟା ଜବାବ ଦେବା ବନ୍ଦ କରିନାହିଁ। ଆମେରିକା ଉପରେ ସିଧାସଳଖ ହମଲା କରିବାରେ ବିଫଳ ହୋଇଥିବା ଇରାନ ମଧ୍ୟପ୍ରାଚ୍ୟରେ ଥିବା ୱାଶିଂଟନର ବିଭିନ୍ନ ବେସକୁ ଟାର୍ଗେଟ କରୁଛି।

ସେହିପରି ବିଶ୍ୱ ବାଣିଜ୍ୟର ପ୍ରମୁଖ ଜଳମାର୍ଗ ହର୍ମୁଜକୁ ବନ୍ଦ କରି ଇରାନ ପୂରା ବିଶ୍ୱର ନିଜ ହଜାଇ ଦେଇଛି। ଆମେରିକା ଓ ଇସ୍ରାଏଲ ତୁଳନାରେ ଇରାନ ଅତ୍ୟନ୍ତ ଦୁର୍ବଳ। ତଥାପି ୧୩ ଦିନ କାଳ ଯୁଦ୍ଧରେ ଇରାନ କେବେ ବି ହାର ମାନିନାହିଁ। ବରଂ ସମୟକ୍ରମେ ନିଜ ଆକ୍ରମଣକୁ ଇରାନ ଆହୁରି ତୀବ୍ର କରୁଛି। ଏହାକୁ ଦେଖି ଆମେରିକା ଓ ଇସ୍ରାଏଲ ମଧ ଛାନିଆ ହେବାରେ ଲାଗିଛନ୍ତି।

ଏସବୁ ଭିତରେ ପ୍ରଥମଥର ପାଇଁ ଇରାନ ପକ୍ଷରୁ ଯୁଦ୍ଧ ବନ୍ଦ କରିବାର ସଙ୍କେତ ଦିଆଯାଇଛି। ଆମେରିକା-ଇସ୍ରାଏଲ ସହ ଯୁଦ୍ଧ ବନ୍ଦ କରିବା ପାଇଁ ୩ଟି ସର୍ତ୍ତ ଉପସ୍ଥାପନ କରିଛି ଇରାନ। ଯଦି ସର୍ତ୍ତଗୁଡ଼ିକ ପୂରଣ ହେବ, ତା'ହେଲେ ଇରାନ ଆଉ ଯୁଦ୍ଧ କରିବ ନାହିଁ। ଏ ସମ୍ପର୍କରେ ଇରାନର ରାଷ୍ଟ୍ରପତି ମାସୌଦ ପେଜେଶକିଆନ।

ତାଙ୍କ କହିବା କଥା ଯେ ଯୁଦ୍ଧକୁ ନେଇ ଯେକୌଣସି ସଂକଳ୍ପ ନିଶ୍ଚିତ ଭାବେ ଇରାନର ସାର୍ବଭୌମତ୍ୱ ଅଧିକାରକୁ ନିଶ୍ଚିତ କରିବ ଓ ଭବିଷ୍ୟତରେ ଯେମିତି ଦେଶ ଉପରେ ଆକ୍ରମଣ କରା ନଯିବ, ତା'ର ଗ୍ୟାରେଣ୍ଟୀ ଦେବ। ସୋଶାଲ ମିଡିଆ ଏକ୍ସରେ ଗୋଟିଏ ପୋଷ୍ଟରେ ପେଜେଶକିଆ ଆହୁରି ଦାବି କରିଛନ୍ତି ଯେ ଯୁଦ୍ଧ ବେଳେ ଇରାନ ସାମ୍ନା କରିଥିବା କ୍ଷତିକୁ ମଧ ଭରଣା କରାଯାଉ।

ସେ କହିଛନ୍ତି, "ରୁଷ ଓ ପାକିସ୍ତାନର ନେତାମାନଙ୍କ ସହ କଥା ବାର୍ତ୍ତା କରିବା ସମୟରେ ମୁଁ ଆଞ୍ଚଳିକ ଶାନ୍ତି ପ୍ରତି ଇରାନର ପ୍ରତିବଦ୍ଧତାକୁ ଦୋହରାଇଛି। ଇହୁଦୀ ଶାସନ ଓ ଆମେରିକା ଦ୍ୱାରା ଉସକା ଯାଇଥିବା ଏହି ଯୁଦ୍ଧକୁ ଶେଷ କରିବାର ଏକମାତ୍ର ଉପାୟ ହେଲା- ଇରାନର ବୈଧ ଅଧିକାରକୁ ମାନ୍ୟତା ଦେବା, ପୁନର୍ଗଠନ ପାଇଁ କ୍ଷତିପୂରଣ ଓ ଭବିଷ୍ୟତରେ ଯେକୌଣସି ଆକ୍ରମଣ ବିରୋଧରେ ଠୋସ ଗ୍ୟାରେଣ୍ଟୀ। ଏହି ୩ ସର୍ତ୍ତ ପୂରଣ ହେଲେ ଇରାନ ଯୁଦ୍ଧ ବନ୍ଦ କରିବ।"ଇରାନୀୟ ରାଷ୍ଟ୍ରପତିଙ୍କ ଯୁଦ୍ଧ ବିରତି ପ୍ରସ୍ତାବ ପୂର୍ବରୁ ଇରାନ ସଶସ୍ତ୍ର ବଳର ମୁଖପାତ୍ର ଅବୋଲଫଜଲ ଶେକାରଚି କହିଥିଲେ ଯେ ଗଲ୍ଫ ଦେଶର କୌଣସି ପୋର୍ଟ, କୌଣସି ଅର୍ଥନୀତିକ ଠିକଣା ଓ କେନ୍ଦ୍ର ଇରାନ ଟାର୍ଗେଟରୁ ବାହାରେ ନାହାନ୍ତି।

## ହର୍ମୁଜ୍ ପ୍ରଣାଳୀ ପାର ହୋଇ ପହଞ୍ଚିଲା ପ୍ରଥମ ତୈଳ ଟ୍ୟାଙ୍କର୍

**ନୂଆଦିଲ୍ଲୀ:** ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବା ବେଳେ ଜଣେ ଭାରତୀୟଙ୍କ ନେତୃତ୍ୱରେ ଲାଇବେରିଆର ପତାକା ଥିବା ଏକ ଅଶୋଧିତ ତୈଳ ଟ୍ୟାଙ୍କର୍ ରଣନୀତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରି ମୁମ୍ବାଇ ବନ୍ଦରରେ ପହଞ୍ଚିଛି। ମୁମ୍ବାଇ ପୋର୍ଟ ଟ୍ରଷ୍ଟ ଅନୁଯାୟୀ, ସାଉଦି ଆରବର ରାସ୍ ତନୁରା ବନ୍ଦରରେ ଅଶୋଧିତ ତୈଳ ବୋଝେଇ ଟ୍ୟାଙ୍କର୍ ସେନଲଙ୍ଗ ସୁଏଜମାକ୍ସ ବୁଧବାର ମୁମ୍ବାଇରେ ପହଞ୍ଚିଥିଲା। ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଓ ତାଙ୍କ ଇରାନ ପ୍ରତିପକ୍ଷ ଅବ୍ବାସ ଆରାଘଚିଙ୍କ ମଧ୍ୟରେ ଆଲୋଚନା ପରେ ଇରାନ ଭାରତୀୟ ତୈଳ ଟ୍ୟାଙ୍କରଗୁଡ଼ିକୁ ହର୍ମୁଜ୍ ଷ୍ଟ୍ରେଟ୍ ଅତିକ୍ରମ କରିବାକୁ ଅନୁମତି ଦେବା ପରେ ଏହି ଜାହାଜ ପହଞ୍ଚିଛି ବୋଲି ସୂତ୍ରରୁ ଜଣାପଡ଼ିଛି। ସମ୍ବେଦନଶୀଳ କରିଡରରେ ଯାତ୍ରା କରିବା ପୂର୍ବରୁ ଲାଇବେରିଆର ପତାକା ଥିବା ଟ୍ୟାଙ୍କର୍ ମାର୍ଚ୍ଚ ୧ରେ ରାସ୍ ତନୁରା ଛାଡିଥିଲା। ହର୍ମୁଜ୍ ପ୍ରଣାଳୀ ହେଉଛି ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଚୋକ୍ପଏଣ୍ଟ ମଧ୍ୟରୁ ଗୋଟିଏ, ଯାହା ବିଶ୍ୱ ଅଶୋଧିତ ତୈଳ ଓ ପ୍ରାକୃତିକ ଗ୍ୟାସ ପରିବହନର ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ। ଫେବୃଆରି ୨୮ରେ ତେହେରାନ ବିରୋଧରେ ଆମେରିକା-ଇସ୍ରାଏଲ ସାମରିକ ଅଭିଯାନ ଆରମ୍ଭ ହେବା ପରଠାରୁ ଇରାନ ହର୍ମୁଜ୍ ପ୍ରଣାଳୀ ଉପରେ ନିୟନ୍ତ୍ରଣ କଡ଼ାକଡ଼ି କରିବା ସହ ଅନେକ ଜାହାଜ ଉପରେ ଆକ୍ରମଣ କରିଛି, ଯାହା ବିଶ୍ୱ ତୈଳ ଯୋଗାଣରେ ସମ୍ଭାବ୍ୟ ବ୍ୟାଘାତ ବିଷୟରେ ଚିନ୍ତା ବଢାଇଛି। ଏହି ମାର୍ଗ ବନ୍ଦ ହେବା ପରେ ବିଶ୍ୱର



ତୃତୀୟ ବୃହତ୍ତମ ତୈଳ ଉପଭୋକ୍ତା ଭାରତକୁ ରୁଷ୍ରୁ ଅଶୋଧିତ ତୈଳ କ୍ରୟ ବୃଦ୍ଧି ସମେତ ବିକଳ୍ପ ଅନୁସନ୍ଧାନ କରିବାକୁ ବାଧ୍ୟ କରିଛି। ଅନ୍ୟପକ୍ଷରେ ବୁଧବାର ଜାହାଜ ଚଳାଚଳ ମନ୍ତ୍ରାଳୟ କହିଛି ଯେ, ପାରସ୍ୟ ଉପସାଗରୀୟ ଅଞ୍ଚଳରେ ବର୍ତ୍ତମାନ ୨୮ଟି ଭାରତୀୟ ପତାକା ଥିବା ଜାହାଜ ଚଳାଚଳ କରୁଛି। ଏଥିମଧ୍ୟରୁ ୬୭୭ ଜଣ ଭାରତୀୟ ନାବିକଙ୍କୁ ନେଇ ୨୪ଟି ଜାହାଜ ହର୍ମୁଜ୍ ପ୍ରଣାଳୀର ପଶ୍ଚିମରେ ଅବସ୍ଥିତ ଥିବାବେଳେ ୧୦୧ ଜଣ ଭାରତୀୟ ନାବିକଙ୍କୁ ନେଇ ଚାରିଟି ଜାହାଜ ଏହାର ପୂର୍ବରେ ଅବସ୍ଥିତ।

## ତୈଳ ଟ୍ୟାଙ୍କର୍ ଉପରେ ଆକ୍ରମଣ ଜଣେ ଭାରତୀୟ ମୃତ

**ନୂଆଦିଲ୍ଲୀ:** ଇରାକ ଉପକୂଳରେ ଗତରାତିରେ ଇରାନ ଦୁଇଟି ତୈଳ ଟ୍ୟାଙ୍କରକୁ ଟାର୍ଗେଟ୍ କରିବା ପରେ ଜଣେ ଭାରତୀୟ ନାଗରିକଙ୍କ ମୃତ୍ୟୁ ଘଟିଛି। ଚାଲିଥିବା ଯୁଦ୍ଧ ମଧ୍ୟରେ ହର୍ମୁଜ୍ ପ୍ରଣାଳୀ ଦେଇ ଏକ ଲିଟର ତେଲ ମଧ ଯିବାକୁ ଦିଆଯିବ ନାହିଁ ବୋଲି ଚେତାବନୀ ଦେବା ପରେ ଇରାନ ପ୍ରଥମ ଥର ପାଇଁ ତୈଳ ଟ୍ୟାଙ୍କରକୁ ସିଧାସଳଖ ଟାର୍ଗେଟ୍ କରିଛି।ଇରାକର ମାର୍ଶଲ ଦ୍ୱୀପପୁଞ୍ଜର ପତାକା ଥିବା ଆମେରିକୀୟ ତୈଳ ଟ୍ୟାଙ୍କର୍ 'ସେଫ୍ସି ବିଷ୍ଣୁ' ଉପରେ ଇରାନର ଏକ ଆତ୍ମଘାତୀ ଡଙ୍ଗା ଆକ୍ରମଣ କରିଥିବା ସୂତ୍ରରୁ ଜଣାପଡ଼ିଛି। ଏହି ଆକ୍ରମଣରେ ନିହତ ହୋଇଥିବା ଭାରତୀୟ ନାଗରିକଙ୍କ ପରିଚୟ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ। ଜାହାଜରେ ଥିବା ଅବଶିଷ୍ଟ ୨୭ ଜଣ କର୍ମଚାରୀଙ୍କୁ ଉଦ୍ଧାର କରାଯାଇ ଦକ୍ଷିଣ ଇରାକର ବସରା ସହରକୁ ନିଆଯାଇଥିଲା।ସୋସିଆଲ ମିଡିଆରେ ପ୍ରସାରିତ ଭିଡିଓରେ ଦେଖାଯାଇଛି ଯେ, ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟିଛି ଏବଂ ଦୁଇଟି ତୈଳ ଟ୍ୟାଙ୍କରରେ ଅଗ୍ନିକାଣ୍ଡ ଘଟିଛି। ମାଲ୍ଟାର ପତାକା ଥିବା ଜେଫିରୋସ୍ ଓ ମାର୍ଶଲ ଦ୍ୱୀପପୁଞ୍ଜର ପତାକା ଥିବା ସେଫ୍ସି ବିଷ୍ଣୁ ନାମକ ଉଭୟ ଟ୍ୟାଙ୍କର ଏକ ଆମେରିକୀୟ କମ୍ପାନିର ମାଲିକାନାରେ ଅଛି। ଟ୍ୟାଙ୍କରଗୁଡ଼ିକ ପ୍ରାୟ ୪୦୦,୦୦୦ ବ୍ୟାରେଲ୍ ଇରାକୀ ଅଶୋଧିତ ତୈଳ ପରିବହନ କରୁଥିବା ଅନୁମାନ କରାଯାଉଛି।

## ୧୬ରେ ଘୋଷଣା ହୋଇପାରେ ୫ ରାଜ୍ୟ ବିଧାନସଭା ନିର୍ବାଚନ

**କୋଲକାତା:** ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଲାଗୁ କରିବାକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ନିର୍ବାଚନ ଆୟୋଗ ମାର୍ଚ୍ଚ ୧୬ରେ ରାଜ୍ୟରେ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିବେ ବୋଲି ଆଶା କରାଯାଉଛି। ଆୟୋଗ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି। ପ୍ରଥମ ପର୍ଯ୍ୟାୟ ଏପ୍ରିଲ ଦ୍ୱିତୀୟ ସପ୍ତାହ ଶେଷରେ କିମ୍ବା ତୃତୀୟ ସପ୍ତାହରେ ହୋଇପାରେ। ବଙ୍ଗଳା ବ୍ୟତୀତ ଅନ୍ୟ ଚାରିଟି ରାଜ୍ୟ ଆସାମ, ତାମିଲନାଡୁ, କେରଳ ଓ ପୁଡୁଚେରୀରେ ବିଧାନସଭା ନିର୍ବାଚନ ପାଇଁ ନିର୍ବାଚନ ଆୟୋଗ ସେହି ଦିନ ତାରିଖ ଘୋଷଣା କରିପାରନ୍ତି।ବଙ୍ଗଳାରେ ଶାସକ ତୃଣମୂଳ କଂଗ୍ରେସ ବ୍ୟତୀତ ବିଜେପି, ସିପିଆଇ(ଏମ୍) ଓ କଂଗ୍ରେସ ସମେତ ଅଧିକାଂଶ ରାଜନୈତିକ ଦଳ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ଇସିଆଇ କର୍ମକର୍ତ୍ତାଙ୍କ ଦୁଇଦିନିଆ ଗସ୍ତ ସମୟରେ ଗୋଟିଏ ପର୍ଯ୍ୟାୟ କିମ୍ବା ସର୍ବାଧିକ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ପରିଚାଳନା କରିବାକୁ ଅନୁରୋଧ କରିଥିଲେ। ପଶ୍ଚିମବଙ୍ଗରେ ଦୁଇଟି ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ କରିବା ଦ୍ୱାରା ନିର୍ବାଚନ ସମ୍ବନ୍ଧୀୟ ହିଂସା ରୋକିବାରେ ସାହାଯ୍ୟ ମିଳିବ, କାରଣ ଦୁର୍ବୃତ୍ତମାନେ ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାକୁ ସମୟ ପାଇବେ ନାହିଁ। ଚୂଡ଼ାନ୍ତ ନିଷ୍ପତ୍ତି ନେବା ପୂର୍ବରୁ ଏହି କାରଣକୁ ମଧ ବିଚାର କରାଯିବ ବୋଲି ଜାତୀୟ ନିର୍ବାଚନ କମିସନର ଜଣେ ଅଧିକାରୀ କହିଛନ୍ତି।

## ସଙ୍କଟରେ ଏଲ୍‌ପିଜି ଡେଲିଭରି ଏଜେଣ୍ଟ

**ନୂଆଦିଲ୍ଲୀ:** ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ବାଣିଜ୍ୟିକ ଏଲ୍ପିଜି ଯୋଗାଣ ବନ୍ଦ କରିଦିଆଯାଇଥିବାରୁ ହୋଟେଲ୍ ଓ ରେସ୍ତୋରାଁଗୁଡ଼ିକରେ ଭୋଜନ ପ୍ରସ୍ତୁତି ବାଧାପ୍ରାପ୍ତ ହୋଇଛି। ତାହା ସିଧାସଳଖ ଭାବେ ସ୍ୱିଗି, ଜୋମାଟୋ ଭଳି ପ୍ଲାଟଫର୍ମ ପାଇଁ ଡେଲିଭରି ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ଉପରେ ପଡ଼ିଛି। ସେମାନଙ୍କ ଜୀବିକା ପ୍ରତି ବଡ଼ ଧରଣର ବିପଦ ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ଗିଗ୍ ଓ ପ୍ଲାଟଫର୍ମ ସେବା କର୍ମଚାରୀ ସଂଘ ପକ୍ଷରୁ ସରକାରଙ୍କୁଠାରୁ ଆର୍ଥିକ ସହାୟତା ଦାବି କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ ବାଣିଜ୍ୟିକ ଏଲ୍ପିଜି ଯୋଗାଣ ବାଧାପ୍ରାପ୍ତ ହେବା ପରେ ରେସ୍ତୋରାଁ, ଢାବା, କ୍ଲାଉଡ୍ କିଚେନ୍, କ୍ୟାଟରିଂ ସେବା ଓ ରାସ୍ତାକଡ଼ରେ ଭୋଜନ ବିକ୍ରି କରୁଥିବା ଷ୍ଟଲ୍ଗୁଡ଼ିକ ବନ୍ଦ ହେବାରେ ଲାଗିଛି। ଫଳରେ ସ୍ୱିଗି ଓ ଜୋମାଟୋ ଭଳି ପ୍ଲାଟଫର୍ମରେ ଖାଦ୍ୟ ବରାଦ ୫୦-୬୦ ପ୍ରତିଶତ ହ୍ରାସ ପାଇଛି। ସଂଘର ପ୍ରବକ୍ତା ନିର୍ମଳ ଗୋରାନା କହିଛନ୍ତି ଯେ ଭୋଜନ ପହଞ୍ଚାଇବା ପାଇଁ ବରାଦ ଆସୁନଥିବାରୁ ଡେଲିଭରି ଏଜେଣ୍ଟମାନେ କାମ ପାଉନାହାନ୍ତି।

### ■ ସଂସଦରେ ବକ୍ତବ୍ୟ ରଖିଲେ ହରଦୀପ

# ଭାରତର ଅଶୋଧିତ ତୈଳ ଯୋଗାଣ ସ୍ଥିତି ସୁରକ୍ଷିତ

**ନୂଆଦିଲ୍ଲୀ:**ପଶ୍ଚିମ ଏସିଆରେ ଜାରି ସଂଘର୍ଷ କାରଣରୁ ବିଶ୍ୱ ଯୋଗାଣ ଶୃଙ୍ଖଳରେ ସୃଷ୍ଟି ହୋଇଥିବା ବାଧା ଦୂର କରିବା ଲାଗି ସରକାର ଗ୍ରହଣ କରିଥିବା ପଦକ୍ଷେପ ସମ୍ପର୍କରେ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପ ସିଂହ ପୁରୀ ଆଜି ଲୋକସଭାରେ ବକ୍ତବ୍ୟ ରଖିଛନ୍ତି। କେନ୍ଦ୍ର ମନ୍ତ୍ରୀ ଦେଶରେ ପେଟ୍ରୋଲିୟମ ଉତ୍ପାଦର ଉପଲବ୍ଧତା ଏବଂ ବର୍ତ୍ତମାନର ଜାଗତିକ ପରିସ୍ଥିତିରେ ଭାରତର ଇନ୍ଧନ ସୁରକ୍ଷାକୁ ସୁନିଶ୍ଚିତ କରିବା ଲାଗି ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସଦନକୁ ଅବଗତ କରାଇଛନ୍ତି। ଆଧୁନିକ ଇନ୍ଧନ ଯୋଗାଣ ଇତିହାସରେ ବିଶ୍ୱ କେବେବି ଏତେ ବଡ଼ ସଙ୍କଟର ସମ୍ମୁଖୀନ ହୋଇନାହ। ୧୩ ଦିନ ପୂର୍ବେ ଇରାନ, ଇସ୍ରାଏଲ ଏବଂ ଆମେରିକା ମଧ୍ୟରେ ଏକ ସାମରିକ ସଂଘର୍ଷ ହର୍ମୁଜ୍ ପ୍ରଣାଳୀ ଦେଇ ଯାତାୟାତ ମାର୍ଗ ବନ୍ଦ କରିଦେଇଥିଲା। ଏହି ମାର୍ଗ ଦେଇ ବିଶ୍ୱର ୨୦ପ୍ରତିଶତ ଅଶୋଧିତ



ତୈଳ, ୨୦ପ୍ରତିଶତ ପ୍ରାକୃତିକ ବାଷ୍ପ ଏବଂ ୨୦ପ୍ରତିଶତ ଏଲପିଜି ପ୍ରବାହିତ ହୋଇଥାଏ। ଇତିହାସରେ ପ୍ରଥମ ଥର ପାଇଁ, ହର୍ମୁଜ୍ ପ୍ରଣାଳୀକୁ ବାଣିଜ୍ୟିକ ପରିବହନ ପାଇଁ ପ୍ରଭାବୀରୂପେ ବନ୍ଦ କରାଯାଇଛି। ଅନ୍ୟ ଦେଶ ତୁଳନାରେ ଭାରତର ଶ୍ରେଷ୍ଠ ପ୍ରତିକ୍ରିୟା ସ୍ପଷ୍ଟ ଭାବରେ ଉଜାଗର ହୋଇଥାଏ।ଆମର ଗୋଟିଏ ପଡ଼ୋଶୀ ଦେଶ ଦୁଇ ସପ୍ତାହ ପାଇଁ ସବୁ ସ୍କୁଲ ବନ୍ଦ କରିଦେଇଛି, ସରକାରୀ କାର୍ଯ୍ୟାଳୟରେ ଚାରି ଦିନିଆ କାର୍ଯ୍ୟ ସପ୍ତାହ ଲାଗୁ କରିଛି, ୫୦ ପ୍ରତିଶତ ସରକାରୀ କର୍ମଚାରୀଙ୍କୁ ଘରୁ କାମ କରିବାକୁ ନିର୍ଦ୍ଦେଶ ଦେଇଛି। ସରକାରୀ ଯାନବାହନ ପାଇଁ ଇନ୍ଧନ ଭତ୍ତା ଅଧା କରିଦେଇଛି ଏବଂ ୬୦ ପ୍ରତିଶତ ସରକାରୀ ଯାନବାହାନ ରାସ୍ତାରୁ ବାହାର କରିଦେଇଛିଛ ଏହି ଦେଶ ନିଜ ଇତିହାସରେ ସବୁଠାରୁ ବଡ଼ ଇନ୍ଧନ ମୂଲ୍ୟ ବୃଦ୍ଧି ଦେଖିଛି। ଗୋଟିଏ ସପ୍ତାହ ମଧ୍ୟରେ ପେଟ୍ରୋଲ ପ୍ରାୟ ୨୦ ପ୍ରତିଶତ ମହଙ୍ଗା ହୋଇଛି। ଅନ୍ୟ ଏକ ପଡ଼ୋଶୀ ଦେଶ ଇନ୍ଧନ ସଞ୍ଚୟ କରିବା ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଶୀଘ୍ର ବନ୍ଦ କରିଦେଇଛି ଏବଂ ଇଦ୍ ଅଲ୍-ଫିତର ଛୁଟିକୁ ସ୍ଥଗିତ ରଖିଛି। ଭାରତର ଅଶୋଧିତ ତୈଳ ଯୋଗାଣ ସ୍ଥିତି ସୁରକ୍ଷିତ ରହିଛି ଏବଂ ସୁରକ୍ଷିତ ପରିମାଣ ହର୍ମୁଜ୍ ପ୍ରଣାଳୀ ମାଧ୍ୟମରେ ପ୍ରାପ୍ତ ପରିମାଣଠାରୁ ଅଧିକ। ପେଟ୍ରୋଲ, ଡିଜେଲ, କିରାସିନି, ଏଟିଏଫ କିମ୍ବା ଇନ୍ଧନ ତେଲର କୌଣସି ଅଭାବ ନାହିଁ। ପେଟ୍ରୋଲ, ଡିଜେଲ, ବିମାନ ଟର୍ବାଇନ୍ ଇନ୍ଧନ, କିରାସିନି ଏବଂ ଇନ୍ଧନ ତେଲର ଉପଲବ୍ଧତା ସମ୍ପୂର୍ଣ୍ଣ ସୁନିଶ୍ଚିତ ରହିଛି। ମନ୍ତ୍ରୀ କହିଛନ୍ତି ଯେ ପ୍ରାଥମିକତା-ଭିତ୍ତିକ ଆବଣ୍ଟନ ମାଧ୍ୟମରେ ପ୍ରାକୃତିକ ବାଷ୍ପ ଯୋଗାଣ ପରିଚାଳିତ ହେଉଛି। ପରିସ୍ଥିତି ତତ୍କାଳ ଆବଶ୍ୟକତାଠାରୁ ବହୁତ ଅଧିକସ୍ଥିର ଅଛି।

## ଗ୍ୟାସ୍ ପାଇପଲାଇନ୍ ଉଡ଼ାଇଲେ ବଲୁଚ ବିଦ୍ରୋହୀ

**ଇସଲାମାବାଦ:** ସାରା ବିଶ୍ୱରେ ଇନ୍ଧନ ସଙ୍କଟ ଘନଉଥିବା ବେଳେ ପାକିସ୍ତାନ ଏବେ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ବଲୁଚିସ୍ତାନର ସ୍ୱାଧୀନତା ପାଇଁ ଲଢୁଥିବା ସଂଗଠନଗୁଡ଼ିକ ପକ୍ଷରୁ କରାଯାଇଥିବା ସିରିଜ୍ ଆକ୍ରମଣରେ ପାକିସ୍ତାନୀ ସେନା ଛତ୍ରଭଙ୍ଗ ଦେଇଥିବା ବେଳେ ଦେଶର ଅର୍ଥନୀତିର ମେରୁଦଣ୍ଡ କୁହାଯାଉଥିବା ଗ୍ୟାସ୍ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି।ବଲୁଚ୍ ରିପବ୍ଲିକାନ୍ ଗାର୍ଡସ୍ (ବିଆରଜି) ବୁଧବାର ସନ୍ଧ୍ୟାରେ ସିନ୍ଧ ପ୍ରଦେଶର କାଶମୋର ଅଞ୍ଚଳରେ ଏକ ଭୟଙ୍କର ବିସ୍ଫୋରଣ କରିଛି। ସୁଇ ଗ୍ୟାସ୍ କ୍ଷେତ୍ରରୁ କରାଚୀକୁ ଇନ୍ଧନ ନେଇଯାଉଥିବା ୩୬ ଇଞ୍ଚର ପ୍ରମୁଖ ପାଇପଲାଇନକୁ ବିସ୍ଫୋରକ ଦ୍ୱାରା ଉଡ଼ାଇ ଦିଆଯାଇଛି। ବିଆରଜି ମୁଖପାତ୍ର ଦୋସ୍ତାଇନ୍ ବଲୁଚ୍ କହିଛନ୍ତି ଯେ, ବଲୁଚିସ୍ତାନର ପ୍ରାକୃତିକ ସମ୍ପଦକୁ ପାକିସ୍ତାନ ସରକାର ଯେଉଁ ଶୋଷଣ କରୁଛନ୍ତି, ଏହା ତାହାର କଡ଼ା ଜବାବ।ଅନ୍ୟପଟେ, ବଲୁଚିସ୍ତାନ ଲିବରେସନ ଫ୍ରଣ୍ଟ (ବିଏଲଏଫ୍) ସେନା ବିରୁଦ୍ଧରେ ଏକ ବଡ଼ ଅପରେସନ ଆରମ୍ଭ କରିଛି। ଟମ୍ପ ଅଞ୍ଚଳର ଆପସି ଖାନଠାରେ ଥିବା ପାକିସ୍ତାନୀ ସାମରିକ ଚେକପୋଷ୍ଟକୁ ଚାରିପଟୁ ଘେରିଯାଇ ବିଏଲଏଫ୍ ଯୋଦ୍ଧାମାନେ ରକେଟ୍, ମୋର୍ଟାର ଓ ସ୍ନାଇପର ରାଇଫଲ୍ରେ ପ୍ରବଳ ଗୁଳିବର୍ଷା କରିଥିଲେ। ଏହି ଭୟଙ୍କର ରକ୍ତପାତରେ ୧୫ ଜଣ ପାକିସ୍ତାନୀ ସୈନିକ ପ୍ରାଣ ହରାଇଥିବା ବେଳେ ଅନେକ ଗୁରୁତର ଆହତ ହୋଇଛନ୍ତି। ସେନା ମୃତଦେହ ଉଦ୍ଧାର କରିବାକୁ ଯାଉଥିବା ସମୟରେ ବିଦ୍ରୋହୀମାନେ ପୂର୍ବରୁ ଖଞ୍ଜିଥିବା ଆଇଇଡି ବିସ୍ଫୋରଣ କରିଥିଲେ, ଯେଉଁଥିରେ ସାମରିକ ଗାଡ଼ି ସହ ଆହୁରି ୪ ଜଣ ସୈନିକଙ୍କ ମୃତ୍ୟୁ ଘଟିଛି।ଏହା ବ୍ୟତୀତ, ତୁରବତ ନିକଟରେ ପଞ୍ଜାବ ପ୍ରଦେଶକୁ ଯାଉଥିବା ଦୁଇଟି ଗ୍ୟାସ୍ ଟ୍ୟାଙ୍କରକୁ ବିଦ୍ରୋହୀମାନେ ନିଆଁ ଲଗାଇ ଭସ୍ମ କରିଦେଇଛନ୍ତି। ଏହି ଘଟଣା ପରେ ପାକିସ୍ତାନର ଶିଳ୍ପାଞ୍ଚଳଗୁଡ଼ିକୁ ଗ୍ୟାସ୍ ଯୋଗାଣ ବନ୍ଦ ହୋଇଯାଇଥିବାରୁ ଦେଶରେ ଏକ ବଡ଼ ଧରଣର ଅର୍ଥନୈତିକ ସଙ୍କଟ ଦେଖାଦେଇଛି।

## ସଂସଦରେ ଅଭିବ୍ୟକ୍ତିର ସ୍ୱାଧୀନତା ଧାର୍ଯ୍ୟ ନିୟମାଧୀନ: ଲୋକସଭା ବାଚସ୍ପତି

**ନୂଆଦିଲ୍ଲୀ:** ସମ୍ବିଧାନ ଓ ସଂସଦର କାର୍ଯ୍ୟ ପ୍ରକ୍ରିୟାକୁ ନିୟନ୍ତ୍ରଣ କରୁଥିବା ନିୟମ ଓ ସ୍ଥାୟୀ ଆଦେଶ ଅଧୀନରେସଂସଦରେ ଅଭିବ୍ୟକ୍ତିର ସ୍ୱାଧୀନତା ସୁନିଶ୍ଚିତ କରାଯାଇଛି ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା ଆଜି ଜୋର୍ ଦେଇ କହିଛନ୍ତି। ସେ କହିଛନ୍ତି ଯେ ନିୟମ ଅଧୀନରେ ସଦନରେ ଭାଷଣ ଦେବା ସମୟରେ ସଦସ୍ୟମାନେ କିପରି ଆଚରଣ କରିବେ ସେ ବିଷୟରେ ବିସ୍ତୃତ ମାର୍ଗଦର୍ଶିକା ରହିଛି। ସଂସଦରେ ବାକ୍ ସ୍ୱାଧୀନତା ସହ ଜଡିତ ସମ୍ବିଧାନର ଧାରା ୧୦୫କୁ ଉଲ୍ଲେଖ କରି ବାଚସ୍ପତି ସ୍ପଷ୍ଟ କରିଛନ୍ତି ଯେ ସମ୍ବିଧାନ ଏହି ସ୍ୱାଧୀନତାକୁ ସଂସଦୀୟ ନିୟମର ପରିସର ମଧ୍ୟରେ ସ୍ଥାନିତ କରେ। ତାଙ୍କୁ ପଦରୁ ହଟାଇବା ଲାଗି ଦାବି ପ୍ରସ୍ତାବ ଉପରେ ବିତର୍କ ସମାପ୍ତ ହେବାର ଗୋଟିଏ ଦିନ ପରେ ସଂସଦକୁ ସମ୍ବୋଧିତ କରି ବାଚସ୍ପତି



କହିଛନ୍ତି, ଗତ ଦୁଇ ଦିନ ଧରି ଗୃହରେ ବାର ଘଣ୍ଟାରୁ ଅଧିକ ଆଲୋଚନା ହୋଇଛି, ଯେଉଁ ସମୟରେ ବିଭିନ୍ନ ଦଳର ସଦସ୍ୟମାନେ ସେମାନଙ୍କର ମତ, ଯୁକ୍ତି ଏବଂ ଚିନ୍ତା ପ୍ରକ କରିଛନ୍ତି। ସେ କହିଛନ୍ତି, "ମୁଁ ପ୍ରତ୍ୟେକ ମାନ୍ୟବର ସଦସ୍ୟଙ୍କ କଥା ଧ୍ୟାନର ସହିତ ଶୁଣିଲି। ମୁଁ ଏହି ସଦନର ସମସ୍ତ ସଦସ୍ୟଙ୍କ ପ୍ରତି ମୋର ହାର୍ଦ୍ଦିକ କୃତଜ୍ଞତା ପ୍ରକାଶ କରୁଛି - ସେମାନେ ସମର୍ଥନରେ ସେମାନଙ୍କର ମତାମତ ପ୍ରକାଶ କରିଥା'ନ୍ତୁ କିମ୍ବା ସମାଲୋଚନା ମାଧ୍ୟମରେ ପରାମର୍ଶ ଦେଇଥା'ନ୍ତୁ। ଏହା ଗଣତନ୍ତ୍ରର ବିଶେଷତ୍ୱ। ଏଠି ପ୍ରତ୍ୟେକ ସ୍ୱର ଶୁଣାଯାଏ ଏବଂ ପ୍ରତ୍ୟେକ ଦୃଷ୍ଟିକୋଣ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ।' ବିତର୍କ ସମୟରେ କହିବାର ସୁଯୋଗକୁ ନେଇ ବ୍ୟକ୍ତ କରାଯାଇଥିବା ଉଦବେଗର ଉତ୍ତରରେ ବାଚସ୍ପତି ସ୍ପଷ୍ଟ କରିଛନ୍ତି ଯେ ସମସ୍ତ ସଦସ୍ୟଙ୍କୁ ଗୃହ ନିୟମାବଳୀରେ ଉଲ୍ଲେଖ କରାଯାଇଥିବା ପ୍ରକ୍ରିୟା ଅନୁସରଣ କରିବାକୁ ପଡିବ। ସେ କହିଛନ୍ତି, "କିଛି ସଦସ୍ୟ ବିଶ୍ୱାସ କରନ୍ତି ଯେ ବିରୋଧୀ ଦଳ ନେତାଙ୍କର ଯେକୌଣସି ସମୟରେ ତାଙ୍କ ପସନ୍ଦର ଯେକୌଣସି ବିଷୟରେ ଠିଆ ହୋଇ କହିବାର ବିଶେଷ ଅଧିକାର ଅଛି।

## ପ୍ରତିଶୋଧ ପାଇଁ ପଣ କଲେ ସୁପ୍ରିମ ଲିଡର

**ତେହେରାନ:** ଇରାନର ନୂଆ ସୁପ୍ରିମ ଲିଡର ମୋଜତାବା ଖାମେନେଇ ଦାୟିତ୍ୱ ନେବା ପରେ ପ୍ରଥମଥର ପାଇଁ ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ନିଜର ବୟାନ ଜାରି କରିଛନ୍ତି। ସେ ଆମେରିକା ଓ ବିଶ୍ୱର ପ୍ରମୁଖ ବାଣିଜ୍ୟକ ଜଳପଥ ହର୍ମୁଜକୁ ନେଇ ନିଜର କଠୋର ଆଭିମୁଖ୍ୟ ପୂରା ଦୁନିଆକୁ ଜଣାଇଛନ୍ତି। ଆମେରିକା ଓ ମଧ୍ୟପ୍ରାଚ୍ୟରେ ଥିବା ଏହାର ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ଧମକ ଦେଇ ମୋଜତାବା କହିଛନ୍ତି ଯେ "ଏହି ଅଞ୍ଚଳରେ ଥିବା ସମସ୍ତ ଆମେରିକୀୟ ବେସ୍କୁ ବନ୍ଦ କରାଯାଉ। ନଚେତ ସେଗୁଡ଼ିକ ଉପରେ ଭୟଙ୍କର ହମଲା ହେବ। ମୁଁ ପରାମର୍ଶ ଦେଉଛି ଯେ ସେମାନେ ନିଜ ଦେଶରେ ଖୋଲିଥିବା ଆମେରିକା ବେସ୍ଗୁଡ଼ିକୁ ତୁରନ୍ତ ବନ୍ଦ କରି ଦିଅନ୍ତୁ। କାରଣ ସେମାନେ ଏବେ ଜାଣି ସାରିଛନ୍ତି ଯେ ସେମାନଙ୍କୁ ଆମେରିକା ଦ୍ୱାରା ଦିଆଯାଇଥିବା ଗ୍ୟାରେଣ୍ଟୀ ମିଛ ଛଡ଼ା ଆଉ କିଛି ନଥିଲା।" ଏପରି ବୟାନକୁ ସ୍ଥାନୀୟ ଗଣମାଧ୍ୟମ ଜରିଆରେ ସାର୍ବଜନୀନ କରାଯାଇଛି।ମୋଜତାବା ନିଜେ ଏହାକୁ ନ ପଢ଼ି ନାହାନ୍ତି। ତାଙ୍କ ବିବୃତିକୁ ଇରାନୀୟ ଟିଭି ଚ୍ୟାନେଲର ଉପସ୍ଥାପକ ପଢ଼ି ସମସ୍ତଙ୍କୁ ଅବଗତ କରାଇଛନ୍ତି। ଆମେରିକା ଓ ଇସ୍ରାଏଲ ସହ ଇରାନର ଯୁଦ୍ଧ ତୀବ୍ର ହେଉଥିବା ବେଳେ ମୋଜତାବାଙ୍କ ଏପରି ବୟାନ ସ୍ଥିତିକୁ ଆହୁରି ଜଟିଳ କରିଛି।

## ଅଧିକ ଶୁଳ୍କ ଲଗାଇବ ଆମେରିକା

**ନୂଆଦିଲ୍ଲୀ:** ଅନୁଚିତ ବାଣିଜ୍ୟ ନୀତି ଗ୍ରହଣ କରିଥିବା ଅଭିଯୋଗ କରି ଆମେରିକା ପକ୍ଷରୁ ଭାରତ ସମେତ ୧୪ଟି ଦେଶ ବିରୋଧରେ ତଦନ୍ତ ଆରମ୍ଭ କରାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କକୁ ସେଠାକାର ସୁପ୍ରିମକୋର୍ଟ ଅସିଦ୍ଧ ଘୋଷଣା କରିବାର କିଛି ଦିନ ପରେ ଆମେରିକା ସରକାର ଏହି ପଦକ୍ଷେପ ନେଇଛନ୍ତି। ଏହି ଦେଶଗୁଡ଼ିକ ଉପରେ ଆମେରିକା ଅଧିକ ଶୁଳ୍କ ଲଗାଇବା ଆଶଙ୍କା ଦେଖାଦେଇଛି। ଆମେରିକାତ ତରଫରୁ ୟୁରୋପୀୟ ସଂଘ, ଚୀନ, ମେକ୍ସିକୋ, ଭିଏତନାମ, ତାଇୱାନ, ଥାଇଲ୍ୟାଣ୍ଡ, ଜାପାନ, ଭାରତ, ଦକ୍ଷିଣ କୋରିଆ, ସ୍ୱିଜରଲ୍ୟାଣ୍ଡ, ମାଲେସିଆ, ଇଣ୍ଡୋନେସିଆ, କାମ୍ବୋଡିଆ, ବାଂଲାଦେଶ, ନରୱେ ଓ ସିଙ୍ଗାପୁର ବିରୋଧରେ ତଦନ୍ତ ଆରମ୍ଭ



କରାଯାଇଛି।ଆମେରିକା ଅଭିଯୋଗ କରିଛି ଯେ ଏହି ଦେଶଗୁଡ଼ିକ ଅତ୍ୟଧିକ ସାମଗ୍ରୀ ଉତ୍ପାଦନ କରୁଛନ୍ତି। ସେମାନେ ଗ୍ରହଣ କରିଥିବା ନୀତି ପାଇଁ ଆମେରିକୀୟ ନିର୍ମାତାମାନେ କ୍ଷତି ସହୁଛନ୍ତି। ଏହି ସବୁ ଦେଶ ଆମେରିକାକୁ ଅଧିକ ଜିନିଷ ପଠାଉଥିବା ବେଳେ ସେଠାରୁ କମ୍ ଜିନିଷ ମଗାଉଛନ୍ତି। ୧୯୭୪ର ବାଣିଜ୍ୟ ଆଇନର ଧାରା ୩୦୧ ଅଧୀନରେ ଏହି ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏହି ଆଇନ ଆମେରିକା ସରକାର ସରକାରଙ୍କୁ ଅନୁଚିତ ବ୍ୟବସାୟ ଅଭ୍ୟାସ ଗ୍ରହଣ କରିଥିବା ଦେଶଗୁଡ଼ିକ ଉପରେ ଶୁଳ୍କ ଓ ଅନ୍ୟାନ୍ୟ ଦଣ୍ଡ ଲାଗୁ କରିବାର କ୍ଷମତା ଦେଇଛି। ଆମେରିକାର ବାଣିଜ୍ୟ ପ୍ରତିନିଧି ଜାମିସନ ଗ୍ରିଅର କହିଛନ୍ତି ଯେ ଧାରା ୩୦୧ ଅଧୀନ ତଦନ୍ତ ଫଳରେ ଆସନ୍ତା ଗ୍ରୀଷ୍ମ ଋତୁ ସୁଦ୍ଧା ଚୀନ, ୟୁରୋପୀୟ ସଂଘ, ଭାରତ, ଜାପାନ, ଦକ୍ଷିଣ କୋରିଆ ଓ ମେକ୍ସିକୋ ଭଳି ଦେଶ ଉପରେ ନୂଆ ଶୁଳ୍କ ଲାଗୁ କରାଯାଇପାରେ। ଭାରତ ସରକାରଙ୍କ ସହ ଏକ ଅନ୍ତରୀଣ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବାକୁ ଆମେରିକା ପ୍ରୟାସ କରୁଛି। ଉଭୟପକ୍ଷ ଆଲୋଚନା ଜାରି ରଖିଥିଲେ। ମାତ୍ର ଆମେରିକା ସୁପ୍ରିମକୋର୍ଟ ଶୁଳ୍କକୁ ଅସିଦ୍ଧ ଘୋଷଣା କରିବା ପରେ ଆଲୋଚନା ଅଟକିଯାଇଛି। ଏହି ଘଟଣା ପରେ ଟ୍ରମ୍ପ ଦୁଇ ପର୍ଯ୍ୟାୟରେ ବିଭିନ୍ନ ଦେଶ ଉପରେ ୧୫ ପ୍ରତିଶତ ଶୁଳ୍କ ଲଗାଇଛନ୍ତି।

## ଇରାନ ଯୁଦ୍ଧ: ଅଣ୍ଡା ବେପାର ପ୍ରଭାବିତ

**ନୂଆଦିଲ୍ଲୀ:** ଯୁଦ୍ଧକୁ ନେଇ ସୃଷ୍ଟି ହୋଇଥିବା ଉତ୍ତେଜନା ଉପସାଗରୀୟ ଦେଶଗୁଡ଼ିକୁ ଭାରତର ଅଣ୍ଡା ରପ୍ତାନିକୁ ବନ୍ଦ କରିଦେଇଛି, ଯାହା ଫଳରେ ଦେଶରେ ଅଣ୍ଡା ଦର ଯଥେଷ୍ଟ ହ୍ରାସ ଘଟିଛି। ଜାତୀୟ ଅଣ୍ଡା ସମନ୍ୱୟ କମିଟି (ଏନ୍ଇସିସି) ଅନୁଯାୟୀ, ଗତ କିଛି ସପ୍ତାହ ମଧ୍ୟରେ ସମଗ୍ର କର୍ଣ୍ଣାଟକରେ ଅଣ୍ଡା ମୂଲ୍ୟରେ ବଡ଼ ଧରଣର ହ୍ରାସ ଘଟିଛି। ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ପ୍ରତି ଅଣ୍ଡାର ମୂଲ୍ୟ ୭.୦୬ ଟଙ୍କାରୁ ହ୍ରାସ ପାଇ ୪.୬୦ ଟଙ୍କା ହୋଇଛି। ଏହି କାରଣରୁ ବ୍ୟବସାୟୀମାନେ ଚିନ୍ତିତ ଅଛନ୍ତି। ଉପସାଗରୀୟ ଦେଶଗୁଡ଼ିକୁ ଅଣ୍ଡା ରପ୍ତାନି ବନ୍ଦ ହୋଇଯାଇଛି। ଏନ୍ଇସିସିର ସେଲ୍ସ ପ୍ରମୋସନ ଅଫିସର ଭି. ଶେଷନାରାୟଣ କହିଛନ୍ତି ଯେ କର୍ଣ୍ଣାଟକ ପ୍ରତିଦିନ ୨.୨କୋଟି ଅଣ୍ଡା ଉତ୍ପାଦନ କରିଥାଏ। ଯେଉଁଥିରେ ହୋସପେଟ୍ ସର୍ବାଧିକ ଉତ୍ପାଦକ, ଏହା ପରେ ମହୀଶୂର। ତାମିଲନାଡୁର ନମକ୍କାଲରେ ଥିବା ଏକ ପ୍ଲାଣ୍ଟକୁ ରପ୍ତାନି ପାଇଁ ପଠାଯାଇଥାଏ। ଯୁଦ୍ଧ ଆରମ୍ଭ ହେବା ଦିନ, ମହୀଶୂରରୁ ନମାକ୍କାଲକୁ ୪.୭ ଲକ୍ଷ ଅଣ୍ଡା ନେଇ ଯାଉଥିବା ଏକ କଣ୍ଟେନରକୁ ଅଧାବାଟରୁ ଫେରିବାକୁ ପଡିଥିଲା। ନମାକ୍କାଲ ସାଧାରଣତଃ ପ୍ରତିଦିନ ଉପସାଗରୀୟ ଦେଶଗୁଡ଼ିକୁ ପ୍ରାୟ ୭୦ ଲକ୍ଷରୁ ୧ କୋଟି ପର୍ଯ୍ୟନ୍ତ ବହୁ ପରିମାଣର ଅଣ୍ଡା ରପ୍ତାନି କରିଥାଏ। ତଥାପି, ବର୍ତ୍ତମାନର ଯୁଦ୍ଧ ପରିସ୍ଥିତି ଯୋଗୁଁ, ରପ୍ତାନି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଉତ୍ପାଦକମାନେ



ଅତିରିକ୍ତ ଅଣ୍ଡାକୁ ଶୀତଳ ଭଣ୍ଡାରରେ ସଂରକ୍ଷଣ କରୁଛନ୍ତି, ଯେଉଁଠାରେ ସେଗୁଡ଼ିକୁ ତିନି ମାସ ପର୍ଯ୍ୟନ୍ତ ସଂରକ୍ଷଣ କରାଯାଇପାରିବ। ତେବେ ଏଥିପାଇଁ ବହୁ ଟଙ୍କା ଖର୍ଚ୍ଚ ହେଉଛି।ତେଲେଙ୍ଗାନାରେ ଅଣ୍ଡା ମୂଲ୍ୟ ହ୍ରାସ ପାଇଛି। ଦୁଇ ମାସ ପୂର୍ବେ ପ୍ରତି ଅଣ୍ଡା ପିଛା ଖୁଚୁରା ମୂଲ୍ୟ ୮ ଟଙ୍କାରେ ପହଞ୍ଚିଥିଲା, କିନ୍ତୁ ଏବେ ପ୍ରାୟ ଅଧା ହୋଇଯାଇଛି। ବ୍ୟବସାୟୀ ଏବଂ ଚାଷୀମାନେ ରିପୋର୍ଟ କରିଛନ୍ତି ଯେ ରପ୍ତାନି ଚାହିଦା ଏବଂ ସ୍ଥାନୀୟ ବ୍ୟବହାର ଏକକାଳୀନ ଦୁର୍ବଳ ହୋଇଥିବାରୁ ସେମାନଙ୍କର ଲାଭ ହ୍ରାସ ପାଉଛି। ସାଧାରଣତଃ ବର୍ଷସାରା ଅଣ୍ଡା ମୂଲ୍ୟ ୫ ରୁ ୬ ମଧ୍ୟରେ ରହିଥାଏ। କେତେକ ସମୟରେ ଏହା ୭ ଟଙ୍କା ପର୍ଯ୍ୟନ୍ତ ମଧ ପହଞ୍ଚିଥାଏ। କିନ୍ତୁ, ବଜାର ମୂଲ୍ୟ ବର୍ତ୍ତମାନ ୩.୫୦କୁ ହ୍ରାସ ପାଇଛି, ଯାହା ଫଳରେ ପ୍ରତି ଅଣ୍ଡାରେ ପ୍ରାୟ ୧.୫୦ ଟଙ୍କା କ୍ଷତି ହେଉଛି। ତେଲେଙ୍ଗାନା ଅଣ୍ଡା ସାଧାରଣତଃ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, କେରଳ ଏବଂ କର୍ଣ୍ଣାଟକରୁ ପଠାଯାଇଥାଏ। ଏହା ସହିତ ପଶ୍ଚିମ ଏସିଆ ଏବଂ ଆଫ୍ରିକାର ୪୦ଟି ଦେଶକୁ ରପ୍ତାନି କରାଯାଇଥାଏ।

# ହାର୍ଦ୍ଦିକଙ୍କ ନାଁରେ ଜାତୀୟ ପତାକାକୁ ଅସମ୍ମାନ ଅଭିଯୋଗ

ନୂଆଦିଲ୍ଲୀ,୧୨।୩(ଏଜେନ୍ସି): ଭାରତୀୟ ଅଲରାଉଣ୍ଡ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପାଇଁ ଅଡୁଆ ବଢ଼ିଛି। ୨୦୨୪ ଓ ୨୦୨୬ ଟି-୨୦ ବିଶ୍ୱକପ ବିଜେତା ଭାରତୀୟ ଦଳର ହାର୍ଦ୍ଦିକ ପାଣ୍ଡ୍ୟା ବିଶ୍ୱକପ ବିଜୟକୁ ବିବାଦୀୟ ଢ଼ଙ୍ଗରେ ସେଲିବ୍ରେଟ କରିଥିବାରୁ ତାଙ୍କ ନାଁରେ ଏଫଆଇଆର ରୁଜୁ ହୋଇଛି । ପୁନେର ଜଣେ ଆଇନଜୀବୀ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିରୋଧରେ ଏଫଆଇଆର୍ ଦେଇଛନ୍ତି । ସେ ବିଜୟ ଉତ୍ସବ ବେଳେ ଜାତୀୟ ପତାକାକୁ ତାଙ୍କ ସହ ଜାତୀୟ ପତାକାକୁ ଅସମ୍ମାନ କରିଥିବା ଓକିଲ ଜଣଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଆଇନଜୀବୀ ୱାଜିଦ ଖାନ ଶିବାଜୀ ନଗର ପୋଲିସ ଷ୍ଟେସନରେ ବିଧିବଦ୍ଧ ଭାବେ ଅଭିଯୋଗ କରିଛନ୍ତି । ହାର୍ଦ୍ଦିକ ପାଣ୍ଡ୍ୟା ଭାରତୀୟ ଦଳର ବିଜୟ ପରେ ଜାତୀୟ ପତାକାକୁ ପିଠିରେ ପକାଇଥିଲେ। ଏହାପରେ ବେକର ଗୁଡାଇ ବାନ୍ଧବୀ ମାହିକା ଶର୍ମାଙ୍କ ସହ ବିବାଦୀୟ ଆଚରଣ ପ୍ରଦର୍ଶନ କରିଥିଲେ। ମାଇକାଙ୍କ ସହ ପତାକାକୁ ତଳେ ପକାଇ ଷ୍ଟେଜରେ ଶୋଇ ପଡିଥିଲେ। ଏହାବାଦ ସେ ବିଜୟ ଉତ୍ସବ ବେଳେ ଜାତୀୟ ପତାକାକୁ ଆଦୌ ସମ୍ମାନ ଦେଇନଥିଲେ ବୋଲି ଆଇନଜୀବୀ ଅଭିଯୋଗ କରିଛନ୍ତି । ଟି-୨୦ ବିଶ୍ୱକପ ବିଜୟ ସେଲିବ୍ରେସନକୁ ଆପଣମାନେ ଦେଖିଥିଲେ । ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କ ବାନ୍ଧବୀଙ୍କ ସହ ନାଚିବା ତଥା ବିଜୟ ଉତ୍ସବକୁ ଉତ୍ସାହର ସହ ପାଳନ କରିଥିଲେ । ଏହି ସମୟରେ ଜାତୀୟ ପତାକା ତାଙ୍କ ପିଠିରେ ବନ୍ଧା ହୋଇଥିଲା । ୧୯୭୧ ଜାତୀୟ ପତାକା ଆଇନ ଧାରା-୨ ଅନୁଯାୟୀ ଆମକୁ ଜାତୀୟ ପତାକାର ସମ୍ମାନ ମର୍ଯ୍ୟାଦାକୁ ଗୁରୁତ୍ୱ ଦେବାକୁ ପଡିବ । କିନ୍ତୁ ହାର୍ଦ୍ଦିକ ପାଣ୍ଡ୍ୟା ନିଜ ବାନ୍ଧବୀଙ୍କ ସହ ସେଲିବ୍ରେସନରେ ଏପରି ମସଗୁଲ ଥିଲେ ଯେ, ଜାତୀୟ ପତାକାକୁ ସମ୍ମାନ ଦେବାକୁ ଭୁଲି ଯାଇଥିଲେ । ଆଇନଜୀବୀ ଜଣଙ୍କ କହିଛନ୍ତି ମୋର ବିଶ୍ୱାସ ଏପରି ଘଟଣା ଜାତୀୟ ପତାକାକୁ ଅପମାନ । ମୁଁ ଏନେଇ ଶିବାଜୀନଗର ପୋଲିସ ଷ୍ଟେସନରେ ଅଭିଯୋଗ ଦାଖଲ କରିଛି । ଏଫଆଇଆର୍ ସମୟରେ ପୋଲିସ ମୋତେ ଘଟଣା ଯେଉଁଠି ଘଟିଛି ସେଠାରେ ଅଭିଯୋଗ କରିବାକୁ କହିଥିଲେ ହେଲେ ଜାତୀୟ ପତାକା ପୂରା ଦେଶର ପ୍ରତୀକ ହୋଇଥିବାରୁ ମୁଁ ଯୁକ୍ତି କରିଥିଲି। ଏହା ଶୁଣିବା ପରେ ଶିବାଜୀନଗର ପୋଲିସ ମୋ ଅଭିଯୋଗ ରଖିଛି। ଗୋଟିଏ କପି ମଧ୍ୟ ସାଙ୍ଗରେ ଆଣିଛନ୍ତି। ଖୁବ ଶୀଘ୍ର ଏନେଇ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନୋଟିସ କରାଯିବ ।



# ନିମପୁର ଓଡ଼ିଶା-ହାଇଦ୍ରାବାଦ ସେମିଫାଇନାଲ




## ଟିଁଲୋ କପ୍

ଭୁବନେଶ୍ୱର,୧୨।୩(ସବ୍ୟୁ): ଭଦ୍ରକ ଜିଲ୍ଲାର ବନ୍ତ ଅନ୍ତର୍ଗତ ଟିଁଲୋର ହନୁମାନ ଜୀୟୁ ଷ୍ଟାଡିୟମରେ ଚାଲିଥିବା ଟିଁଲୋ କପର ୩୦ତମ ସଂସ୍କରଣର ପ୍ରଥମ ସେମିଫାଇନାଲରେ ନିମପୁର ଓଡ଼ିଶା ଏବଂ ନେକ୍ସେଜ ହାଇଦ୍ରାବାଦ ମୁହାଁମୁହିଁ ହେବେ । ଏହି ମ୍ୟାଚ ଶୁକ୍ରବାର ଖେଳାଯିବ । ଗୁରୁବାର ଅନୁଷ୍ଠିତ ପୁଲ ବି' ପର୍ଯ୍ୟାୟର ଦୁଇଟି ମ୍ୟାଚରେ ନିମପୁର ଓଡ଼ିଶା ଏବଂ ସିଏଜି ଦିଲ୍ଲୀ ବିଜୟଲାଭ କରିଥିଲେ ।

ପ୍ରଥମ ମ୍ୟାଚରେ ସିଏଜି ଦିଲ୍ଲୀ ଟସ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା । ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ବନାରସ ଏମ୍ଏଚ୍କେଏଲ୍ ୨୦ ଓଭରରେ ୯ ୱିକେଟ୍ ହରାଇ ୧୩୦ ରନ୍ କରିଥିଲା । ଆଇୟୁସ-୪୧ ରନ୍ ଓ ରଞ୍ଜିତ ଅଗ୍ରୱାଲ ୩୬ ରନ୍ କରିଥିଲେ । ଜବାବରେ ସିଏଜି ଦିଲ୍ଲୀ ୧୧.୪ ଓଭରରେ ୨ ୱିକେଟ୍ ହରାଇ ୧୩୫ ରନ୍ କରି ଲକ୍ଷ୍ୟ ହାସଲ କରିନେଇଥିଲା । ବେଦାନ୍ତ ଭରଦ୍ୱାଜଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା । ଏହି ମ୍ୟାଚକୁ ଅମ୍ପାୟାର ବିଭୂ ପ୍ରସାଦ ମିଶ୍ର ଏବଂ ସୁଧାଂଶୁ ଶେଖର ଲେଙ୍କା ପରିଚାଳନା କରିଥିଲେ । ଦ୍ୱିତୀୟ ମ୍ୟାଚରେ ନିମପୁର ଓଡ଼ିଶା ୨୮ ରନ୍ ବ୍ୟବଧାନରେ ଏସ୍ପିଜେ କାର୍ଗୋ ଦିଲ୍ଲୀକୁ ପରାଜିତ କରିଥିଲା । ଏହି ଜମାଣିଆ ବିଜୟ ସହ ନିମପୁର ଓଡ଼ିଶା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ନିମପୁର ଓଡ଼ିଶା ୧୮.୫ ଓଭରରେ ୧୪୦ ରନ୍ କରି ଅଲଆଉଟ୍ ହୋଇଥିଲା । ଶୁଭମ ଶତ୍ରୁଜିତ ୨୬, ବିକ୍ରମ କୁମାର ସାମଲ ୨୮ ରନ୍ କରିଥିଲେ । ଜବାବରେ ଏସ୍ପିଜେ କାର୍ଗୋ ଦିଲ୍ଲୀ ବିଶାଳ କାଶ୍ୟପଙ୍କ ୩୬ ରନ୍ ସହାୟତାରେ ୧୭.୧ ଓଭରରେ ୧୧୨ ରନ୍ କରି ଅଲଆଉଟ୍ ହୋଇଥିଲା । ରାମଚରଣ ବେହେରାଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚନା କରାଯାଇଥିଲା । ଅମ୍ପାୟାର ଲଲାଟ କେଶରୀ ନନ୍ଦ ଓ ରଞ୍ଜନ ମହାନ୍ତି ମ୍ୟାଚ ପରିଚାଳନା କରିଥିଲେ ।

# ବୁମରାଙ୍କ ଅଫ କଟର

ଅହମ୍ମଦାବାଦ,୧୨।୩(ଏଜେନ୍ସି): ଭାରତ-ଟି-୨୦ ବିଶ୍ୱକପ ଚାମ୍ପିଅନ ହୋଇଛି । ଏହି ବିଜୟରେ ଭାରତର ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମରାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ବୁମରାଙ୍କ ଅଫକଟର ବୋଲିଂର ଜବାବ ବ୍ୟାଟରଙ୍କ ପାଖରେ ନଥିଲା। ଅନ୍ତର୍ଜାତୀୟ ଟି-୨୦ରେ ଏହି ବୋଲିଂ ଏବେ ଅମୋଘ ଅସ୍ତ୍ର ସାଜିଛି। ଆଇପିଏଲରେ ଅଫକଟର ବୋଲିଂ ଶୈଳୀର ପ୍ରଭାବ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି । ଲେଗ୍ କଟର, ନକଲ ବଲ ଓ ସ୍ଲିଡ୍ ଫିଗର ପରି ବୋଲିଂ ବିକଳ୍ପ ବୋଲି ଥିଲେ ମଧ୍ୟ ଅଫକଟରରେ ବେଶି ସଫଳତା ମିଳୁଛି । ଟି-୨୦ ବିଶ୍ୱକପର ଚଳିତ ସଂସ୍କରଣରେ ଦ୍ରୁତ ବୋଲର ୩୫୭ ରନ୍ ୱିକେଟ୍ ନେଇଥିଲେ । ଏଥିରେ ଅଫକଟରରୁ ୬୮ ୱିକେଟ୍ ମିଳିଥିଲା। ଏଥର ବିଶ୍ୱକପରେ ମୋଟ୍ ୭୯୫ ଅଫକଟର ପକାଯାଇଥିଲା । ଗତ ସଂସ୍କରଣରେ ଅଫକଟର ସଂଖ୍ୟା ୪୮୫ ଥିବା ବେଳେ ଏଥର ବୃଦ୍ଧି ଘଟିଛି । ବୁମରାଙ୍କ ବ୍ୟତୀତ ଲୁଙ୍ଗି ଏନଗିଡି, ଡ୍ୱେନ ବ୍ରାଭୋ, ମୁସ୍ତାଫିଜୁର ରହମାନ ଓ ହର୍ଷାଲ ପଟେଲ ଅଫକଟର ବୋଲିଂ କରିଛନ୍ତି । ଦ୍ରୁତ ବୋଲର ବଲ ଫିଙ୍ଗିବା ପରେ ଏହା ଧିମା ରୁହେ ଏବଂ ଏକପ୍ରକାର ଅଫସ୍ପିନ ସଦୃଶ ୱିକେଟ ଭିତରକୁ ଆସିଥାଏ । ବ୍ୟାଟର ଏଲବିଡବ୍ଲ୍ୟୁ, କ୍ୟାଚ ଏବଂ ବୋଲ୍ଡ ହେବାର ସମ୍ଭାବନା ଅଧିକ ଥାଏ । ନ୍ୟୁଜିଲାଣ୍ଡ ବିପକ୍ଷରେ ବୁମରା ୪ ଓଭରରେ ୧୮ ଟି ବଲ ଅଫ୍ ପକାଇଥିଲେ ।




## ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ
# ଫାଇନାଲରେ ଯୁନିକ୍ ୧୧

ଭଣ୍ଡାରିପୋଖରୀ,୧୨।୩(ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ବୟାବନାପୁର ପଞ୍ଚାୟତ ଚନ୍ଦ୍ରଭାନୁପୁର କ୍ରିକେଟ ପଡିଆରେ ହରମୋହନ ମହାପାତ୍ର ସ୍ମାରକୀ ଅଷ୍ଟମ ବାର୍ଷିକ କ୍ରିକ୍ରେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଚନ୍ଦ୍ରଶେଖର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ମ୍ୟାଚ ଭଦ୍ରକ୍ୟୁନିକ ୧୧ ଓ କଟକ ରାଇଜିଂ ଷ୍ଟାର ଦଳ ମଧ୍ୟରେ ହୋଇଥିଲା । ରାଇଜିଂ ଷ୍ଟାର ଅଧିନାୟକ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୩୬ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସେହେଜାଦା ଖାନ ୯୦ ରନ ବ୍ୟକ୍ତିଗତ ଭାବେ ସ୍କୋର କରିଥିଲେ । ପ୍ରତିପକ୍ଷ ବୋଲର ଶୁଭମ ନାୟକ ୨ ୱିକେଟ ଅକ୍ତିଆର କରିଥିଲେ । ଜବାବରେ ଭଦ୍ରକ୍ୟୁନିକ୍ ଦଳ ୧୭ ଓଭରରେ ୬ ୱିକେଟ ହରାଇ ରନ ୨୩୯ ସଂଗ୍ରହ କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ ସତ୍ୟ ରଞ୍ଜନ ସାମଲ ୭୫ ରନ ଓ ଏମ.ଡି.ସୋହେଲ ୫୫ ରନ ବ୍ୟକ୍ତିଗତ ଭାବେ ସ୍କୋର କରିଥିଲେ । ପ୍ରତିପକ୍ଷ ବୋଲର କୁନ୍ଦନ ଯାଦବ ୩ ଉଇକେଟ ଅକ୍ତିଆର କରିଥିଲେ ।

# ବାହା ହେଲେ ଗୌରବ-କୃତିକା

ମୁମ୍ବାଇ,୧୨।୩(ଏଜେନ୍ସି): ଅଭିନେତ୍ରୀ କୃତିକା କାମୋରା ଏବଂ କ୍ରିକେଟ୍ ପ୍ରେଜେଣ୍ଟର ଗୌରବ କାପୁର ବିବାହ କରିଛନ୍ତି। ଗତ ମାର୍ଚ୍ଚ ୧୧ ସନ୍ଧ୍ୟାରେ ଏହି ଦମ୍ପତ୍ତି ଗ୍ରାଣ୍ଡ ଡେଷ୍ଟିନେସନ ବିବାହ ପରିବର୍ତ୍ତେ ମୁମ୍ବାଇର ବାନ୍ଦ୍ରା ସ୍ଥିତ ସେମାନଙ୍କ ଘରେ ବ୍ୟକ୍ତିଗତ ସମାରୋହ କରିଥିଲେ। ଦୁହେଁ ରେଜେଷ୍ଟ୍ରି ମ୍ୟାରେଜ କରିଛନ୍ତି। ବିବାହରେ କୃତିକା ତାଙ୍କ ମା ଦେଇଥିବା ଉପହାର ଏକ ଲାଲ ଚାନ୍ଦୋରୀଶାଳି ପିନ୍ଧି ଥିଲେ। ଏହି ଶାଢ଼ୀ କୃତିକାଙ୍କ ନିଜସ୍ୱ ବ୍ରାଣ୍ଡ ଦ୍ୱାରା ଡିଜାଇନ କରାଯାଇଥିଲା। ଏହା ପାରମ୍ପରିକ କଳା ଏବଂ ମହିଳା କାରିଗରଙ୍କ ଦ୍ୱାରା ନିଖୁଣ ଭାବେ ପ୍ରସ୍ତୁତ ହୋଇଥିଲା। ଗୌରବ କପୁର ଡିଜାଇନର ରାଘବିନ୍ଦର ରାଠୋରଙ୍କ ଦ୍ୱାରା ହାତୀଦାନ୍ତ ଏବଂ ସୁନା ପାରମ୍ପରିକ ପୋଷାକରେ ସୁନ୍ଦର ଦେଖାଯାଉଥିଲେ। ଦମ୍ପତ୍ତି ସେମାନଙ୍କ ଘର ଛାତରେ ଏକ ଭବ୍ୟ ଭୋଜିର ଆୟୋଜନ କରିଥିଲେ। ଗୌରବଙ୍କ କ୍ରୀଡା ଜଗତର ଘନିଷ୍ଠ ବନ୍ଧୁ ବୀରେନ୍ଦ୍ର ସେହ୍ୱାଗ, ଯୁବରାଜ ସିଂ ଏବଂ ଜାହିର ଖାନ୍ ଏହି ଉପହାରରେ ସାମିଲ ହୋଇଥିଲେ। ମଲାଇକା ଅରୋରା, ନେହା ଧୂପିଆ, ଅଙ୍ଗଦ ବେଦୀ, ପୂଜା ଗୌରୀଙ୍କ ପରି ବ୍ୟକ୍ତି ଯୋଗଦେଇଥିଲେ। ଉଭୟ ଦମ୍ପତ୍ତି ସେମାନଙ୍କ ଖୁସି ବ୍ୟକ୍ତିଗତ କରିଛନ୍ତି। କୃତିକା ଏବଂ ଗୌରବ ବହୁଦିନ ଧରି ଡେଟିଂ କରୁଥିଲେ। ଗତବର୍ଷ ଡିସେମ୍ବରରେ କୃତିକା ଏକ ଫଟୋ ସେୟାର କରି ସେମାନଙ୍କ ସମ୍ପର୍କକୁ ସାର୍ବଜନୀନ କରିଥିଲେ। ସେବେ ଠାରୁ ପ୍ରଶଂସକ ସେମାନଙ୍କ ବିବାହ ପାଇଁ ଉତ୍ସାହିତ ଥିଲେ। ଏହା ଗୌରବଙ୍କ ଦ୍ୱିତୀୟ ବିବାହ। ସେ ୨୦୧୪ରେ ଅଭିନେତ୍ରୀ ଏବଂ ମଡ଼େଲର କିରତ ଭଟ୍ଟଲଙ୍କୁ ବିବାହ କରିଥିଲେ। ୨୦୨୧ରେ ସେମାନଙ୍କ ଛାଡ଼ପତ୍ର ହୋଇଥିଲା। କୃତିକା କରଣ କୁନ୍ଦ୍ରାରଙ୍କୁ ଡେଟ୍ କରୁଥିଲେ। ସେମାନଙ୍କ ସମ୍ପର୍କ ଅଧିକ ଦିନ ତିଷ୍ଠି ନଥିଲା। ଦୁହେଁ ଅଲଗା ହୋଇଯାଇଥିଲେ।



# ଟ୍ରେନରେ ଘରକୁ ଫେରିଲେ କ୍ରିକେଟର

ନୂଆଦିଲ୍ଲୀ,୧୨।୩(ଏଜେନ୍ସି): ଟି-୨୦ ବିଶ୍ୱକପ ଭାରତୀୟ ଦଳର ତାରକା ଅଲରାଉଣ୍ଡର ଶିବମ ଦୁବେ ଏକ ଭିନ୍ନ ଉପାୟରେ ଘରକୁ ଫେରିଛନ୍ତି। ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ନ୍ୟୁଜିଲାଣ୍ଡକୁ ହରାଇ ବିଶ୍ୱ ବିଜୟୀ ହେବାର କିଛି ଘଣ୍ଟା ପରେ ଦୁବେ ଏସସି-୩ ଟାୟାର କୋଚରେ ସାଧାରଣ ଯାତ୍ରୀଙ୍କ ଭଳି ନିଜର ପରିଚୟ ଲୁଚାଇ ମୁମ୍ବାଇ ଯାଇଥିଲେ। ମ୍ୟାଚ ସରିବା ପରେ କୌଣସି ଫ୍ଲାଇଟ ଉପଲବ୍ଧ ନଥିଲା। କାରରେ ଗଲେ ଅଧିକ ସମୟ ଲାଗିବ। ତେଣୁ ସେ ଟ୍ରେନରେ ଯିବାକୁ ନିଷ୍ପତ୍ତି ନେଇଥିଲେ। ନିଜର ୪ ବର୍ଷର ପୁଅ ଆୟାନ ଏବଂ ଦୁଇ ବର୍ଷର ଝିଅ ମେହୱିସଙ୍କୁ ଭେଟିବା ପାଇଁ ସେ ଏତେ ବ୍ୟାକୁଳ ଥିଲେ ଯେ, ସୋମବାର ସକାଳୁ ଅହମ୍ମଦାବାଦରୁ ଟ୍ରେନ ଧରିଥିଲେ। ସକାଳ ୫.୧୦ରେ ଆସିଥିଲା। ଲୋକଙ୍କ ନଜରରୁ ବର୍ତ୍ତିବା ପାଇଁ ସେ ମାସ ଏବଂ ଫୁଲ ସ୍ଲିନ ଟି-ସାର୍ଟ ପିନ୍ଧିଥିଲେ। ଟ୍ରେନ ଛାଡିବାର ମାତ୍ର ୫ ମିନିଟ୍ ପୂର୍ବରୁ ସେ କାରରୁ ବାହାରି ପ୍ଲାଟଫର୍ମରୁ ଆସିଥିଲେ। ସିଧା ନିଜର ଅପର ବର୍ଥ ଛଡି ଯାଇଥିଲେ। ଟିକେଟ ଯାଞ୍ଚ ବେଳେ ଟିକେଟ କଲେକ୍ଟର ଚାର୍ଟରେ ନାମ ଦେଖି ପଚାରି ଥିଲେ ଶିବମ ଦୁବେ, ସେ କିଏ କ୍ରିକେଟର କି ? ଏସମୟରେ ଦୁବେଙ୍କ ପତ୍ନୀ ଅଞ୍ଜୁ ଉପସ୍ଥିତ ବୁଦ୍ଧି ଘଟାଇ ତୁରନ୍ତ କହିଥିଲେ ନାଁ ନାଁ ସେ ଏଠାକୁ କେଉଁଠି ଆସିବ। ଅଞ୍ଜୁଙ୍କ କଥା ଶୁଣି ଟିସିଙ୍କ ଟିକେଟ୍ କଲେକ୍ଟର ସନ୍ଦେହ ଦୂର ହୋଇଥିଲା। ସେ ବୋରି ଭଳି ଷ୍ଟେସନରେ ଓହ୍ଲାଇବା ବେଳେ ଲୋକେ ଘେରି ଯିବାର ଭୟ ଥିଲା। ଏଥିପାଇଁ ସେ ମୁମ୍ବାଇ ପୋଲିସ ସହ ସେ ଯୋଗାଯୋଗ କରିଥିଲେ। ପୋଲିସ ଭାବି ଥିଲା ସେ ଏୟାରପୋର୍ଟ ପହଞ୍ଚିବେ। ପରେ ଟ୍ରେନ କଥା ଶୁଣି ଆଶ୍ଚର୍ଯ୍ୟ ହୋଇଥିଲେ। ପୋଲିସ ଏକ୍ସକଟ ମିଳିବା ଫଳରେ ସେ ସୁରକ୍ଷିତ ଭାବେ ଷ୍ଟେସନରୁ ବାହାରି ଘରେ ପହଞ୍ଚିଥିଲେ। ଫାଇନାଲ ମ୍ୟାଚରେ ଶିବମ ଦୁବେ ଦୁଇଟି ଛକା ଓ ୩ଟି ଚୌକା ମାରି ଦଳ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଗିଲ ପାଇବେ ବର୍ଷର ଶ୍ରେଷ୍ଠ ଖେଳାଳି ପୁରସ୍କାର







ନୂଆଦିଲ୍ଲୀ,୧୨।୩(ଏଜେନ୍ସି): ଟି-୨୦ ବିଶ୍ୱକପ ବିଜୟୀ ଭାରତୀୟ ଦଳରେ ସ୍ଥାନ ପାଇନଥିବା ସତ୍ତ୍ୱେ ଶୁଭମନ ଗିଲ୍ ୨୦୨୫ର ଶ୍ରେଷ୍ଠ ପୁରସ୍କାର ପାଇବେ। ଏହା ସହିତ ପୂର୍ବତନ ଅଧିନାୟକ ତଥା ପ୍ରଶିକ୍ଷକ ରାହୁଲ ଦ୍ରାବିଡଙ୍କୁ ଭାରତୀୟ କ୍ରିକେଟ ପ୍ରତି ତାଙ୍କର ଉଲ୍ଲେଖନୀୟ ଅବଦାନ ଲାଗି କର୍ଣ୍ଣେଲ ସିକେ ନାଇଡୁ । ଜୀବନବ୍ୟାପୀ ସାଧାନ ପୁରସ୍କାର ପ୍ରଦାନ କରାଯିବ। ଆସନ୍ତା ୧୫ ତାରିଖରେ ନୂଆଦିଲ୍ଲୀରେ ଆୟୋଜିତ ହେବାକୁଥିବା ବିସିସିଆଇ ବାର୍ଷିକ ପୁରସ୍କାର ସମାରୋହ 'ନମନ'ରେ ଉଭୟଙ୍କୁ ସମ୍ମାନିତ କରାଯିବ। ସେହିପରି ଘରୋଇ ସୀମିତ ଓଭର କ୍ରିକେଟରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ମୁମ୍ବାଇର ଆୟୁଷ ମାତ୍ରେଙ୍କୁ ଲାଲା ଅମରନାଥ ଶ୍ରେଷ୍ଠ ଅଲରାଉଣ୍ଡ ପୁରସ୍କାର ପ୍ରଦାନ କରାଯିବ। ୨୦୨୫ରେ ଗିଲ ଟେଷ୍ଟରେ ମୋଟ୍ ୯୮୩ ରନ୍ କରିଥିଲେ। ଏହା ମଧ୍ୟରୁ ୭୫୪ ରନ୍ ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ କରିଥିଲେ। ସେହିପରି ଦିନିକିଆରେ ୪୯୦ ରନ୍ କରିଥିଲେ। ଗତବର୍ଷ ସେ ୧୭୬୪ ଅନ୍ତର୍ଜାତୀୟ ରନ୍ କରିଥିଲେ। ଏହା ମଧ୍ୟରେ ୭ଟି ଶତକ, ୩ଟି ଅର୍ଦ୍ଧଶତକ ଥିଲା। ଆଇପିଏଲରେ ସେ ୬୫୦ ରନ୍ କରିଥିଲେ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮ ୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮ ୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

# ଭାରତ ଖେଳିବ ଦୁଇଟି ଶୃଙ୍ଖଳା: ଚୟନ ହେବେ ୩୦ ଖେଳାଳି

ନୂଆଦିଲ୍ଲୀ,୧୨।୩(ଏଜେନ୍ସି): ବିସିସିଆଇ ଏକ କାଳୀନ ଦୁଇଟି ଶୃଙ୍ଖଳା ପାଇଁ ଖେଳାଳି ଚୟନ କରିବା ନିମନ୍ତେ ଯୋଜନା କରୁଛି । ଯଦି ଏହା ହୁଏ ତେବେ ୩୦ ଜଣ ଖେଳାଳିଙ୍କୁ ଚୟନ କରାଯିବ । ୱେଷ୍ଟଇଣ୍ଡିଜ୍ ଗସ୍ତ ଏବଂ ଏସିଆନ ଗେମ୍ସ ପ୍ରାୟତଃ ସମାନ ସମୟରେ ହେବ। ଜାପାନରେ ହେବାକୁଥିବା ଏସିଆନ୍ ଗେମ୍ସରେ ଗୋଟିଏ ଦଳ ୱେଷ୍ଟଇଣ୍ଡିଜ ବିପକ୍ଷ ଶୃଙ୍ଖଳା ପାଇଁ ଆଉ ଏକ ଦଳ ବଛା ଯିବ। ଭାରତ-ଏସିଆନ୍ସ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲା । ଏଥର ଏସିଆନ୍ସ ଗେମ୍ସ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ପୂର୍ବରୁ ଭାରତ ବିରାଟ କୋହଲିଙ୍କ ନେତୃତ୍ୱରେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲ ଉପରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଖେଳିଥିଲା। ଶିଖର ଧାୱନଙ୍କ ନେତୃତ୍ୱରେ ଆଉ ଏକ ଦଳ ଶ୍ରୀଲଙ୍କାରେ ଦିନିକିଆ ଓ ଟି-୨୦ ଶୃଙ୍ଖଳା ଖେଳିଥିଲା । ଭାରତ ନିକଟରେ ଅନେକ ଦକ୍ଷତା ସମ୍ପନ୍ନ ଖେଳାଳି ଥିବାରୁ ଦୁଇଟି ଦଳ ଚୟନ କରିବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ବିସିସିଆଇର ଜଣେ ଅଧିକାରୀ କହିଛନ୍ତି। ଏସିଆନ ଗେମ୍ସରେ ସୂର୍ଯ୍ୟ କୁମାର ଯାଦବ ଭାରତର ନେତୃତ୍ୱ ନେଇପାରନ୍ତି । ରୁତୁରାଜ ଗାଏକ୍ୱାର୍ଡ ଗତ ସଂସ୍କରଣରେ ଏହି ଦାୟିତ୍ୱ ତୁଲାଇଥିଲେ ।




# ଓପି ଜିନ୍ଦଲ ସ୍ମାରକୀ ଭଲିବଲ: ସେରେଣ୍ଡା- ଏ ଚାମ୍ପିଅନ

କେନ୍ଦୁଝର,୧୨।୩ (ଜିପ୍ର) :ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ କାଶିଆ-ଖରେ ଆୟୋଜିତ ଓପି ଜିନ୍ଦଲ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟ ବର୍ଣ୍ଣାଢ଼ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଏମଟିଆରସି ସେରେଣ୍ଡା-ଏ ଟିମ ଚାମ୍ପିଅନ ହୋଇଛି ।ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡ଼ବିଲ ଏସଡିପିଓ ଦେବେନ୍ଦ୍ର କୁମାର ପିଙ୍ଗୁଆ ଯୋଗଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଜିନ୍ଦଲ ଷ୍ଟିଲ ବିକେଟିଆର-କ୍ଲଷ୍ଟର ହେଡ ପ୍ରମୋଦ କୁମାର ପାତ୍ର ଓ ସ୍ଥାନୀୟ ଅଞ୍ଚଳର ପ୍ରମୁଖ ନେତା ସମାଜସେବୀ ଓ ସଞ୍ଜୀବ ପଲେଇ ଯୋଗଦେଇଥିଲେ ।ଏହି ଟୁର୍ଣ୍ଣାମେଣ୍ଟରେ ସେରେଣ୍ଡା, ଭଦ୍ରାସାହି, ଭୂୟାଁ ରୋଇଡ଼ା ପଞ୍ଚାୟତର ମୋଟ ୧୬ଟି ଟିମ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ ଏମଟିଆରସି ସେରେଣ୍ଡା-ଏ ଓ ଭୁଷଗାଁ-ଏ ମଧ୍ୟରେ ହୋଇଥିଲା । ଫାଇନାଲ ମ୍ୟାଚ ଦେଖିବାକୁ ବହୁ ଦର୍ଶକଙ୍କ ଭିଡ଼ ଜମିଥିଲା । ସ୍ଥାନୀୟ ଅଞ୍ଚଳରେ କ୍ରୀଡ଼ାର ପ୍ରସାର ପାଇଁ ଜିନ୍ଦଲ ଫାଉଣ୍ଡେସନର ପ୍ରୋତ୍ସାହନକୁ ସମସ୍ତେ ପ୍ରଶଂସା କରିଥିଲେ । ବିଶେଷ କରି ବିଭିନ୍ନ ସମୟରେ ଏଭଳି କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହେଉଥିବାରୁ ସମସ୍ତେ ଧନ୍ୟବାଦ ଦେଇଥିଲେ ।ପାରିପାର୍ଶ୍ୱିକ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା ଓ ସଂସ୍କୃତିର ବିକାଶ ପାଇଁ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ଉଦ୍ୟମ ଜାରି ରଖିଛି ।



ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି